ବର୍ଷ-୨୫, ସଂଖ୍ୟା-୮୬
ଭୁବନେଶ୍ୱର
୨୯, ମାର୍ଚ୍ଚ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 86
Bhubaneswar
29 March, 2025, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଆୟୋଜକ ଆମ ଟଙ୍କା ନେଇ ପଳାଇଲେ, ଖାଇବାକୁ ବି ଦେଲେ ନାହିଁ: ନେହା

# ମିଆଁମାର ଓ ଥାଇଲାଣ୍ଡରେ ଭୟଙ୍କର ଭୂକମ୍ପ

- ୫୦ ମିନିଟ୍ ଲଗାତାର ୩ ଝଟକାରେ ଦୋହଲିଗଲା ମିଆଁମାର ଓ ଥାଇଲାଣ୍ଡ
- ଭୁଶୁଡ଼ିଲା ବଡ ଅଟ୍ଟାଳିକା, ଭାଙ୍ଗିଗଲା ପୋଲ
- ମୃତ୍ୟୁସଂଖ୍ୟା ୨୦୦ ଟପିଲା, ଶତାଧିକ ନିଖୋଜ







**ବ୍ୟାଙ୍କକ,୨୮।୩(ମହାଭାରତ):** ୫୦ ମିନିଟରେ ୩ ଜୋରଦାର ଭୂମିକମ୍ପ ପରେ ମିଆଁମାର ଓ ଥାଇଲାଣ୍ଡରେ ଧ୍ୱଂସଲୀଳା ସୃଷ୍ଟି ହୋଇଛି। ଭୂକମ୍ପ ଝଟକାରେ ଦୋହଲି ଯାଇଛି ମିଆଁମାର ଓ ଥାଇଲାଣ୍ଡ। ପ୍ରକୃତିର ଏହି ତାଣ୍ଡବଲୀଳାରେ ମିଆଁମାର ଓ ଥାଇଲାଣ୍ଡ ଭୟାବହ ପରିସ୍ଥିତି ଭୟଙ୍କର ଭୂକମ୍ପ ପରେ ସବୁଠି ହାହାକାର, ସବୁଠି ଆର୍ତ୍ତ ଚିତ୍କାର ପୋତି ହୋଇଯାଇଥିବା ଜୀବନ ବଞ୍ଚାଇବା ପାଇଁ ସବୁଠି ପ୍ରାଣ ମୂର୍ଚ୍ଛା ଉଦ୍ୟମ ଚାଲିଥିବା ବେଳେ ମିଆଁମାରର ସାଗାଇଙ୍ଗ୍ ସହରର ଉତ୍ତର-ପଶ୍ଚିମ ଦିଗରୁ ପ୍ରାୟ ୧୬ କିଲୋମିଟର ଗଭୀରତାରେ ଏହି ଭୂକମ୍ପ ସୃଷ୍ଟି ହୋଇଥିଲା। ଯାହାର ତୀବ୍ରତା ଏତେ ଅଧିକ ଥିଲା ଯେ ପଡୋଶୀ ଦେଶ ବାଂଲାଦେଶ, ଚୀନ୍, ଲାଓସ୍ ଏବଂ ଥାଇଲ୍ୟାଣ୍ଡ ମଧ୍ୟ ପ୍ରଭାବିତ ହୋଇଛି।ଏପରିକି ଦିଲ୍ଲୀ ଏନସିଆରରେ ବି ଏହାର କମ୍ପନ ଅନୁଭୂତ ହୋଇଛି। ଭୂକମ୍ପର ଝଟକା ଥରେ କି ଦୁଇ ଥର ନୁହେଁ ତିନି ତିନି ଥର ହୋଇଛି।

ଭୁଶୁଡ଼ି ପଡ଼ିଛି ବଡ଼ବଡ଼ ବ୍ରିଜ ଓ ବିଲଡିଂ୍ଗ ନଭଶ୍ଚୁମ୍ବି କୋଠା ଦୋହଲି ଯାଇଥିବାବେଳେ ସୁଇମିଂ ପୁଲର ଉଚ୍ଛଳା ପାଣିକୁ ଦେଖି ଶତାଧିକ ଲୋକ ଭୂମିରେ ଲୋଟି ପଡ଼ିଛନ୍ତି। ଆତଙ୍କିତ ଅବସ୍ଥାରେ ରାସ୍ତାରେ ଜୀବନ ବିକଳରେ ଅନେକ ଲୋକ ଦୌଡ଼ିଛନ୍ତି। ତାସର ଘର ଭଳି ଭୁଶୁଡ଼ି ପଡ଼ିଛି ବଡ଼ବଡ଼ ଅଟ୍ଟାଳିକା। ଅଟ୍ଟାଳିକା ଠାରୁ ଆରମ୍ଭ କରି ବ୍ରିଜ ଭୁଶୁଡ଼ିବା ବେଳର ଭୟଙ୍କର ଦୃଶ୍ୟ ସମସ୍ତଙ୍କୁ ବିଚଳିତ କରିଛି। କେନ୍ଦ୍ରୀୟ ମିଆଁମାରରେ ଆଜି ବିଧ୍ୱଂସୀ ଭୂକମ୍ପ ପରେ ଏମିତି କିଛି ଘଟଣା ଘଟିଛି। ନର୍ଦ୍ଦନ ବ୍ୟାଙ୍କକ ଓ ଦକ୍ଷିଣ ପଶ୍ଚିମ ଚାଇନା ମଧ୍ୟ ୭ରୁ ଅଧିକ ତୀବ୍ରତାର ଭୂକମ୍ପରେ କ୍ଷତିଗ୍ରସ୍ତ ହୋଇଛି। ଭୟଙ୍କର ଭୂକମ୍ପରେ ମିଆଁମାର ଓ ଥାଇଲ୍ୟାଣ୍ଡ ଏକପ୍ରକାରର ଛିନ୍ନଛତ୍ର ହୋଇ ଯାଇଛି। ବର୍ତ୍ତମାନ ସୁଦ୍ଧା କେବଳ ମିଆଁମାରରେ ୧୮୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ହଜାର ହଜାର ଲୋକ ନିଖୋଜ ହୋଇଯାଇଛନ୍ତି। ସେହିପରି ଥାଇଲ୍ୟାଣ୍ଡ ଓ ଚାଇନାରେ ବି ଅନେକ ଲୋକ ମୃତାହତ ହୋଇଛନ୍ତି।

ପ୍ରଥମେ ୭.୭ ତୀବ୍ରତା ଓ ଏହାପରେ ୭.୨ ତୀବ୍ରତାର ଭୂକମ୍ପ ସବୁ କିଛି ଓଲଟ ପାଲଟ କରି ଦେଇଛି। ମିଆଁମାରର ସାଗାଇଙ୍ଗ ସହର ଠାରୁ ୧୬ କିମି ଦୂରରେ ଭୂକମ୍ପର କେନ୍ଦ୍ର ସ୍ଥଳ ରହିଛି। ମିଆଁମାର ଓ ଥାଇଲ୍ୟାଣ୍ଡରେ ଭୂକମ୍ପର ଭୟଙ୍କର ଝଟକା ଅନୁଭୂତ ହୋଇଥିବା ବେଳେ ଭାରତର ବେଙ୍ଗଲ, ମେଘାଳୟା ଓ ମଣିପୁର ସମେତ ବାଂଲାଦେଶର ଢାକା ଓ ଚଟ୍ଟୋଗ୍ରାମରେ ମଧ୍ୟ ଲୋକମାନେ ମୃଦୁ ଝଟକାରେ ଥରିଛନ୍ତି।

ଆମେରିକା ଜିଓଲୋଜିକାଲ ସର୍ଭେ ପକ୍ଷରୁ କୁହାଯାଇଛି ଯେ ଶୁକ୍ରବାର ସ୍ଥାନୀୟ ୧୨.୫୦ରେ କେନ୍ଦ୍ରୀୟ ମିଆଁମାର ପ୍ରଥମେ ୭.୭ ଓ ପରେ ୬.୮ ତୀବ୍ରତାର ଭୂକମ୍ପରେ ପୂରା ଛିନ୍ନଛତ୍ର ହୋଇଯାଇଛି। ସାଗାଇଙ୍ଗ ସହର ଠାରୁ ୧୬ କିମି ଦୂର ଓ ଭୂପୃଷ୍ଠରୁ ୧୦ କିମି ଗଭୀର ହେଉଛି ଭୂକମ୍ପର କେନ୍ଦ୍ର ସ୍ଥଳ। ମିଆଁମାରର ସ୍ଥାନୀୟ ଗଣମାଧ୍ୟମ ଅନୁସାରେ ଭୂକମ୍ପ ଯୋଗୁ ୨୦ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ବଡ଼ବଡ଼ ଅଟ୍ଟାଳିକା ଭୁଶୁଡ଼ିବା ଯୋଗୁ ହଜାର ହଜାର ଲୋକ ନିଖୋଜ ହୋଇଯାଇଛନ୍ତି।

ମିଆଁମାରରେ ଇରାୱାଡୀ ନଦୀ ଉପରେ ଥିବା ପୁରୁଣା ବ୍ରିଜ ଭୁଶୁଡ଼ି ପଡ଼ିଛି। ସାଗାଇଙ୍ଗ ଠାରୁ ୨୪ କିମି ଦୂର ମାଣ୍ଡଲେ ଠାରେ ଏକାଧିକ ଆବାସିକ କୋଠା ମାଟିରେ ମିଶି ଯାଇଛି। ମାଣ୍ଡଲେ ଥିବା ଏୟାରପୋର୍ଟ ବ୍ୟାପକ ଢଙ୍ଗରେ କ୍ଷତିଗ୍ରସ୍ତ ହୋଇଛି। ଥାଇଲ୍ୟାଣ୍ଡ ସୀମାରେ ଥିବା ମିଆଁମାରର ଶାନରେ ମଧ୍ୟ ଭୟଙ୍କର କ୍ଷୟକ୍ଷତି ହୋଇଛି।ମିଆଁମାରର ରାଜଧାନୀ ନେପିଡୋରେ ଥିବା ୧୦୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଅଞ୍ଚଳ ଭୂକମ୍ପରେ ସବୁଠାରୁ ଭୟଙ୍କର ଢଙ୍ଗରେ କ୍ଷତିଗ୍ରସ୍ତ ହୋଇଛି। ତେବେ ସେଠାରେ କେତେ ଲୋକଙ୍କ ମୃତ୍ୟୁ ହୋଇଛି, ସେକଥା ସ୍ପଷ୍ଟ ହୋଇନି। ସହରର ଅନ୍ୟତମ ବଡ଼ ହସ୍ପିଟାଲ ଭାବେ ଏହା ପରିଚିତ୍ୟ କିନ୍ତୁ ଏହାର ନାମକରଣ ଏଯାଏ ହୋଇ ନଥିଲା।ଏଏଫପି ରିପୋର୍ଟ ଅନୁସାରେ, ବିଲଡିଂ ବାହାରେ ଥିବା ରାସ୍ତାରେ ଆହତଙ୍କୁ ଚିକିତ୍ସା କରାଯାଉଛି। ରାସ୍ତା ଉପରେ ଲୋକଙ୍କ ଦେହରେ ସାଲାଇନ ଲାଗୁଥିବା ବେଳେ ଲୋକମାନେ କେବଳ ଚିତ୍କାର କରିବାରେ ଲାଗିଛନ୍ତି। ମିଆଁମାରର ବିଭିନ୍ନ ସହରରେ ଆବାସିକ ଅଞ୍ଚଳ ଠାରୁ ଆରମ୍ଭ କରି ରାସ୍ତା ଘାଟ ଓ ବ୍ରିଜ ଭୂକମ୍ପରେ ଧ୍ୱଂସ ହୋଇ ଯାଇଛି।ପ୍ରଥମେ ମିଆଁମାରରେ ଡବଲ ଭୂକମ୍ପ ଝଟକା ଅନୁଭୂତ ହୋଇଥିବା ବେଳେ ଏହା ଠାରୁ ଅନେକ ଦୂର ନର୍ଦ୍ଦନ ଥାଇଲ୍ୟାଣ୍ଡରେ ମଧ୍ୟ ଲୋକମାନେ ଶକ୍ତିଶାଳୀ ଝଟକାରେ ଥରିଛନ୍ତି।

## ୫ ଆତଙ୍କବାଦୀ ନିପାତ୍



ଜମ୍ମୁ, ୨୮।୩(ଏଜେନ୍ସି): ଜାମ୍ମୁ କାଶ୍ମୀରର କଠୁଆରେ ସେନା ଏନକାଉଣ୍ଟରରେ ଅତି କମରେ ୫ ଆତଙ୍କବାଦୀ ନିହତ ହୋଇଛନ୍ତି। ମୃତ ସମସ୍ତ ଆତଙ୍କବାଦୀ ଜୈଶ-ଏ-ମହମ୍ମଦ ସହ ଜଡ଼ିତ ଥିଲେ। ଅନ୍ୟପଟେ ଚାରି ଜଣ ପୋଲିସକର୍ମୀ ସହିଦ ହୋଇଥିବା ସ୍ପଷ୍ଟ ହୋଇଛି। ଜିଲ୍ଲାର ସୁଦୂର ବନାଞ୍ଚଳରେ ପ୍ରଥମେ ହୋଇଥିବା ଏକନକାଉଣ୍ଟ ସ୍ଥାନରେ ଡ୍ରୋନ ଜରିଆରେ ଆଉ ଜଣେ ପୋଲିସକର୍ମୀଙ୍କ ମୃତ ଦେହ ଦେଖିବାକୁ ମିଳିଛି।ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି।

ଅଧିକାରୀମାନେ କହିଛନ୍ତି ଯେ ଏନକାଉଣ୍ଟରରେ ଚତୁର୍ଥ ସୁରକ୍ଷାକର୍ମୀ ସହିଦ ହୋଇଛନ୍ତି। ସୁରକ୍ଷାକର୍ମୀ ତିନି ଆତଙ୍କବାଦୀଙ୍କୁ ନିପାତ କରିଛନ୍ତି। ସେ କହିଛନ୍ତି ଯେ ଦ୍ୱିତୀୟ ଦିନରେ ବି ପ୍ରବଳ ଗୁଳି ବିନିମୟ ଓ ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଥିଲା। ପୋଲିସ, ସେନା ଓ ସିଆରପିଏଫର ଯବାନ ବିଭିନ୍ନ ମାର୍ଗରୁ ଅଞ୍ଚଳରେ ପ୍ରବେଶ କରିଥିଲେ। ଅଧିକାରୀମାନେ କହିଛନ୍ତି ଯେ ସକାଳରୁ ହିଁ ଅଭିଯାନକୁ ଆରମ୍ଭ କରାଯାଇଥିଲା।ସୁରକ୍ଷାକର୍ମୀଙ୍କ ମଧ୍ୟ ଉଦ୍ଦେଶ୍ୟ ଥିବା ନିହତ ଆତଙ୍କବାଦୀ ଓ ସହିଦ ପୋଲିସକର୍ମୀଙ୍କ ମୃତ ଦେହ ବାହାର କରିବ। ଏହାସହ ଜଣେ ନିଖୋଜ ପୋଲିସକର୍ମୀଙ୍କୁ ସନ୍ଧାନ କରିବା ଓ ସମ୍ଭାବିତ ବିପଦକୁ ଶେଷ କରିବା।ସେ କହିଛନ୍ତି ଯେ ସୁରକ୍ଷାକର୍ମୀ ସତର୍କତା ସହ ଆଗକୁ ବଢୁଛନ୍ତି। ଅନ୍ୟ ଦୁଇ ଆତଙ୍କବାଦୀ ଅଞ୍ଚଳରେ ଲୁଚି ରହିଥିବା ଅନୁମାନ କରାଯାଉଛି। ପ୍ରଥମେ ଦୁହିଁଙ୍କୁ ମୃତ ବୋଲି ଗଣାଯାଇଥିଲା, କିନ୍ତୁ ଡ୍ରୋନ ଦ୍ୱାରା ସେମାନଙ୍କ ଶବ ଦେଖିବାକୁ ମିଳିଲା ନାହିଁ। ଅଧିକାରୀମାନେ କହିଛନ୍ତି ଯେ ରାଜବାଗର ଘାଟି ଜୁଥାନାରେ ଜଖୋଲେ ଗାଁ ନିକଟରେ ଆତଙ୍କବାଦୀ ବିରୋଧରେ ଏହି ଅଭିଯାନ ଗୁରୁବାର ସକାଳ ପ୍ରାୟ ୮ଟାରୁ ଆରମ୍ଭ ହୋଇଥିଲା ।ଶୁକ୍ରବାର ଜଣେ ଅଧିକାରୀ ଏନେଇ ସୂଚନା ଦେଇ କହିଛନ୍ତି ଯେ, ସଂଘର୍ଷ ଘଟିଥିବା ଅଂଚଳରେ ଡ୍ରୋନ୍ ର ବ୍ୟବହାର କରାଯିବା ସମୟରେ ଆଉ ଜଣେ ପୋଲିସ କର୍ମଚାରୀଙ୍କ ଶବ ଦେଖିବାକୁ ମିଳିଛି ।

## ୧୦ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ

**ଭୁବନେଶ୍ୱର, ୨୮।୩(ମହାଭାରତ):** ଓଡ଼ିଶାରେ ୧୮ ହଜାର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଜେପି ସରକାର ନିଯୁକ୍ତି ଦେଇଛନ୍ତି। ଆହୁରି ୧୦ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ଆଜି ବିଧାନସଭାରେ ଏଭଳି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅନ୍ୟ ଏକ ପ୍ରସଙ୍ଗରେ ଉତ୍ତର ରଖି କହିଛନ୍ତି, ବନ୍ଦ ଥିବା ସ୍କୁଲକୁ ପୁଣି ଖୋଲାଯିବ। ସିଡ୍ୟୁଲ୍ ଅଞ୍ଚଳରେ ସର୍ବନିମ୍ନ ୪୦ ଜଣ ପିଲା ଥିଲେ, ସ୍କୁଲ ଖୋଲିବାର ବ୍ୟବସ୍ଥା ରହିଛି। ତେଣେ ନନ୍ ସିଡ୍ୟୁଲ୍ ଅଞ୍ଚଳରେ ସର୍ବନିମ୍ନ ୨୦ ଜଣ ପିଲା ଥିଲେ, ସ୍କୁଲ ଖୋଲାଯିବ। ପୂର୍ବ ବିଜେଡି ସରକାର ତରବରିଆ ଭାବେ ୫୬୩୨ଟି ସ୍କୁଲକୁ ମିଶ୍ରଣ କରାଯାଇଥିଲା।

## ଅସମ୍ଭାଳ ତାତି : ଭୁବନେଶ୍ୱରରେ ୪୦ ଟପିଲା



ଭୁବନେଶ୍ୱର, ୨୮।୩(ମହାଭାରତ): ସାରା ଓଡ଼ିଶାବାସୀ ପ୍ରବଳ ଖରାରେ ଭାଜି ହେଉଛନ୍ତି। ଏପଟେ ଆସନ୍ତା ୩ ଦିନ ଯାଏଁ ତାତିରୁ ନିସ୍ତାର ମିଳିବ ନାହିଁ ଆକଳନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅର୍ଥାତ ମାର୍ଚ୍ଚ ୩୦ ଯାଏଁ ଗରମରେ ଆଉଟୁପାଉଟୁ ହେବ ରାଜ୍ୟବାସୀ । ଏହି ତିନି ଦିନ ଭିତରେ କିଛି ସ୍ଥାନରେ ଦିନର ତାପମାତ୍ରା ୪୨ ଡିଗ୍ରୀ ଟପିପାରେ ଗ୍ରୀଷ୍ମ ପ୍ରବାହକୁ ଆଖିରେ ରଖି ତିନି ଦିନ ପାଇଁ ସତର୍କ କରିଛି ପାଣିପାଗ କେନ୍ଦ୍ର ।

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଶୁକ୍ରବାର ୪୩ ଡିଗ୍ରୀ ଝାରସୁଗୁଡା ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ସେହିପରି ରାଜ୍ୟର ୧୮ ସହରରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ଅନ୍ୟପଟେ ଚଳିତ ବର୍ଷ ପ୍ରଥମ ଥର ରାଜଧାନୀରେ ପ୍ରଥମଥର ପାରଦ ୪୦ଡିଗ୍ରୀ ଅତିକ୍ରମ କରିଛି। ଭୁବନେଶ୍ୱର ଓ ଜଗତସିଂହପୁରରେ ତାପମାତ୍ରା ୪୦.୨ ଡିଗ୍ରୀ ରହିଥିଲା। ହୀରାକୁଦରେ ୪୧.୬, ସମ୍ବଲପୁର, ବୌଦ୍ଧ, ବଲାଙ୍ଗୀର ଓ ଟିଟିଲାଗଡ଼ରେ ତାପମାତ୍ରାରେ ୪୧.୨, ସୁନ୍ଦରଗଡ଼ରେ ୪୧.୧, ଅନୁଗୁଳ ଓ ଢ଼େଙ୍କାନାଳରେ ୪୦.୯, ତାଳଚେର ୪୦.୮, ସୋନପୁର, ଭବାନୀପାଟଣା ୪୦.୫, ବାରିପଦା, ରାଉରକେଲା ଓ ଚାନ୍ଦବାଲିରେ ୪୦.୪ ତାପମାତ୍ରା ରେକର୍ଡ ହୋଇଛି।

ଶନିବାର ଆହୁରି ୨ରୁ ୩ଡିଗ୍ରୀ ଅଧିକ ତାତି ଅନୁଭୂତ ହୋଇପାରେ ।ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୩ଦିନ ହିଟ୍‌ୱେଭ ରାଜ୍ୟବାସୀଙ୍କୁ କଲବଲ କରିପାରେ। ତେବେ ଶନିବାର ୟେଲୋ ୱାର୍ନିଂ ଜାରି ହୋଇଥିବା ଜିଲାଗୁଡ଼ିକ ମଧ୍ୟରେ ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି ଆଦି ଜିଲା ରହିଛି। ୩୦ରେ ଏହି ସବୁ ଜିଲା ସହ ବରଗଡ଼ ଓ ସୁନ୍ଦରଗଡ଼ ଜିଲାକୁ ମଧ୍ୟ ୟେଲୋ ୱାର୍ନିଂ ରହିଛି ।ଏପ୍ରିଲ୨ରୁ ୪ ତାରିଖ ବିଭିନ୍ନ ଜିଲାରେ କାଳବୈଶାଖୀର ସମ୍ଭାବନା ରହିଛି କୋରାପୁଟ, ମାଲକାନଗିରୀ, ରାୟଗଡ଼ା ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାକୁ ଥିବାବେଳେ ଅନ୍ୟାନ୍ୟ ଜିଲାଗୁଡ଼ିକରେ ପାଗ ପ୍ରାୟତଃ ଶୁଖିଲା ରହିବ ।

## ୧.୬୫ ଲକ୍ଷ କୋଟି ନିବେଶକୁ ମଞ୍ଜୁରୀ

ଭୁବନେଶ୍ୱର, ୨୮।୩(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ଉଚ୍ଚସ୍ତରୀୟ ମଞ୍ଜୁରି କର୍ତ୍ତୃପକ୍ଷ (ଏଚ୍ଏଲସିଏ)ଙ୍କ ୪୦ତମ ବୈଠକରେ ୧,୬୫, ୩୦୩ କୋଟି ଟଙ୍କାର ୧୦ଟି ନିବେଶ ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୫୧,୯୩୯ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ସୂଚନା ଅନୁଯାୟୀ, ବେଦାନ୍ତ ପକ୍ଷରୁ ରାୟଗଡ଼ାରେ ୬ ନିୟୁତ ଟନ୍ ବିଶିଷ୍ଟ ଆଲୁମିନା ରିଫାଇନାରି ଓ ୧.୨ ନିୟୁତ ଟନ୍ ବିଶିଷ୍ଟ ଆଲୁମିନିୟମ୍ ସ୍ମେଲଟର୍ ସ୍ଥାପନ କରିବାରେ ୯୧,୫୨୮ କୋଟି ଟଙ୍କା ନିବେଶ କରାଯିବ। କେନ୍ଦୁଝରରେ ଜେଏସଡବ୍ଲ୍ୟୁ ଷ୍ଟିଲ୍ ୩୫ ହଜାର କୋଟି ଟଙ୍କା ନିବେଶରେ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ବସାଇବ। ଓଡ଼ିଶା ଥର୍ମାଲ୍ ଏନର୍ଜି ଲିମିଟେଡ୍ କଟକରେ ୧୮,୪୫୦ କୋଟି ଟଙ୍କା ନିବେଶ କରି ଏକ ୨୪୦୦ ମେଗାୱାଟର ଥର୍ମାଲ୍ ପାୱାର୍ ପ୍ଲାଣ୍ଟ ସ୍ଥାପନ କରିବ। ଓଡ଼ିଶା ମେଟାଲର୍ଜିକାଲ୍ ଇଣ୍ଡଷ୍ଟ୍ରି ଗଞ୍ଜାମରେ ଟାଇଟାନିୟମ୍ ପ୍ରକଳ୍ପରେ ୮୦୦ କୋଟି ନିବେଶ କରିବ ।ଭଦ୍ରକରେ ୧.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନାରେ ଶ୍ୟାମ ଷ୍ଟିଲ୍ ୱାର୍କସ୍ ୫୨୦୦ କୋଟି ନିବେଶ କରିବ। ଓସିଏଲ୍ ଆଇରନ୍ ଆଣ୍ଡ ଷ୍ଟିଲ୍ କେନ୍ଦୁଝରରେ ୩୦୦୦ କୋଟି ଟଙ୍କାରେ ୧.୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ନିର୍ମାଣ କରିବ। ଗ୍ରୀଟେକ୍ ଡାଟା ମୟୂରଭଞ୍ଜରେ ୧୫୬୦ କୋଟି ଟଙ୍କା ଖଟାଇ ଗ୍ରିନ୍ ହାଇଡ୍ରୋଜେନ୍ ପ୍ରକଳ୍ପ ସ୍ଥାପନ କରିବ। ୱାର୍ଲଡ୍ ଗ୍ରିନ୍ ଏନର୍ଜି ଗଞ୍ଜାମରେ ସୋଲାର୍ ମଡ୍ୟୁଲ୍ ଉତ୍ପାଦନ କାରଖାନା କରିବାରେ ୧୪୭୫ କୋଟି ଟଙ୍କା ନିବେଶ କରିବ। ଜୁପିଟର ଟାଟ୍ରାଭାଗୋଙ୍କା ରେଲ୍ ହ୍ୱିଲ୍ ଫ୍ୟାକ୍ଟ୍ରିର ୧୦୯୦ କୋଟି ଟଙ୍କାର ଖୋର୍ଦ୍ଧା ରେଳ ଚକ ଉତ୍ପାଦନ କାରଖାନା ପ୍ରସ୍ତାବକୁ ମଧ୍ୟ ବୈଠକରେ ମଞ୍ଜୁରି ମିଳିଛି।

## ହୋଟେଲରେ ପଶି ଯୁବକଙ୍କୁ ଗୁଳିମାଡ

ରାଉରକେଲା, ୨୮।୩ (ମହାଭାରତ) : ୧୪୩ ନଂ ଜାତୀୟ ରାଜପଥ ପାର୍ଶ୍ୱ ଦେଓଗାଁର ଏକ ହୋଟେଲରେ ଗତକାଲି ୫ଜଣ ଦୁର୍ବୃତ୍ତ ପଶି ଦିବ୍ୟଜ୍ୟୋତି ମହାନ୍ତି ନାମକ ଜଣେ ଯୁବକଙ୍କୁ ପ୍ରଥମେ ଖଣ୍ଡାରେ ହତ୍ୟା ଉଦ୍ୟମ କରିଥିଲେ। ଦିବ୍ୟଜ୍ୟୋତି ଜୀବନ ବଞ୍ଚାଇବା ପାଇଁ ଖଣ୍ଡା ଛଡ଼ାଇ ହୋଟେଲର ଏକ କୋଠରିକୁ ପଶୁଥିବାବେଳେ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଦୁଇ ରାଉଣ୍ଡ ଗୁଳି ଚଳାଇ ଥିଲା। ଗୋଟିଏ ଗୁଳି ଦିବ୍ୟଜ୍ୟୋତିଙ୍କ ଆପାଚି ବାଇକ୍ ଓ ଅନ୍ୟ ଗୋଟିଏ ଲୁହା କବାଟରେ ବାଜିଥିଲା। ଫଳରେ ସେ ଅଳ୍ପକେ ବର୍ତ୍ତିଯାଇଥିଲେ।

## ବଢ଼ିଲା ମହଙ୍ଗା ଭତ୍ତା

ନୂଆଦିଲ୍ଲୀ, ୨୮।୩(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତାରେ ୨ପ୍ରତିଶତ ବୃଦ୍ଧିକୁ ମଞ୍ଜୁରୀ ଦେଇଛି। ସରକାର ମାର୍ଚ୍ଚ ମାସରେ ମହଙ୍ଗା ଭତ୍ତା ବୃଦ୍ଧି ଘୋଷଣା କରିଛନ୍ତି ଏପରି କ୍ଷେତ୍ରରେ, ଦୁଇ ମାସର ବକେୟା ପାଉଣାକୁ ଏକାଠି ମିଶାଇ ମାର୍ଚ୍ଚ ମାସର ଦରମା ସହିତ ଦିଆଯିବ। କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କୁ ପ୍ରଚଳିତ ମୁଦ୍ରାସ୍ଫୀତି ହାର ଏବଂ ସେମାନଙ୍କର ମୂଳ ଦରମା ଆଧାରରେ ମହଙ୍ଗା ଭତ୍ତା ପ୍ରଦାନ କରାଯାଏ, ଯେତେବେଳେ ପେନସନଭୋଗୀମାନଙ୍କୁ ମହଙ୍ଗା ସହାୟତା ମିଳିଥାଏ। ସେମାନଙ୍କର ଲକ୍ଷ୍ୟ ହେଉଛି କର୍ମଚାରୀ ଏବଂ ପେନସନଭୋଗୀଙ୍କ ଉପରେ ମୁଦ୍ରାସ୍ଫୀତିର ବୋଝ ହ୍ରାସ କରିବା ମୁଦ୍ରାସ୍ଫୀତି ହାର ଆଧାରରେ ସରକାର ବର୍ଷକୁ ଦୁଇଥର ଏହାକୁ ପରିବର୍ତ୍ତନ କରନ୍ତି।

## କଂଗ୍ରେସ ରାଲିରେ ହିଂସାକାଣ୍ଡ
## ୩ ମାମଲା ରୁଜୁ

ଭୁବନେଶ୍ୱର, ୨୮।୩(ମହାଭାରତ): ଲୋୟର ପିଏମଜିରେ ଗତକାଲି କଂଗ୍ରେସର ବିକ୍ଷୋଭ ବେଳେ ହିଂସାକୁ ନେଇ ୩ଟି ମାମଲା ରୁଜୁ ହୋଇଛି। କ୍ୟାପିଟାଲ ଥାନା ପୋଲିସରେ ୩ଟି ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ବୁଧବାର ବିଧାନସଭାର ପୂର୍ବ ଗେଟ୍ ପରିସରରେ କଂଗ୍ରେସ କର୍ମୀମାନେ ହୋହାଲ୍ଲା କରିବା ସହ ଭିତରକୁ ପଶିବାକୁ ଉଦ୍ୟମ କରିବା ସହ ବିଶୃଙ୍ଖଳା ଆଚରଣ ପ୍ରଦର୍ଶନ କରିଥିଲେ। ଏହି ଘଟଣାରେ ବିଏନ୍ଏସ୍ ଦଫା ୧୮୯(୨), ୨୨୧, ୨୯୬, ୧୩୨, ୧୯୦ ଏବଂ ଓଡିଶା ଅର୍ବାନ୍ ପୋଲିସ୍ ଆକ୍ଟର ଦଫା ୯୬ରେ ମାମଲା (ନଂ.୧୨୮/୨୦୨୫) ରୁଜୁ ହୋଇଛି। ଅନ୍ୟ ଦୁଇଟି ଶୁକ୍ରବାର ବିକ୍ଷୋଭ ଘଟଣାରେ ରୁଜୁ ହୋଇଛି ବିକ୍ଷୋଭ ସମୟରେ ଗାନ୍ଧୀମାର୍ଗ କଡ଼ରେ ପାର୍କିଂ ହୋଇଥିବା ପୋଲିସ ଗାଡ଼ିରେ ନିଆଁ ଲଗାଇବା ଘଟଣାରେ ବିଏନ୍ଏସ ଦଫା ୩୨୭ରେ ମାମଲା (ନଂ.୧୨୯/୨୦୨୫) ରୁଜୁ ହୋଇଥିବା ବେଳେ ବିକ୍ଷୋଭ ବେଳେ ଆଇନକୁ ହାତକୁ ନେଇ ପୋଲିସ ଉପରେ ଆକ୍ରମଣ ଆଦି ଘଟଣାରେ ବିଏନ୍ଏସ ଦଫା ୧୮୯(୨), ୧୯୧(୨), ୧୨୬(୨), ୧୩୨, ୧୨୧(୧), ୩୨୪(୪), ୨୯୬, ୩୫୧(୨), ୧୯୦ ଏବଂ ଓଡିଶା ଅର୍ବାନ୍ ପୋଲିସ୍ ଆକ୍ଟର ଦଫା ୯୬ରେ ମାମଲା (ନଂ.୧୩୦/୨୦୨୫) ରୁଜୁ ହୋଇଛି। ଏସବୁ ଘଟଣାରେ ପୋଲିସ ଅଧିକ ତଦନ୍ତ କରୁଛି।

## ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ହିଁ ବିକାଶର ମୂଳମନ୍ତ୍ର : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୮।୩(ମହାଭାରତ):** ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ହିଁ ବିକାଶର ମୂଳମନ୍ତ୍ର। ବିଜ୍ଞାନର ଉପଯୋଗ ସାଧାରଣ ଜନତାଙ୍କ ସୁବିଧା ସୁଯୋଗକୁ ଆଖି ଆଗରେ ରଖି ସ୍ଥାୟୀ ପରିବର୍ତ୍ତନ ଆଣିବାରେ ନିୟୋଜିତ ହେବା ଉଚିତ। ଏଥିପାଇଁ ତୃଣମୂଳ ସ୍ତରରେ ଗବେଷଣା ହେବା ସହିତ ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣି ଅର୍ଥନୈତିକ ଓ ପ୍ରଗତିର ଶୀର୍ଷ ସ୍ଥାନରେ ଆମ ରାଜ୍ୟକୁ ପହଂଚାଇବା ମୂଳ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ କନଭେନସନ ସେଣ୍ଟର ଠାରେ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ଆୟୋଜିତ 'ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବ - ୨୦୨୩' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଆମକୁ ଅନ୍ତର୍ଜାତୀୟ ସ୍ତରରେ ଆଗକୁ ବଢିବାକୁ ହେଲେ ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନକୁ ବ୍ୟବହାର କରି ମାନବ ସମାଜର ବିକାଶ ପାଇଁ ଦୀର୍ଘସ୍ଥାୟୀ ଯୋଜନା କରିବାକୁ ପଡ଼ିବ। ବିଜ୍ଞାନ ଏବଂ କାରିଗରୀର ଉନ୍ନତି ସହିତ ଆମକୁ କୃଷି, ସ୍ୱାସ୍ଥ୍ୟ, ଶକ୍ତି, ଶିକ୍ଷା ଓ ପରିବେଶ ବିଷୟରେ ଉନ୍ନତ ଜ୍ଞାନ କୌଶଳ ତଥା ଯନ୍ତ୍ରପାତି ଉଦ୍ଭାବନ ଉପରେ ମନୋନିବେଶ କରି ବିକାଶର ଗତିକୁ ଆହୁରି କ୍ରିୟାଶୀଳ କରିବାକୁ ପଡ଼ିବ। ଆଉ ଏଥିପାଇଁ ବୈଜ୍ଞାନିକଙ୍କ ପ୍ରଚେଷ୍ଟା ହିଁ ଆମକୁ ସଫଳ କରାଇବ।




ସେ କହିଥିଲେଯେ, ଆଜି ଭାରତୀୟ ବିଜ୍ଞାନ ମଧ୍ୟ ଖୁବ ଉଚ୍ଚରେ ଅଛି। ମହାକାଶ ବିଜ୍ଞାନରେ ଚନ୍ଦ୍ରୟାନ, ଆଦିତ୍ୟ, ମଙ୍ଗଳୟାନ, ଗଗନୟାନ ଭଳି ଅନେକ ସଫଳ ପରୀକ୍ଷଣ ଆମକୁ ବିଶ୍ୱରେ ଏକ ବୈଜ୍ଞାନିକ ବିକାଶଶୀଳ ଦେଶ ଭାବରେ ପ୍ରତିଷ୍ଠିତ କରି ପାରିଛି। ଆମର ଜ୍ୟୋତିର୍ବିଦ୍ୟା, ଗଣିତ ଓ ଔଷଧ ଶାସ୍ତ୍ର ସାରା ପୃଥିବୀରେ ଅଗ୍ରଣୀୟ ଆଜିର ଯୁଗର ସବୁଠାରୁ ଲୋକପ୍ରିୟ ଏବଂ ବିଶ୍ୱର ପ୍ରାୟ ସମସ୍ତ ଭାରତୀୟ ମାନେ ହିଁ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।

ବର୍ତ୍ତମାନ ସମୟରେ ବୈଜ୍ଞାନିକ ଗବେଷଣା ଏକ ନୂତନ ଦିଗ୍ଦର୍ଶନ ଯୋଗାଇପାରିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଜିର ସମୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସ୍ତରକୁ ଆହୁରି ଉନ୍ନତ କରି ପାରିଛି। ଭାରତୀୟ ବିଜ୍ଞାନ ମଧ୍ୟ ଆଜି ବିଶ୍ୱ ସ୍ତରରେ ଖୁବ ନାଁ କରିଛି। ଆମ ରାଜ୍ୟରେ ମଧ୍ୟ ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ କୌଶଳର ଅଭିବୃଦ୍ଧି ଏବଂ ଉନ୍ନତି ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଆମର ଡିପ୍ ଟେକ୍ ଏବଂ ଫ୍ରଣ୍ଟିୟର ଟେକ୍ନୋଲୋଜି ପ୍ରୟାସର ଏକ ଅଂଶ ଭାବରେ, ଆମେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ବ୍ଲକ ଚେନ୍, ରୋବୋଟିକ୍ସ ଏବଂ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଭଳି ଅଭିନବ ପ୍ରୟାସ ଉପରେ ବିଶେଷ ଧ୍ୟାନ ଦେଉଛୁ ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ।

ସେ ପୁଣି କହିଥିଲେଯେ, ଏହି ପ୍ଲାଟଫର୍ମ ମାଧ୍ୟମରେ ଶିକ୍ଷାବିତ୍, ଗବେଷକ, ଉଦ୍ଭାବକ, ଉଦ୍ୟୋଗୀ ଏବଂ ନୀତି ନିର୍ଦ୍ଧାରକ ଭଳି ବିଭିନ୍ନ ଅଂଶୀଦାରଙ୍କୁ ଏକାଠି କରି ପୂର୍ବ ଉପକୂଳରେ ବଙ୍ଗୋପସାଗରର ଜୈବ ସମ୍ଭାବନାକୁ ଉପଯୋଗ କରିବା ପାଇଁ ଏକ ରୋଡମ୍ୟାପ ପ୍ରସ୍ତୁତ କରାଯିବ। ରାଜ୍ୟରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ ଶିକ୍ଷାର ପ୍ରୋତ୍ସାହନ ନିମନ୍ତେ ପ୍ଲାନୋଟୋରିୟମ, ବିଜ୍ଞାନ କେନ୍ଦ୍ରଗୁଡ଼ିକ ମଧ୍ୟରେ ଏକ ନେଟୱାର୍କ ମଧ୍ୟ ପ୍ରତିଷ୍ଠା କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଏବଂ କହିଥିଲେ ଯେ, ଆମର ଆଗାମୀ ପିଢ଼ି ବିଜ୍ଞାନରେ ବୈପ୍ଳବିକ ପରିବର୍ତ୍ତନ ଆଣି ବିଜ୍ଞାନକୁ ସାଧାରଣ ଜନତାଙ୍କ ସେବାରେ ଲଗାଇବେ ଓ ବିଜ୍ଞାନକୁ ଆହୁରି ଲୋକପ୍ରିୟ କରିବାରେ ସହାୟକ ହେବେ।

କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜ୍ଞାନ ଓ କାରିଗରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ, ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ପାତ୍ର କହିଥିଲେଯେ, ଦିନକୁ ଦିନ ବିଜ୍ଞାନ ପ୍ରତି ଲୋକମାନଙ୍କର ଆଗ୍ରହ ବଢ଼ି ଚାଲିଛି କାରଣ ଆଜି ଆମମାନଙ୍କର ଜୀବନଶୈଳୀ, ବିଜ୍ଞାନ ଉପରେ ଅନେକ ମାତ୍ରାରେ ନିର୍ଭରଶୀଳ ହୋଇଅଛି। ଏଣୁ ଯିଏ ବିଜ୍ଞାନରେ ଶକ୍ତିଶାଳୀ ହେବ, ପ୍ରକୃତରେ ସେ ଶକ୍ତିଶାଳୀ

# କଖାରୁ ହାଲୁଆ

ମିଠା ଜାତୀୟ ଖାଦ୍ୟ ପ୍ରାୟତଃ ସମସ୍ତେ ପସନ୍ଦ କରିଥାନ୍ତି । ତେବେ ବୋଇତି କଖାରୁ ଏକ ଏଭଳି ପରିବା ଯାହା ଦ୍ୱାରା ବିଭିନ୍ନ ବ୍ୟନ ପ୍ରସ୍ତୁତ କରିହେବ । ତାହେଲେ ଜାଣନ୍ତୁ ବୋଇତି କଖାରୁ କିପରି ହାଲୁଆ ପ୍ରସ୍ତୁତ କରିହେବ ।

**ଆବଶ୍ୟକ ସାମଗ୍ରୀ:** ବୋଇତି କଖାରୁ: ୩କପ, କ୍ଷୀର: ୧କପ, ଘିଅ: ୧/୨ କପ, କାଜୁ-ପିସ୍ତାବାଦାମ: ୫୦ଗ୍ରାମ, ଅଳେଇଚ: ୪ଟି, ଚିନି : ୧କପ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ ଅନ୍ କରି କାଜୁ,ପିସ୍ତାବାଦାମକୁ ଅଳ୍ପ ଘିଅ ପକାଇ ଭାଜନ୍ତୁ। ବୋଇତି କଖାରୁକୁ କୋରି ଏକ ପାତ୍ରରେ ରଖନ୍ତୁ। ଗ୍ୟାସରେ ପ୍ରେସର କୁକୁର ନେଇ ସେଥିରେ ଘିଅ ଗରମ କରନ୍ତୁ। ଘିଅ ଗରମ ହେବା ପରେ ସେଥିରେ ବୋଇତି କଖାରୁ କୋରାକୁ ପକାଇ ୧୦ ମିନିଟ ଭାଜନ୍ତୁ। ସେଥିରୁ ଅଳ୍ପ ପାଣି ବାହାରିବାକୁ ଲାଗିଲେ ସେଥିରେ ୨କପ ପାଣି ଓ ଏକ କପ କ୍ଷୀର ଦେଇ ପ୍ରେସର କୁକର ବନ୍ଦ କରି ୨ଟି ହ୍ୱିସିଲ ହେବା ଯାଏଁ ଛାଡ଼ି ଦିଅନ୍ତୁ। ବୋଇତି କଖାରୁ ସିଝିଯିବା ପରେ ସେଥିରେ ଅଳେଇଚ ପକାନ୍ତୁ। ସେଥିରେ କାଜୁ,ପିସ୍ତାବାଦାମ ଓ ଚିନି ପକାଇ ଦିଅନ୍ତୁ। ବର୍ତ୍ତମାନ ବୋଇତି କଖାରୁ ମିଶ୍ରଣକୁ ଭଲ ଭାବେ ଭାଜନ୍ତୁ। ବୋଇତି କଖାରୁ ହାଲୁଆ ହେବା ପରେ ଗ୍ୟାସ ବନ୍ଦ କରି ଏକ ପାତ୍ରକୁ ବାହାର କରି ନିଅନ୍ତୁ। ପରିବାର ତଥା ଅତିଥିଙ୍କୁ ପରଷନ୍ତୁ।



ଖବର

# ଓଡ଼ିଆ ଚଳଚ୍ଚିତ୍ର 'ଆଜିର ରେବତୀ'ର ଅଡିଓ ରିଲିଜ୍




ସମାଜଚେତନା ଭିତ୍ତିକ ଓଡ଼ିଆ ସିନେମା 'ଆଜିର ରେବତୀ' ଆସନ୍ତା ୧୧ ଏପ୍ରିଲରେ ମୁକ୍ତିଲାଭ କରିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଏହାର ଅଡିଓ ରିଲିଜ୍ ହୋଇଛି। ସବୁ ଗୀତ ଗୁଡିକ ଆଗାମୀ ଦିନରେ ପ୍ରକାଶ ମ୍ୟୁଜିକ୍ ୟୁଟ୍ୟୁବ ଚ୍ୟାନେଲରେ ଦର୍ଶକ ଦେଖିବାକୁ ପାଇବେ।ଅଡିଓ ରିଲିଜ୍ ଅବସରରେ 'ଆଜିର ରେବତୀ' ଚଳଚ୍ଚିତ୍ରର ପ୍ରଯୋଜକ ରମେଶ ବାରିକ, କାହାଣୀକାର ଡ଼. ବଦ୍ରି ମିଶ୍ର, ଚିତ୍ରନାଟ୍ୟ ଏବଂ ସଂଳାପ ଲେଖକ ଶ୍ୟାମା ପ୍ରସାଦ ମିଶ୍ର, ପ୍ରଚାର ଓ ପ୍ରସାର ମୁଖ୍ୟ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ଼ ପ୍ରଣୟ ଜେଠୀ, ପ୍ରଯୋଜକ ସଚ୍ଚିକାନ୍ତ ଜେନା, ମୁଖ୍ୟ ଅଭିନେତ୍ରୀ ଶୀତଲ ପାତ୍ର, ଅଭିନେତା ସୁକାନ୍ତ ରଥ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ, ଗୀତିକାର ବାପୁ ଗୋସ୍ୱାମୀ, କଣ୍ଠଶିଳ୍ପୀ ଦିପ୍ତୀରେଖା ପାଢ଼ୀ, ସ୍ୱୟଂ ପାଢ଼ୀ, ସତ୍ୟଜିତ ପ୍ରଧାନ ଏବଂ ସବିଶେଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।କ୍ଷୁଦ୍ର ଗଳ୍ପ ରେବତୀର କାହାଣୀକୁ ନେଇ ଓଡ଼ିଆ ସିନେ ଦୁନିଆର ଅଭିଜ୍ଞ ସଂଳାପକାର ଶ୍ୟାମା ପ୍ରସାଦ ମିଶ୍ର 'ଆଜିର ରେବତୀ' ସିନେମାର ସଂଳାପ ରଚନା କରିଛନ୍ତି। ଏ ପର୍ଯ୍ୟନ୍ତ ୨୫ଟି ସିନେମାର ପ୍ରଯୋଜନା କରିଥିବା ଯୁବ ପ୍ରଯୋଜକ ରମେଶ ବାରିକ 'ଆଜିର ରେବତୀ' ସିନେମାର ପ୍ରଯୋଜନା କରିଛନ୍ତି। ସଦା ସର୍ବଦା କିଛି ନୂଆ କାହାଣୀ ଦର୍ଶକଙ୍କୁ ଭେଟି ଦେବାକୁ ଚାହୁଁଥିବା ପ୍ରଯୋଜକ ହେଉଛନ୍ତି ରମେଶ ବାରିକ।ସିନେମାର ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି ଶୁଭ୍ରାଂଶୁ ଦାସୟ ଶୁଭ୍ରାଂଶୁ, ମୁମ୍ବାଇକୁ ନିଜର କର୍ମକ୍ଷେତ୍ର କରିଥିା ବିଶିଷ୍ଟ ଚିତ୍ର ଉତ୍ତୋଳନକାରୀ ବା ଡାଇରେକ୍ଟର ଅଫ ଫୋଟୋଗ୍ରାଫି ଭାବେ ଅନେକ ଓଡ଼ିଆ, ହିନ୍ଦୀ ଓ ଅନ୍ୟାନ୍ୟ ଭାଷାରେ କାର୍ଯ୍ୟ କରିଛନ୍ତି। ତରଙ୍ଗ ପ୍ରଯୋଜିତ 'ପୁଷ୍କରା' ସିନେମାରେ ନିର୍ଦ୍ଦେଶକ ଭାବେ ପ୍ରଥମେ ପାଦ ଦେଇଥିବା ବେଳେ 'ଆଜିର ରେବତୀ'ର ମଧ୍ୟ ସେ ନିର୍ଦ୍ଦେଶନା ଦେଇଛନ୍ତି। ମହିଳା ସିନେ ଚିତ୍ର ଉତ୍ତୋଳନକାରୀ କୁହୁ ମଲ୍ଲ 'ଆଜିର ରେବତୀ' ସିନେମାର ଚିତ୍ରତ୍ତୋଳନ ଦାୟିତ୍ୱ ବହନ କରିଛନ୍ତି।

ଏହି ସିନେମାର ମୁଖ୍ୟ ଭୂମିକାରେ ନାୟିକା ଶୀତଲ ପାତ୍ର, ପୁଷ୍ପା ପଣ୍ଡା, ପୃଥ୍ୱୀରାଜ ନାୟକ, କଲିକତାର ଫିଲ୍ମ ଷ୍ଟାର ବୋନି ସେନଗୁପ୍ତା, ସୁକାନ୍ତ ରଥ, ରବି ମିଶ୍ର ଓ ଉଷଶୀ ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି।

ଭାଙ୍ଗି ଯାଉଥିବା ସମାଜକୁ ଗଢି ତୋଳିବା, ଉଜୁଡି ଯାଉଥିବା ସଂସାରକୁ ସଜାଡି ଦେବା ସହିତ ନାରୀ ଶିକ୍ଷାକୁ ନେଇ ଓଡ଼ିଆ ସିନେମା 'ଆଜିର ରେବତୀ' ଓଡ଼ିଆ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରି ପାଇଁ ଏକ ଆନ୍ଦୋଳନ ଓ ବିପ୍ଳବ ସୃଷ୍ଟି କରିବ ବୋଲି ପ୍ରଯୋଜନା ସଂସ୍ଥା କହିଛି। ଆସନ୍ତା ଏପ୍ରିଲ ୧୧ ତାରିଖ ଦିନ ଏହି ଦ୍ୱିଭାଷୀ ଚଳଚ୍ଚିତ୍ର ଓଡିଶା ଏବଂ କଲିକତାରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ କୁହାଯାଇଛି।

# ବିନା କାରଣରେ କମୁଛି କି ଆପଣଙ୍କ ଓଜନ ? ସାବଧାନ

ଅନେକ ଥର ହାଇପୋଥାଇରଏଡ ବ୍ୟକ୍ତିମାନଙ୍କ ଓଜନ ବହୁତ ଜଲଦି ହ୍ରାସ ପାଇଥାଏ । ଯଦି ଦୁର୍ବଳ ଲାଗିବା,ମୁଣ୍ଡବିନ୍ଧା, ବାରମ୍ବାର ଭୋକ ଲାଗିବା, ଧ୍ୟାନ କେନ୍ଦ୍ରିତ କରିବାରେ ସମସ୍ୟା ଦେଖାଯିବା ଭଳି ଲକ୍ଷଣ ସହ ଖୁବ୍ ଶୀଘ୍ର ଓଜନ ହ୍ରାସ ପାଇଥାଏ ତେବେ ଏହା ହାଇପୋଥାଇରଏଡର ଲକ୍ଷଣ ହୋଇପାରେ । କିନ୍ତୁ କେବେ ହାଇପୋଥାଇରଏଡ ବ୍ୟକ୍ତିମାନଙ୍କ ଓଲଟା ପ୍ରତିକ୍ରିୟା ମଧ୍ୟ ଦେଖାଯାଇଥାଏ । ଅର୍ଥାତ କିଛି ବ୍ୟକ୍ତିଙ୍କ ବହୁତ ଜଲଦି ବଢିବାକୁ ଲାଗିଥାଏ ।

ଅନେକ ଥର ଚିନ୍ତା କାରଣରୁ ମଣିଷ କମ ଭୋକ ଲାଗିଥାଏ । କମ୍ ଖାଇବା କାରଣରୁ ମଧ୍ୟ ମଣିଷ ଶରୀରକୁ ଆବଶ୍ୟକ ଇନ୍ଧନ ମିଳିପାରିନଥାଏ । ଏଭଳି ପରିସ୍ଥିତିରେ ଶରୀରର ମୋଟାପଣ ଗ୍ଲୁକୋଜରେ ପରିବର୍ତ୍ତନ ହୋଇଥାଏ ଏବଂ ଶରୀର ଏହାକୁ ଇନ୍ଧନ ରୂପେ ବ୍ୟବହାର କରିଥାଏ । ଏହି କାରଣରୁ ମଧ୍ୟ ଓଜନ କମ ହେବାରେ ଲାଗିଥାଏ ।

ଅତ୍ୟଧିକ ଓଜନ ହ୍ରାସ ହେବାର କାରଣ ହେଉଛି ମାନସିକ ରୂପେ ଦୁର୍ବଳ ହେବା । ଯଦି କୌଣସି ବ୍ୟକ୍ତି ମାନସିକ ରୂପେ ସମସ୍ୟାରେ ରହିଥାନ୍ତି ଏବଂ ତାଙ୍କର ଚିକିତ୍ସା ଚାଲିଥାଏ ତେବେ ଏଭଳି ବ୍ୟକ୍ତିଙ୍କର ଓଜନ ଖୁବ୍ ଶୀଘ୍ର ବଢିବାକୁ ଲାଗିଥାଏ କିମ୍ବା କମିଥାଏ ।

ଅନେକ ଘଟଣାରେ ଅଧିକ ପ୍ରେସର ନେବା କାରଣରୁ ମଧ୍ୟ ଓଜନ ହ୍ରାସ ପାଇଥାଏ । ଯେତେବେଳେ ଆମେ କମ ଖାଦ୍ୟ ଖାଇଥାଉ ସେତେବେଳେ ମଧ୍ୟ ଆମ ଶରୀରକୁ ଉଚିତ କ୍ୟାଲୋରୀ ବା ଶକ୍ତି ମିଳିପାରିନଥାଏ । ଏହା ବ୍ୟତୀତ ଲିଭର କିମ୍ବା ହୃଦରୋଗ ସମସ୍ୟା କାରଣରୁ ମଧ୍ୟ ଓଜନ କମ ହୋଇପାରେ । ଏହି କାରଣରୁ ଓଜନ କମ ହେଲେ କେବେ ବି ଅଥଦେଖା କରନ୍ତୁ ନାହିଁ ।

ଅନେକଥର ପେଟ ଏବଂ ଆନ୍ତ୍ରିକ ସମ୍ବନ୍ଧିତ ରୋଗ କାରଣରୁ ଶରୀର ଖାଦ୍ୟକୁ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରିପାରିନଥାଏ । ଏବଂ ଯେଉଁ ଖାଦ୍ୟ

# ରାଗକୁ ନିୟନ୍ତ୍ରଣ କରିବାର ଉପାୟ

ଆମମାନଙ୍କ ମଧ୍ୟରୁ ଅନେକ ଲୋକ ନିଜର ରାଗ ଉପରେ ନିୟନ୍ତ୍ରଣ କରିପାରନ୍ତି ନାହିଁ। ଏହି ରାଗ ତାଙ୍କୁ ଶାରିରୀକ ଏବଂ ମାନସିକ କ୍ଷେତ୍ରରେ ଅନେକ କ୍ଷତି କରିଥାଏ। ରାଗ କାରଣରୁ ଅନେକ ସମୟରେ ସମ୍ପର୍କରେ ମଧ୍ୟ ଫାଟ ସୃଷ୍ଟି ହୋଇଥାଏ। ଏହି ସମୟରେ ଆପଣଙ୍କୁ ଏହା ନିହାତି ଆବଶ୍ୟକ କି ଆପଣ ନିଜ ରାଗ ଉପରେ ନିୟନ୍ତ୍ରଣ ରଖନ୍ତୁ। ଯୋଗ ବିଷେଶଜ୍ଞମାନଙ୍କ କହିବା ଅନୁସାରେ କିଛି ଯୋଗାସାନକୁ କରିବା ଦ୍ୱରା ଆପଣଙ୍କ ମନ ଏବଂ ମସ୍ତିଷ୍କ ଦୁଇଟିଯାକ ଶାନ୍ତ ରହିଥାଏ ଏବଂ ହାର ନିୟମିତ ଅଭ୍ୟାସ କରିବା ଦ୍ୱାରା ଆପଣ ନିଜ ରାଗ ଉପରେ ନିୟନ୍ତ୍ରଣ କରିପାରିବେ।

ଆସନ୍ତୁ ଜାଣିବା ଏହି ମୁଦ୍ରା ଗୁଡିକ ବିଷୟରେ...

**ଉମ୍ମାନୀ ମୁଦ୍ରା :** ଏହି ମୁଦ୍ରାକୁ କରିବା ଦ୍ୱାରା ମନକୁ ଶାନ୍ତି ମିଳିଥାଏ। ଏହା ସହି ଏହି ଆସନ ଧ୍ୟାନକୁ ଏକାଗ୍ର କରିଥାଏ। ଯେତେବେଳେ ଆପଣଙ୍କ ଧ୍ୟାନ ଏକାଗ୍ର ହେବ, ସେତେବେଳେ ଆପଣ ସମସ୍ତ ଚିନ୍ତାରୁ ମୁକ୍ତ ହେବେ ଏବଂ ଆପଣଙ୍କ ରାଗ ଧିରେ ଧିରେ କମ୍ ହେବାକୁ ଲାଗିବ। ଏହି ଆସନକୁ କରିବା ପାଇଁ ଆପଣଙ୍କୁ ପଦ୍ମାସନ ଅବସ୍ଥାରେ ବସନ୍ତୁ। ଏବେ ଆପଣ ନିଜର ସମସ୍ତ ଧ୍ୟାନକୁ ନିଜର ଆଖି ମଧ୍ୟରେ ଏକାଗ୍ର କରିନିଅ। ଏହି ଆସନକୁ କରିବା ସମୟରେ କୌଣସି ବାହାର କଥା ଚିନ୍ତା କରନ୍ତୁ ନାହିଁ। ନିଜର ଧ୍ୟାନକୁ ଗୋଟିଏ ଜାଗାରେ କେନ୍ଦ୍ରତ କରି ରଖନ୍ତୁ।

**ଜ୍ଞାନ ମୁଦ୍ରା :** ଏହି ଆସନକୁ କରିବା ଦ୍ୱାରା ଆମର ଶରୀର ଏବଂ ମସ୍ତିଷ୍କ ସୁସ୍ଥ ରହିଥାଏ, ଯାହାଦ୍ୱାରା କ୍ରୋଧର ସ୍ତର ମଧ୍ୟ କମିଯାଇଥାଏ। ଏହି ଆସନକୁ କରିବା ପାଇଁ ପ୍ରଥରେ ପଦ୍ମାସନ ଅବସ୍ଥାରେ ବସିଯାଆନ୍ତୁ। ଏବେ ଆପଣ ନିଜ ହାତକୁ ସିଧା କରନ୍ତୁ। ଏହା ପରେ ଆପଣ ନିଜର ବିଶି ଆଙ୍ଗୁଠିକୁ ବୁଢା ଆଙ୍ଗୁଠି ସହିତ ଯୋଡନ୍ତୁ।



**ସେପାନା ମୁଦ୍ରା :** ଏହି ଆସନକୁ କରିବା ଦ୍ୱାରା ଚାପ କମିଥାଏ। ଏହି ଆସନ ଆମ ଶରୀରରୁ ନକରାତ୍ମକତା ଏବଂ ବିଷାକ୍ତ ପଦାର୍ଥକୁ ବାହାରକୁ ବାହାର କରିବାରେ କ୍ଷମ ହୋଇଥାଏ। ଏହାଦ୍ୱାରା ଆମର ମସ୍ତିଷ୍କ ଶାନ୍ତ ହୋଇଥାଏ। ଏହି ଆସନକୁ କରିବା ପାଇଁ ଆପଣଙ୍କ ହାତର ଦୁଇ ପାପୁଲିକୁ ଯୋଡନ୍ତୁ ୧ ଧ୍ୟାନ ରଖନ୍ତୁ ଆପଣଙ୍କ ପାଞ୍ଚ ଆଙ୍ଗୁଠି ପରସ୍ପର ମଧ୍ୟରେ ଯୋଡି ହେବା ଜରୁରୀ। ଏବେ ଆପଣଙ୍କ ବିଶି ଆଙ୍ଗୁଳିକୁ ଏକା ସଙ୍ଗରେ ରଖନ୍ତୁ ଏବଂ ଅନ୍ୟ ସମସ୍ତ ଅଙ୍ଗୁଠି ଗୁଡିକୁ ମୋଡି ପରସ୍ପର ସହିତ ବାନ୍ଧି ନିଅନ୍ତୁ। ଏବେ ଏହି ମୁଦ୍ରାକୁ ତଳକୁ ମୋଡି ନିଅନ୍ତୁ।

# ଦୃଢ଼ ଇଚ୍ଛାଶକ୍ତି ଓ ସଂକଳ୍ପ



ବୁଦ୍ଧଙ୍କ ଜଣେ ଶିଷ୍ୟ ନିଜ ଗୁରୁଙ୍କ ବାର୍ତ୍ତା ଦୂର ଦୂର ପର୍ଯ୍ୟନ୍ତ ପ୍ରଚାର କରିବାକୁ ଚାହୁଁଥିଲା । ସେଥିପାଇଁ ସେ ଏକ ଯାତ୍ରାରେ ଯିବାକୁ ଚାହୁଁଥିଲା। ବୁଦ୍ଧ ତାକୁ ପଚାରିଲେ, ତୁମେ କେଉଁଠିକୁ ଯାଉଛ, କେଉଁ ଦିଗରେ, କେଉଁ ଅଞ୍ଚଳକୁ ? ଶିଷ୍ୟ ଜଣକ ଉତ୍ତର ଦେଲା, ମୁଁ ଏକ ଦୂର ରାଜ୍ୟକୁ ଯାଉଛି, ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳକୁ। ଆଜି ଯାଏ ସେଠାକୁ ଆପଣଙ୍କ କୌଣସି ଶିଷ୍ୟ ଯାଇନାହାନ୍ତି।

ବୁଦ୍ଧ କହିଲେ, ଯିବା ପୂର୍ବରୁ ତୁମକୁ ପରୀକ୍ଷା ଦେବାକୁ ପଡ଼ିବ। ତୁମକୁ ମୋର ୩ଟି ପ୍ରଶ୍ନର ଉତ୍ତର ଦେବାକୁ ହେବ। ପ୍ରଥମ, ତୁମେ ଭଲ ଭାବେ ଜାଣ ଯେ ସେଠାକୁ ଯିବା ତୁମ ପାଇଁ ବିପଦ ହୋଇପାରେ । ସେହି ପ୍ରଦେଶର ଲୋକମାନେ ହିଂସାତ୍ମକ ହୋଇପାରନ୍ତି । ସେମାନଙ୍କ ମଧ୍ୟରୁ କେତେଜଣ ହତ୍ୟାକାରୀ ହୋଇପାରନ୍ତି । ଏହି କାରଣରୁ ଏଯାଏଁ କେହି ସେମାନଙ୍କ ପାଖକୁ ଯାଇନାହିଁ। ଯଦି ସେମାନେ ତୁମକୁ ଅପମାନିତ କରିବେ, ତୁମେ କିପରି ଅନୁଭବ କରିବ ? ଶିଷ୍ୟ ଜଣକ କହିଲା, ଆପଣ ମୋ ବିଷୟରେ ସବୁକିଛି ଜାଣନ୍ତି । ଆପଣ ମୋ ହୃଦୟକୁ ମଧ ଭଲ ଭାବେ ବୁଝିପାରନ୍ତି, କାରଣ ଆପଣ ହିଁ ମୋ ହୃଦୟରେ ଅଛନ୍ତି। ଯଦି ସେଠାରେ ମୁଁ ଅପମାନିତ ହୁଏ, ତା'ହେଲେ ମୋ ହୃଦୟର ଗଭୀରତମ କୋଣରୁ ସେମାନଙ୍କୁ କୃତଜ୍ଞତା ଜଣାଇବି । ଏଥିପାଇଁ ଯେ, ସେମାନେ ମୋତେ ମାଡ଼ ମାରିବା ବଦଳରେ କେବଳ ଅସମ୍ମାନିତ କରିଛନ୍ତି । ବୁଦ୍ଧ ଦ୍ୱିତୀୟ ପ୍ରଶ୍ନ ପଚାରିଲେ, ସେମାନେ ତୁମକୁ ମାଡ଼ ମାରିପାରନ୍ତି, ସେତେବେଳେ ତୁମେ କ'ଣ କରିବ ? ଶିଷ୍ୟ କହିଲା, ଆପଣ ଭଲ ଭାବେ ଜାଣନ୍ତି ଯେ ମୁଁ ସେମାନଙ୍କ ପ୍ରତି କୃତଜ୍ଞତା ଅଧିକ ନିବିଡ଼ ଭାବେ ଜଣାଇବି। କାରଣ ସେମାନେ କେବଳ ମୋତେ ମାଡ଼ ମାରିଛନ୍ତି, ମୋର ହତ୍ୟା ବି କରିପାରିଥାନ୍ତେ ।

ବୁଦ୍ଧ ତୃତୀୟ ପ୍ରଶ୍ନ ପଚାରିଲେ, ଯଦି ସେମାନେ ତୁମକୁ ହତ୍ୟା କରନ୍ତି ? ଶିଷ୍ୟ କହିଲା, ଯଦି ସେମାନେ ମୋତେ ମାରି ଦିଅନ୍ତି, ଜୀବନର ଶେଷ କ୍ଷଣରେ ମଧ ମୁଁ ସେମାନଙ୍କ ପ୍ରତି କୃତଜ୍ଞତା ଜଣାଇବି। କାରଣ ସେମାନେ ମୋତେ ମାରିବା ଦ୍ୱାରା ମୋ ଶରୀରରୁ ଜୀବନକୁ ଅଲଗା କରିଦେବେ । ସେଇ ଜୀବନ, ଯେଉଁଥିରେ ମୁଁ ଅନେକ ଗୁଡ଼ିଏ ଭୁଲ କରିଛି । ଆଗକୁ ମୁଁ କେବେ କୌଣସି ଭୁଲ କରିପାରିବି ନାହିଁ । ମୁଁ ଭାବିବି ଯେ ସେମାନେ ମୋ ମିତ୍ର। କାରଣ ସେମାନେ ମୋତେ ବନ୍ଧନ ମୁକ୍ତ କରିଛନ୍ତି । ଏହା ପରେ ବୁଦ୍ଧ କହିଲେ, ଏବେ ତୁମେ ଯେଉଁଠି ଚାହୁଁଛ ସେଇଠିକି ଯାଇପାର । ତୁମେ ଯୁଆଡ଼େ ବି ଯିବ ମୋ ଆଦର୍ଶର ପ୍ରଚାର ଦିଗରେ ସଫଳ ହୋଇପାରିବ । ତୁମେ ପ୍ରେମ ଓ କରୁଣା ବାଣ୍ଟିବାରେ ସଫଳ ହୋଇପାରିବ। ତୁମେ ଲୋକଙ୍କୁ ଜାଗୃତ କରିବାରେ ସହାୟକ ହୋଇପାରିବ । ଏହି କଥାର ମର୍ମ ହେଉଛି, ଦୃଢ଼ ଇଚ୍ଛାଶକ୍ତି ଓ ସଂକଳ୍ପ ବଳରେ ଅସମ୍ଭବ କାର୍ଯ୍ୟକୁ ମଧ ସମ୍ଭବ କରିପାରିବ।

# କାକୁଡି ଓ ଟମାଟୋ ମିଶେଇ ଖାଇବା ବିପଦ !

କାକୁଡି ଓ ଟମାଟୋ ବିନା ସାଲାଡ଼ର କଳ୍ପନା ମଧ କରାଯାଇ ପାରିବ ନାହିଁ। ଶରୀର ପାଇଁ ସାଲାଡ଼ ବହୁତ ହିତକର ବିଶେଷକରି ଗରମ ଦିନରେ ସାଲାଡ଼ ବହୁତ ଉପାଦେୟ । ପ୍ରତିଦିନ ଭୋଜନରେ ସାଲାଡ଼ ଖାଇଲେ ଶରୀର ସୁସ୍ଥ ରହେ । ତେବେ ଆପଣ ଜାଣିଛନ୍ତି ସାଲାଡ଼ର ପ୍ରଭାବ ପାଚନ ତନ୍ତ୍ର ଉପରେ ମଧ ପଡିପାରେ ।

ସାଲାଡ଼ରେ କାକୁଡି, ପିଆଜ, ଟମାଟୋ, ମୂଳା ଆଦି ମିଶ୍ରଣ ଆକର୍ଷଣୀୟ ହୋଇଥାଏ । କିନ୍ତୁ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏହା ହାନିକାରକ ବିଶେଷଜ୍ଞଙ୍କ କହିବାନୁଯାୟୀ, କାକୁଡିର ପୋଷାକ ତତ୍ୱ ରହିଛି । ଯାହା ଶରୀରକୁ ହାଇଡ୍ରେଟେଡ଼ ରଖିଥାଏ । କାକୁଡିରେ ଏମିତି ଏକ ଗୁଣ ମଧ ରହିଛି । ଯାହା ଭିଟାମିନ-ସି ଅବଶୋଷଣ ସହ ହସ୍ତକ୍ଷେପ କରିଥାଏ । ସେଥିପାଇଁ ଟମାଟୋ ଓ କାକୁଡିକୁ ଏକାସଙ୍ଗେ ଖାଇବାକୁ ବାରଣ କରାଯାଇଥାଏ । ଟମାଟୋ ଓ କାକୁଡି ଅଲଗା ଅଲଗା ଭାବେ ହଜମ ହୋଇଥାଏ । ଯେଉଁଥିପାଇଁ ମିଶେଇ ଖାଇବାକୁ ବାରଣ କରାଯାଇଥାଏ । ବିଶେଷଜ୍ଞଙ୍କ ଅନୁଯାୟୀ, କାକୁଡି ଓ ଟମାଟୋ ଏକାସଙ୍ଗେ ଖାଇଲେ ଏସିଡ ଫରମେସନ ଓ ବ୍ଲୋଟିଙ୍ଗ୍‌ର କାରଣ ହୋଇଥାଏ । ପାଚନ କ୍ରିୟା ସମୟରେ ପ୍ରତ୍ୟେକ ଖାଦ୍ୟ ଭିନ୍ନ ଭିନ୍ନ ଭାବେ ରିଆକ୍ଟ କରିଥାଏ । କିଛି ଆହାର ସହଜରେ ହଜମ ହୋଇଯାଇଥାଏ । କିନ୍ତୁ ଆଉ କିଛି ଆହାର ହଜମ ହେବାକୁ ବହୁତ ଅଧିକ ସମୟ ନେଇଥାନ୍ତି । ଦୁଇଟି ଆହାରର ମିଶ୍ରଣ ମଧ ହଜମ ହେବାକୁ ଅଲଗା ଅଲଗା ସମୟ ନେଇଥାଏ । ଏହାଦ୍ୱାରା ପେଟରେ ଯନ୍ତ୍ରଣା, ଗ୍ୟାସ, ଥକାପଣ ଦେଖାଦେଇଥାଏ ।



ସାଲାଡ଼, ସୁପ, ମିଠା, ତରକାରୀ ଆଦି ରୋଷେଇ କରିବା ସମୟରେ ବିଭିନ୍ନ ପ୍ରକାର ପନିପରିବା ମିଶ୍ରଣ କରାଯାଇଥାଏ । କିନ୍ତୁ କାକୁଡି ଓ ଟମାଟୋର ମିଶ୍ରଣ ଅଧିକ ସମୟରେ ମେଟାବୋଲିକ ସ୍ତର କମ କରିବାର କାରଣ ହୋଇଥାଏ । ସାଲାଡ଼ରେ ମିଶ୍ରଣ ହୋଇଥିବା ସମସ୍ତ ପରିବା ହଜମ ହେବା ପାଇଁ ଅଲଗା ଅଲଗା ସମୟ ନେଇଥାଏ । କିଛି ସହଜରେ ହଜମ ହୋଇଯାଇଥିବା ବେଳେ ଆଉ କିଛି ଶରୀରରେ ଅଧିକ ସମୟ ଯାଏଁ ରହିଥାଏ ।

କାକୁଡିରେ ଅଧିକ ମାତ୍ରାରେ ଜଳୀୟ ଅଂଶ ଥିବାରୁ ପେଟ ପାଇଁ ହାଲୁକା ପ୍ରମାଣିତ ହୋଇଥାଏ ଏବଂ ହଜମ ହେବାପାଇଁ କମ୍ ସମୟ ନେଇଥାଏ । କିନ୍ତୁ ଟମାଟୋ ଓ ଟମାଟୋ ମଞ୍ଜି ହଜମ ହେବାକୁ ଅଧିକ ସମୟ ନେଇଥାଏ । ସେଥିପାଇଁ ଏହିଭଳି ଦୁଇଟି ପରିବାକୁ ମିଶାଇ ଖାଇବା ଦ୍ୱାରା ଫର୍ମେଣ୍ଟେସନ ପ୍ରକ୍ରିୟାରେ ଗ୍ୟାସ ଓ ତରଳ ପଦାର୍ଥ ନିର୍ଗତ ହୋଇଥାଏ । ଯାହାଫଳରେ ଅନେକ ରୋଗ ହେବାର ଆଶଙ୍କା ଥାଏ । ଏହା ଶରୀରକୁ ଲାଭ ଦେବା ବଦଳରେ କ୍ଷତି କରାଇଥାଏ ଆଶଙ୍କା ରହିଥାଏ । ସେଥିପାଇଁ କାକୁଡି ଓ ଟମାଟୋକୁ ମିଶାଇ ଖାଇବା ଅନୁଚିତ ।

# ଆରମ୍ଭ ହେଲା ବୟନିକାର ବିଶେଷ ରିହାତି ସୁବିଧା

## ୨୭ ରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ମିଳିବ ବିଶେଷ ରିହାତି

ଭୁବନେଶ୍ୱର, ୨୮।୩(ମହାଭାରତ): ଓଡ଼ିଶା ଦିବସ ଉପଲକ୍ଷେ ବିଶେଷ ସରକାରୀ ରିହାତି ଦରରେ ବୟନିକାର ବିକ୍ରୟ ଆଜିଠୁ ଆରମ୍ଭ ହୋଇଛି । ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଛନ୍ତି, ବୟନିକା ହସ୍ତତନ୍ତ ସାମଗ୍ରୀର ପ୍ରଚାର ପ୍ରସାର ଓ ବୁଣାକାରଙ୍କ ଆର୍ଥିକ ସମୃଦ୍ଧିକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି । ଏହା ସହ ସେ କହିଛନ୍ତି, ହସ୍ତତନ୍ତ କ୍ଷେତ୍ରର ନିରନ୍ତର ଅଭିବୃଦ୍ଧି ଏବଂ ଅନ୍ତର୍ଜାତୀୟ ସ୍ୱୀକୃତି ସୁନିଶ୍ଚିତ କରିବା ସହିତ ଏହାର ସଂରକ୍ଷଣ ଏବଂ ପ୍ରୋତ୍ସାହନ ପାଇଁ ଓଡ଼ିଶା ସରକାର ପ୍ରତିବଦ୍ଧ ଅଛନ୍ତି । ଓଡ଼ିଶା ଦିବସ ପାଳନ ଅବସରରେ ଏହା ପର୍ଯ୍ୟଟକ ତଥା ଗ୍ରାହକମାନଙ୍କୁ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତର ଐତିହ୍ୟ ସମ୍ପର୍କରେ ମଧ୍ୟ ପରିଚିତ କରାଇବ ।

ଏହି ସୁବିଧା ୨୭ ରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଉପଲବ୍ଧ ହେବ । ସମସ୍ତ ହସ୍ତତନ୍ତ ଉତ୍ପାଦ ଉପରେ ୨୦% + ୧୦% + ୫% ବିଶେଷ ରିହାତିର ସୁବିଧା ମିଳିବ । ବୟନିକାର ସମସ୍ତ ବିକ୍ରୟ ଶାଖା, ସ୍ଥାନୀୟ ପ୍ରଦର୍ଶନୀ ପଡିଆରେ ଚାଲିଥିବା ଜାତୀୟ ହସ୍ତତନ୍ତ ମେଳା ଓ ଜନତା ମଇଦାନରେ ଚାଲିଥିବା ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳାରେ ରେ ଖୋଲିଥିବା ବୟନିକା ଷ୍ଟଲରେ ଏହି ବିଶେଷ ରିହାତି ସୁବିଧା ଉପଲବ୍ଧ ହେବ । ବୟନ ଭବନ ସ୍ଥିତ "ବୟନିକା ଅନନ୍ୟ" ଶାଖାରେ ରାତି ୧୧ଟା ରୁ ସକାଳ ୭ଟା ପର୍ଯ୍ୟନ୍ତ ବିକ୍ରୟ ଉପରେ ଅତିରିକ୍ତ ୫% ରିହାତି (୨୦% + ୧୦% + ୫%+ ୫%) ସୁବିଧା ମିଳିବ । ବୟନିକା ଅନନ୍ୟ ଶାଖା ରାତ୍ରୀ ବଜାର ସମୟରେ ଶାସ୍ତ୍ରୀୟ ସଂଗୀତ ପ୍ରଦର୍ଶନ, ଲାଇଭ୍ ଲୁମ୍ ପ୍ରଦର୍ଶନ ଏବଂ ଖାଦ୍ୟ କାଉଂଟର ବ୍ୟବସ୍ଥା ରହିବ । ବିଳମ୍ବିତ ରାତିରେ ପରିଦର୍ଶକମାନଙ୍କ ପାଇଁ ଏକ ଜୀବନ୍ତ ଓ ଆକର୍ଷଣୀୟ ପରିବେଶ ସୃଷ୍ଟି ସହ ସପିଂ ଅନୁଭବକୁ ବୃଦ୍ଧି କରିବା ଲକ୍ଷ୍ୟରେ ଏହି ଆୟୋଜନ ବୟନିକା ପକ୍ଷରୁ ଗ୍ରହଣ କରାଯାଇଛି ।

ଏହି କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ବୟନିକାର ସଭାପତି ପ୍ରକାଶ ଚନ୍ଦ୍ର ମେହେର, ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ବୟନିକାର ସାଧାରଣ ପ୍ରବନ୍ଧକ ତଥା ସମ୍ପାଦକ ସୁଷମା ବାରିକ, ବୟନିକାର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ପୃଷ୍ଠପୋଷକ ଓ ଗ୍ରାହକମାନେ ଆଗେଇ ଆସି ଖଣ୍ଡିଏ ଖଣ୍ଡିଏ ହସ୍ତତନ୍ତ ସାମଗ୍ରୀ କିଣି ନେଇ ଓଡ଼ିଶାର ଏହି ସମୃଦ୍ଧ ପରମ୍ପରାକୁ ଆଗେଇ ନେବାକୁ ମନ୍ତ୍ରୀ ନିବେଦନ କରିଛନ୍ତି ।

## ପୁରୀ ଶ୍ରୀମନ୍ଦିରକୁ ନେଇ ଗଠିତ ଗୃହ କମିଟି ପୁରୀ ଯାଇ ବୈଠକ କରାଯିବାକୁ ଦାବି

ଭୁବନେଶ୍ୱର, ୨୮।୩(ମହାଭାରତ): ପୁରୀ ଶ୍ରୀମନ୍ଦିରରେ ଭକ୍ତ ମାନଙ୍କର ପ୍ରବେଶ ଓ ଅନ୍ୟ ସମସ୍ୟା ଗୁଡିକର ସମାଧାନ ପାଇଁ ବିଧାନସଭା ଗୃହ କମିଟିର ଶୀଘ୍ର ବୈଠକ ପୁରୀରେ ଅନୁଷ୍ଠିତ ହେଉ । ପୁରୀ ବିଧାୟକ ସୁନୀଲ ମହାନ୍ତି ଆଜି ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଦାବି କରିଛନ୍ତି । ସେ କହିଛନ୍ତି ଯେ ନୂତନ ସରକାର ଗଠନ ହେବା ପରେ ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲି ଦିଆଯାଇଥିଲା । ହେଲେ ବର୍ତମାନ ଭକ୍ତ ମାନଙ୍କର ସଂଖ୍ୟା ଖୁବ ଅଧିକ ହେବା କାରଣରୁ ଦର୍ଶନ ନେଇ ଅସୁବିଧା ହେଉଛି । ତେଣୁ ବିଧାନସଭାର ଗୃହ କମିଟି ପୁରୀ ଯାଇ ସେଠାରେ ଆସୁଥିବା ସମସ୍ୟା ସମ୍ପର୍କରେ ଶୁଣିବା ଦରକାର । ଏପରି କରାଗଲେ ଶ୍ରୀମନ୍ଦିର ସମ୍ପର୍କିତ ସମସ୍ୟା ଗୁଡିକର ସମାଧାନ ହୋଇ ପାରିବ ବୋଲି ସେ କହିଛନ୍ତି ।

# କେନ୍ଦୁଝରେ ପର୍ଯ୍ୟଟନର ଆବଶ୍ୟକତା ପ୍ରସଙ୍ଗ ଉଠାଇଲେ ସାଂସଦ ଅନନ୍ତ ନାୟକ



ନୂଆଦିଲ୍ଲୀ/ କେନ୍ଦୁଝର, ୨୮।୩(ମହାଭାରତ): କେନ୍ଦୁଝର ସାଂସଦ ଅନନ୍ତ ନାୟକ ଗୁରୁବାର ଦିନ ଲୋକସଭାରେ ଶୂନ୍ୟକାଳରେ କେନ୍ଦୁଝର ଜିଲ୍ଲାରେ ପର୍ଯ୍ୟଟନର ଆବଶ୍ୟକତା ପ୍ରସଙ୍ଗକୁ ଜୋରଦାର ଭାବେ ଉଠାଇଛନ୍ତି । ସେ କହିଛନ୍ତି ଯେ କେନ୍ଦୁଝର ଜିଲ୍ଲାରେ ଥିବା ଅପାର ପ୍ରାକୃତିକ, ସାଂସ୍କୃତିକ ଧାର୍ମିକ ଐତିହ୍ୟ ସମ୍ପନ୍ନ ସ୍ଥଳ ଥିବା ସତ୍ତ୍ୱେ ଏଠାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହୋଇ ପାରି ନାହିଁ। ଯଦି ଏହି ପର୍ଯ୍ୟଟନ ସ୍ଥଳ ଗୁଡିକ ପାଇଁ ଆବଶ୍ୟକୀୟ ଭିତିଭୂମି ତିଆରି କରାଯିବ ଓ ଉଚିତ ପ୍ରଚାର ପ୍ରସାର କରାଯିବ ତେବେ ଏହା କେବଳ କେନ୍ଦୁଝରର ନୁହେଁ ବରଂ ଓଡିଶାର ଅର୍ଥନୀତିକୁ ଶକ୍ତିଶାଳି କରିପାରିବ ବୋଲି କହିଛନ୍ତି ।

ଶ୍ରୀ ନାୟକ କହିଛନ୍ତି ଯେ ପ୍ରକୃତିକ ସୌନ୍ଦର୍ଯ୍ୟ ସହିତ ସାଂସ୍କୃତିକ ଓ ଧାର୍ମିକ ସ୍ଥଳ ପାଇଁ କେନ୍ଦୁଝର ଜିଲ୍ଲା ପ୍ରସିଦ୍ଧ । କେନ୍ଦୁଝର ଜିଲ୍ଲାର ପାଖାପାଖି ୧୫୦ କିମି ଦୂରତା ମଧ୍ୟରେ ୨୨ ଟି ପ୍ରକୃତିକ ସ୍ଥଳ ରହିଛି ଯେଉଁଠାରେ ପର୍ଯ୍ୟଟନର ବିକାଶ କରାଯାଇ ପାରିବ।

ଶ୍ରୀ ନାୟକ କହିଛନ୍ତି ଯେ ଏହି ଧାର୍ମିକ ସ୍ଥଳ ମଧ୍ୟରେ ସର୍ବାଗ୍ରେ ରହିଛି ଘଟଗାଁସ୍ଥିତ ମା ତାରିଣୀ ମନ୍ଦିର । ଏହି ମନ୍ଦିରକୁ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ପରେ ସର୍ବାଧିକ ଭକ୍ତ ଦର୍ଶନ କରିବାକୁ ଆସିଥାନ୍ତି । କେନ୍ଦୁଝରରେ ଥିବା ଐତିହାସିକ ସ୍ଥଳ ମଧ୍ୟରେ ସିତାବିଂଜ ମଧ୍ୟ ରହିଛି ଯାହାର ରାମାୟଣ ସହ ସମ୍ପର୍କ ରହିଛି । ସେହିପରି ଭୀମକୁଣ୍ଡକୁ ମଧ୍ୟ ବିକଶିତ କରାଯିବାର ଆବଶ୍ୟକତା ରହିଛି । ଭୀମକୁଣ୍ଡ ମହାଭାରତ ସହ ସମ୍ବନ୍ଧିତ । ସେହିପରି ଅତ୍ୟନ୍ତ ପ୍ରାଚୀନ ମନ୍ଦିର କୁଶଳେଶ୍ୱର ମହାଦେବ ମନ୍ଦିର ପାଇଁ ପର୍ଯ୍ୟଟନ ଦୃଷ୍ଟିରୁ ବିକଶିତ କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଅନୁରୂପ ଭାବେ ବାରାପିରା ମହାଦେବ ଓ ମୁର୍ଗା ମହାଦେବ ମନ୍ଦିର ଓ ଚକ୍ରତୀର୍ଥ ମଧ୍ୟ ପର୍ଯ୍ୟଟନ ଦୃଷ୍ଟିରୁ ବିକାଶ କରାଯାଉ ବୋଲି ସେ ଦାବି କରିଛନ୍ତି । ଶ୍ରୀ ନାୟକ କହିଛନ୍ତି ଯେ ଗଙ୍ଗା ନଦୀ ପରି ବୈତରଣୀ ନଦୀକୁ ମଧ୍ୟ ଅତ୍ୟନ୍ତ ପବିତ୍ର ମନେ କରାଯାଇଥାଏ । ପବିତ୍ର ବୈତରଣୀ ନଦୀର ଉତ୍ପତି ସ୍ଥଳ ଗୋନାସିକାର ମଧ୍ୟ ପର୍ଯ୍ୟଟନ ଦୃଷ୍ଟିରୁ ବିକାଶ କରାଯିବା ଆବଶ୍ୟକ । ସେହିପରି କେନ୍ଦୁଝର ଜିଲ୍ଲାରେ ଅନେକ ଜଳ ପ୍ରପାତ ରହିଛି ଯାହା ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିଥାଏ । ଏଗୁଡିକ ମଧ୍ୟରେ ସାନଘାଗରା, ଗୁଣ୍ଡିଚାଘାଘି, ହାଣ୍ଡିଭଙ୍ଗା, ବଡ ଘାଗରା, ଖଣ୍ଡଧାର, କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ଶ୍ରୀ ନାୟକ କହିଛନ୍ତି ଯେ କେନ୍ଦୁଝର ଜିଲ୍ଲାରେ ଅନେକ ବଣଭୋଜୀ ପାଇଁ ଉତ୍କୃଷ୍ଟ ସ୍ଥାନ ରହିଛି । ଏଗୁଡିକ ମଧ୍ୟରେ କେଶରୀ କୁଣ୍ଡ, ତେନ୍ତେଇନାଳି, ଗିରିଡିହ ବନ୍ଧ, କାଙ୍ଗୁଝର, କାଇଜୋଡା. ଦଗଡସିଲା, ଡାବରଚୁଆ, ସଂଗଡହଡାକୁ ବିକଶିତ କରାଯିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ନାୟକ କହିଛନ୍ତି ।

ସାଂସଦ ଶ୍ରୀ ନାୟକ କହିଛନ୍ତି ଯେ କେନ୍ଦୁଝର ଜିଲ୍ଲାରେ ପର୍ଯ୍ୟଟନ ଦୃଷ୍ଟିରୁ ଅସୀମ ସମ୍ଭାବନା ଥିବା ସତ୍ତ୍ୱେ ଆବଶ୍ୟକୀୟ ଭିତିଭୂମିର ନ ଥିବା କାରଣରୁ ଓ ଉପଯୁକ୍ତ ପ୍ରଚାର ପ୍ରସାର ନ ହେବା କାରଣରୁ ଏହାର ଲାଭ ସ୍ଥାନୀୟ ଲୋକଙ୍କୁ ମିଳି ପାରୁ ନାହିଁ। ତେଣୁ ଏହି ଧାର୍ମିକ- ସାଂସ୍କୃତିକ ଓ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳ ଗୁଡିକ ପାଇଁ ଆବଶ୍ୟକୀୟ ଭିତିଭୂମି ପାଇଁ ସେ ଦାବି କରିଛନ୍ତି । ସଡକ ପରିବହନ ସହିତ ଯାତ୍ରୀ ମାନଙ୍କର ରହିବା ପାଇଁ ହୋଟେଲ- ଲଜର ବ୍ୟବସ୍ଥା, ଇଂଟରନେଟ କନେକ୍ଟିଭିଟି ଭଳି ଭିତିଭୂମି ବିକାଶ କରିବା ସହ ଏହି ପର୍ଯ୍ୟଟନ ସ୍ଥଳ ଗୁଡିକର ବ୍ୟାପକ ପ୍ରଚାର ପ୍ରସାର କରିବାକୁ ସେ ଦାବି କରିଛନ୍ତି । ଏହି ଅଂଚଳରେ ଧାର୍ମିକ, ସାଂସ୍କୃତିକ ଓ ପରିବେଶ ଆଧାରିତ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦିଆଗଲେ ସ୍ଥାନୀୟ ଯୁବକ ମାନଙ୍କୁ ରୋଜଗାର ମିଳି ପାରିବ ବୋଲି ସେ କହିଛନ୍ତି । ଏହା ସହିତ ପରିବେଶର ସୁରକ୍ଷା ସହିତ ଆଡଭେଂଚର ଟୁରିଜିମର ମଧ୍ୟ ବିକାଶ ହେବ ।

## ବାହାର ରାଜ୍ୟରେ ପଞ୍ଜିକୃତ ହୋଇଥିବା ୬୬୭୨ଟି ଯାନ ଓଡିଶାରେ ଚଳାଚଳ କରୁଛି

ଭୁବନେଶ୍ୱର, ୨୮।୩(ମହାଭାରତ): ବର୍ତମାନ ବାହାର ରାଜ୍ୟରେ ପଞ୍ଜିକରଣ ହୋଇଥିବା ୬୬୭୨ଟି ଯାନ ଓଡିଶାରେ ଚଳାଚଳ କରୁଛି । ଏଥି ମଧ୍ୟରେ ସର୍ବାଧିକ ୨୨୯୪ଟି ରହିଛି ମାଲ ପରିବହନ ଯାନ । ଏହା ପଛକୁ ରହିଛି ୧୯୫୭ ଟି ଦୁଇ ଚକିଆ ଯାନ ଏବଂ ୧୬୯୫ଟି ମୋଟର କାର ।

ଅନ୍ୟ ରାଜ୍ୟରେ ପଞ୍ଜିକୃତ ଗାଡି ଓଡିଶାରେ ଚାଲିବା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଅନ୍ୟ ରାଜ୍ୟରେ ପଞ୍ଜିକୃତ ହୋଇଥିବା ୨୯ଟି ଆମ୍ବୁଲାନ୍ସ, ୧୭ଟି ଟ୍ରାକ୍ଟର, ୪୬ଟି କ୍ରେନ, ୩୮ଟି ଡମ୍ପର, ୨୯ଟି ଓମିନି ବସ ସହିତ ଅନ୍ୟାନ୍ୟ ଯାନ



ରହିଛି ।

ମନ୍ତ୍ରୀ କହିଛନ୍ତି ଯେ ଅନ୍ୟ ରାଜ୍ୟରେ ପଞ୍ଜିକୃତ ହୋଇଥିବା ଯାନ ଓଡିଶାରେ ଚଳାଚଳ କରିବା ନିମନ୍ତେ ଧାରା ୪୭ ଅନୁସାରେ ଓଡିଶାରେ ପଞ୍ଜିକରଣ ନମ୍ବର ହାସ କରିପାରିବେ । ଅନ୍ୟ ରାଜ୍ୟରେ ପଞ୍ଜିକୃତ ହୋଇଥିବା ମାଲବାହୀ ଯାନ ଉକ୍ତ ରାଜ୍ୟରୁ ଜାତୀୟ ପରମିଟ ଏବଂ କେନ୍ଦ୍ରୀୟ ମୋଟରଯାନ ନିୟମ ଅନୁଯାୟୀ ଓଡିଶାରେ ଚଳାଚଳ କରିପାରିବେ । ଓଡିଶା ସରକାରଙ୍କ ଦ୍ୱାରା ପ୍ରଚଳିତ ଇ-ଚେକଗେଟ ମାଧ୍ୟମରେ ଅନ୍ୟରାଜ୍ୟର ଯାନଗୁଡିକ ଅନଲାଇନରେ ପରମିଟ ହାସଲକରି ଓଡିଶାରେ ଚଳାଚଳ କରିପାରିବେ । ବାହାର ରାଜ୍ୟରୁ ଓଡିଶାକୁ ଆସୁଥିବା ଯାନମାନଙ୍କ ଦ୍ୱାରା ଆମ ରାଜ୍ୟର କୌଣସି ରାଜସ୍ୱ କ୍ଷତି ହୁଏନାହିଁ ।

## ଗ୍ରୀଷ୍ମ ପ୍ରବାହ ପାଇଁ ସରକାରୀ ସୁଲଭ ଦୋକାନରେ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ପରାମର୍ଶ

ଭୁବନେଶ୍ୱର, ୨୮।୩(ମହାଭାରତ): ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଅବଗତ କରାଯାଇଛି। ସାଧାରଣ ବଂଟନ ବ୍ୟବସ୍ଥା ଅନ୍ତର୍ଗତ ହିତାଧିକାରୀ ମାନଙ୍କୁ ରାସନ ସାମଗ୍ରୀ ସକାଳ ସାତ ଘଟିକାରୁ ୧୦ ଘଟିକା ଏବଂ ସନ୍ଧ୍ୟା ପାଂଚ ଘଟିକାରୁ ଆଠ ଘଟିକା ମଧ୍ୟରେ ବଂଟନ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏ ସଂକ୍ରାନ୍ତରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ମାନଙ୍କୁ ବିଭାଗ ପକ୍ଷରୁ ଅବଗତ କରାଯାଇଛି । ଏଥିସହ ଖରା ଦାଉରୁ ରକ୍ଷା ପାଇବା ପାଇଁ ହିତାଧିକାରୀ ମାନଙ୍କ ପାଇଁ ସରକାରୀ ସୁଲଭ ମୂଲ୍ୟ ଦୋକାନ ଗୁଡିକରେ ଅସ୍ଥାୟୀ ଆଶ୍ରୟସ୍ଥଳୀ, ପାନୀୟ ଜଳ, ଓଆରଏସ ମହଜୁଦ ଭଳି ବ୍ୟାପକ ଆନୁସଙ୍ଗିକ ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦିଆଯାଇଛି ।

ସେହିଭଳି ଚାଉଳ ଉଠାଣ ଓ ବିତରଣ କେନ୍ଦ୍ର ଗୁଡିକରେ ନିୟୋଜିତ ଶ୍ରମିକ ମାନଙ୍କ ପାଇଁ ପାନୀୟ ଜଳ ଓ ଓଆରଏସ ବ୍ୟବସ୍ଥା କରିବାକୁ ମଧ୍ୟ କୁହାଯାଇଛି । ହିତାଧିକାରୀ ଏବଂ ନିୟୋଜିତ ଶ୍ରମିକ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସରକାରୀ ସୁଲଭ ମୂଲ୍ୟ ଦୋକାନ ଏବଂ ଚାଉଳ ବିତରଣ କେନ୍ଦ୍ର ଗୁଡିକରେ ଆବଶ୍ୟକୀୟ ସୂଚନା ପତ୍ର ବଣ୍ଟନ ଓ ପୋଷ୍ଟର ଲଗାଇବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି । ଏତଦବ୍ୟତୀତ ପ୍ରସ୍ତୁତି ପୂର୍ବକ ସଜାଗ ରହି କାର୍ଯ୍ୟ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଆମେ ଓଡ଼ିଆ, ଆମ ପଖାଳ ଭାରି ବଢିଆ

ଭୁବନେଶ୍ୱର, ୨୮।୩(ମହାଭାରତ): ତୁଷାର ଚାରିଟେବୁଲ ଟ୍ରଷ୍ଟ ଓ ମା' ସୁନାଦେଇ ପ୍ରତକ୍ସନ ତରଫରୁ ଆଚାର୍ଯ୍ୟ ବିହାର ପରିଷଦଠାରେ ଆମେ ଓଡ଼ିଆ, ଆମ ପଖାଳ ଭାରି ବଢିଆ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଜଗନ୍ନାଥ ପ୍ରଧାନ ଓ ସ୍ଥାନୀୟ ଅଂଚଳ ମହିଳା, ଗୁରୁଜନ ମାନେ ଯୋଗଦେଇ ପଖାଳର ଆନନ୍ଦ ନେଇଥିଲେ।

ଟ୍ରଷ୍ଟର ସମ୍ପାଦକ ବିବେକାନନ୍ଦ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଆ ପାରମ୍ପରିକ ଖାଦ୍ୟ ପଖାଳ ସହିତ ମାଛଭଜା, ବଡ଼ିଚୁରା, ଚୁନାମାଛ ଭଜା, ଶାଗଭଜା, ଶଜନାଛୁଇଁ ଭଜା, ଭେଣ୍ଡିଆଳୁ ଭଜା, କଲରା ଭଜା, ଚିଙ୍ଗୁଡ଼ି ଛେଚା, ଛତୁ ଭଜା ଏବଂ ପାମ୍ପଡ଼ ସହିତ ୧୬ ପ୍ରକାର ପାରମ୍ପରିକ ଓଡ଼ିଆ ବ୍ୟଞ୍ଜନର ମଜା ନେଇ ଆମେ ଓଡ଼ିଆ ଆମ ପଖାଳ ଭାରି ବଢିଆ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆମେ ଓଡ଼ିଆ, ଆମ ପଖାଳ ଭାରି ବଢିଆ ପାଳନ ଅବସରରେ ଟ୍ରଷ୍ଟର ସମ୍ପାଦକ ବିବେକାନନ୍ଦ ବାରିକ କହିଥିଲେ ଯେ, ସାମ୍ପ୍ରତିକ ସମୟରେ ସାଧାରଣତଃ ଲୋକମାନେ ପିଜା, ବର୍ଗର, ଚିକେନ ପଫ୍, ଚିକେନ ରୋଲ ଆଦି ଫାଷ୍ଟଫୁଡ୍ ଖାଦ୍ୟ ଖାଇ ବିଭିନ୍ନ ରୋଗର ଶିକାର ହୋଇଥାନ୍ତି। ତେଣୁ ସାଧାରଣ ଜନତାଙ୍କୁ ଏଥିରୁ ନିବୃତ୍ତ ରହି ଓଡ଼ିଆବାସୀଙ୍କ ପାରମ୍ପରିକ ଖାଦ୍ୟ ପଖାଳ ପ୍ରତି ହିଦା ବଢାଇବା ଉଦ୍ଦେଶ୍ୟରେ ଏହି ପଖାଳ ଦିବସ ପାଳନ କରାଯାଉଛି ।

## ଆଦାନୀ ପ୍ରସଙ୍ଗ ଉଠାଇଲେ ବିରୋଧୀ ଦଳ ଉପନେତା



ଭୁବନେଶ୍ୱର, ୨୮।୩(ମହାଭାରତ): ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଆଜି ଗୃହରେ ଆଦାନୀ ପ୍ରସଙ୍ଗ ଉଠାଇଛନ୍ତି । ଶୂନ୍ୟକାଳରେ ସେ ଏହି ପ୍ରସଙ୍ଗ ଉଠାଇଛନ୍ତି । ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ବରଗଡ଼ରେ ଥିବା ସରକାରୀ ସିମେଣ୍ଟ କମ୍ପାନୀକୁ ୨୦୦୩ ମସିହାରେ ଘରୋଇକରଣ ହୋଇ ଏସିସି ସିମେଣ୍ଟକୁ ଦିଆଯାଇଥିଲା । ବର୍ତ୍ତମାନ ଏସିସି ସିମେଣ୍ଟର ଅଧିକାଂଶ ସେୟାର ଆଦାନୀ କମ୍ପାନୀ କିଣି ନେଇଥିବାରୁ ବର୍ତ୍ତମାନ କାରଖାନାର ମାଲିକ ଆଦାନୀ କମ୍ପାନୀ । କର୍ମଚାରୀଙ୍କୁ ଜୋର ଜବରଦସ୍ତ ଭିଆରଏସ ନେବାକୁ କୁହାଯାଉଛି । ଆଉ କିଛି କର୍ମଚାରୀଙ୍କୁ ବାହାରକୁ ପଠାଇ ଦିଆଯାଇଛି । ସିମେଣ୍ଟ କାରଖାନା ବନ୍ଦ କରି ଗନ୍ଧମାର୍ଦ୍ଦନ ପର୍ବତରୁ ବକ୍ସାଇଟ ଆଣି ସିମେଣ୍ଟ କାରଖାନାରେ କ୍ଲିଙ୍କର ପ୍ରତିଷ୍ଠା କରିବାକୁ ଆଦାନୀ କମ୍ପାନୀ ଯୋଜନା କରୁଥିବା ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେସରକାର ଗୋଟେ କମ୍ପାନୀକୁ କାରଖାନା ପାଇଁ ଜମି ଦେଇଥିଲେ, ସେ କେମିତି ସରକାର ଦେଇଥିବା କମ୍ପାନୀକୁ ଅନ୍ୟ ଜଣକୁ ବିକିଲା ? ସରକାର ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି ।

## ମନ୍ତ୍ରୀଙ୍କ ନିକଟରେ ସୂଚନା ପହଂଚାଉଛନ୍ତି ୨୦ଜଣ ଅଧିକାରୀ

ଭୁବନେଶ୍ୱର, ୨୮।୩(ମହାଭାରତ): ବିଭିନ୍ନ ଗଣମାଧ୍ୟମର ପ୍ରକାଶିତ ଖବରଗୁଡିକ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ଶାସନ ସଚିବ ଆଦିଙ୍କ ଦୃଷ୍ଟିକୁ ଆଣିବାପାଇଁ ଓଡିଶା ସୂଚନା ଦେବା ବର୍ଗର ୨୦ଜଣ ଅଧିକାରୀ ଓ ୩ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ମୁଖ୍ୟମନ୍ତ୍ରୀ ଉଲ୍ଲେଖକରିଛନ୍ତି ଯେ ଛାପା ଗଣମାଧ୍ୟମ, ବୈଦ୍ୟୁତିକ ଗଣମାଧ୍ୟମ ଓ ବିଭିନ୍ନ ସୋସିଆଲ ମିଡିଆରେ ପ୍ରକାଶିତ ଖବରଗୁଡିକ ପ୍ରକାଶିତ ହେବା ଦିନ ହିଁ ସୂଚନା/ଲୋକସମ୍ପର୍କ ଅଧିକାରୀମାନେ ଖବରକାଗଜ ର ସମ୍ପୃକ୍ତ ଅଂଶକୁ ସଂଗ୍ରହ କରି କାର୍ଯ୍ୟାନୁଷ୍ଠାନ ପାଇଁ ଉପରୋକ୍ତ ମନ୍ତ୍ରୀଙ୍କ ଦପ୍ତର ଓ ନିଜ ନିଜ ବିଭାଗକୁ ପଠାଇଥାନ୍ତି । ଏହାଛଡା ଅତିରିକ୍ତ ଭାବେ ହ୍ୱାଟସଆପ ଦ୍ୱାରା ମଧ୍ୟ ବିଭିନ୍ନ ବିଭାଗ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ସୂଚନା/ ଲୋକସମ୍ପର୍କ ଅଧିକାରୀମାନେ ଉପରେକ୍ତ ମନ୍ତ୍ରୀଙ୍କ ଦପ୍ତର ଓ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରିଥାନ୍ତି।

# ବଜ୍ରପାତକୁ ରୋକିବାପାଇଁ ଲାଗିଲାଣି ୧୯ଲକ୍ଷ ତାଳ ଗଛ ଚାରା

ଭୁବନେଶ୍ୱର, ୨୮।୩(ମହାଭାରତ): ବ୍ରଜପାତରୁ ସୁରକ୍ଷା ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୀ ପରିବର୍ତନ ବିଭାଗ ତରଫରୁ ୨୦୨୪-୨୫ ଆର୍ଥିକ ବର୍ଷରେ ତାଳ ଗଛ ଚାରା ରୋପଣ ପାଇଁ ହୋଇଥିବା ଯୋଜନାରେ ବର୍ତମାନ ସୁଦ୍ଧା ୫୧ଟି ବନଖଣ୍ଡରେ ୧୯ଲକ୍ଷ ତାଳ ଗଛ ଚାରା ରୋପଣ କରାଯାଇଛି।

ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଏହି ଯୋଜନାରେ ଦୁଇ ବର୍ଷ ଯଥା ୨୦୨୪-୨୫ ଏବଂ ୨୦୨୫-୨୬ ବର୍ଷ ପାଇଁ ୭କୋଟି ୫୯ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥବଲା । ବଜ୍ରପାତକୁ ରୋକିବାପାଇଁ ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ବିପର୍ଯ୍ୟୟ



ପ୍ରଶମନ ପାଣ୍ଠିରୁ ୨୩ଲକ୍ଷ ତାଳଗଛ ଚାରା ରୋପଣ ପାଇଁ ୭.୫୯କୋଟି ଟଙ୍କା ପ୍ରଦାନ କରାଯାଇଥିଲା।

ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଲଗାଯାଇଥିବା ତାଳଗଛ ଚାରା ମଧ୍ୟରୁ ସର୍ବାଧିକ ୧ଲକ୍ଷ ଚାରା କଳାହାଣ୍ଡି ଦକ୍ଷିଣ ବନଖଣ୍ଡରେ ଲଗାଯାଇଥିବାବେଳେ ନୟାଗଡ ଓ ସୁନ୍ଦରଗଡର ବଣାଇ ବନଖଣ୍ଡରେ ୮୦ହଜାର କରି ତାଳଗଛ ଚାରା ଲଗାଯାଇଛି । ସବୁଠାରୁ କମ ମାତ୍ର ୧ହଜାର ତାଳ ଚାରା କଟକ ସିଟି ବନଖଣ୍ଡରେ ଲଗାଯାଇଛି । ସେହିଭଳି ଗତ ୫ବର୍ଷ ମଧ୍ୟରେ ବଜ୍ରପାତରେ ରାଜ୍ୟରେ ମୋଟ ୧୪୧୮ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଏଥି ମଧ୍ୟରେ ୨୦୨୦-୨୧ ବର୍ଷରେ ସର୍ବାଧିକ ୩୩୯ଜଣ ମୃତ୍ୟୁବରଣ କରିଥିବାବେଳେ ୨୦୨୨-୨୩ ବର୍ଷରେ ୩୦୬ ଜଣ ମରିଛନ୍ତି । ଏହି ୫ବର୍ଷରେ ସର୍ବାଧିକ ୧୩୪ଜଣ ମୟୁରଭଞ୍ଜ ଜିଲ୍ଲାରେ ମୃତ୍ୟୁବରଣ କରିଥିବାବେଳେ ବାଲେଶ୍ୱରରେ ୧୧୦, ଗଞ୍ଜାମରେ ୧୦୪ ଓ କେନ୍ଦୁଝରରେ ୧୦୦ ଜଣ ମୃତ୍ୟୁବରଣ କରିଛନ୍ତି । ଦେବଗଡ ଜିଲ୍ଲାରେ ସବୁଠାରୁ କମ ମାତ୍ର ୧୧ ଜଣ ମୃତ୍ୟୁବରଣ କରିଛନ୍ତି ।

## ବୈଷୟିକ ସଂଶୋଧନ ସହିତ ଲୋକସଭା ରେଳବାଇ (ସଂଶୋଧନ) ବିଲ୍ ପାରିତ

ନୂଆଦିଲ୍ଲୀ, ୨୮।୩(ମହାଭାରତ): ଲୋକସଭା ଗୁରୁବାର ଦିନ ରେଳବାଇ (ସଂଶୋଧନ) ବିଲ୍ ୨୦୨୪ କୁ ବାଚନିକ ଭୋଟ୍ ଦ୍ୱାରା ବୈଷୟିକ ସଂଶୋଧନ ସହିତ ପାରିତ କରିଛି । ରାଜ୍ୟସଭାରେ ଅନୁମୋଦନ ହୋଇଥିବା ଏହି ବିଲ୍‌ରେ ବୈଷୟିକ ସଂଶୋଧନ କରାଯାଇଛି ।ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ରେଳବାଇ (ସଂଶୋଧନ) ବିଲ୍, ୨୦୨୪କୁ ବିଚାର ପାଇଁ ଉପସ୍ଥାପନ କରିଥିଲେ । ସେ କହିଛନ୍ତି ଯେ, ରେଳବାଇ ଅଧିନିୟମ, ୧୯୮୯ ରେ ଲୋକସଭାରେ ପାରିତ ହୋଇଥିବା ସଂଶୋଧନ ବିଲ୍‌ରେ ରାଜ୍ୟସଭାରେ କିଛି ସଂଶୋଧନ କରାଯାଇଛି । ଏଗୁଡ଼ିକ ଯାନ୍ତ୍ରିକ ପ୍ରକୃତିର ।ରେଳବାଇ (ସଂଶୋଧନ) ବିଲ୍, ୨୦୨୪ ଗତ ବର୍ଷ ଲୋକସଭା ଦ୍ୱାରା ପାରିତ ହୋଇଥିଲା ଏବଂ ଏହା ପରେ ଏହାକୁ ଅନୁମୋଦନ ପାଇଁ ରାଜ୍ୟସଭାକୁ ପଠାଯାଇଥିଲା । ଏଥିରେ ରାଜ୍ୟସଭାରେ କିଛି ସଂଶୋଧନ କରାଯାଇଥିଲା ।ଏହି ବିଲ୍ ପ୍ରଣୟନ ସୂତ୍ରରେ ୭୬ତମ ବର୍ଷକୁ ୭୫ତମ ସ୍ଥାନରେ ରଖାଯାଇଛି । ନିମ୍ନ ଗୃହ ଦ୍ୱାରା ଅନୁମୋଦିତ ସଂଶୋଧନ ଗୁଡ଼ିକ ସ୍ୱାଧିନତାର ବର୍ଷ ସହିତ ଜଡ଼ିତ । ଏହି ଆଇନ ଗୁଡ଼ିକ ଲୋକସଭା ଦ୍ୱାରା ପାରିତ ହେବାର ଗୋଟିଏ ବର୍ଷ ପରେ କାର୍ଯ୍ୟକାରୀ ହେବ ।

ଯେତେବେଳେ ଏହି ବିଲ୍ ଆଇନରେ ପରିଣତ ହୁଏ, ୨୦୨୫ ବର୍ଷ ୨୦୨୪ ପରିବର୍ତେ ଏହାର ନାମରେ ଯୋଡ଼ାଯିବ ।

# ଆତ୍ମସମୀକ୍ଷା କରୁ କଂଗ୍ରେସ: ମନମୋହନ

ଭୁବନେଶ୍ୱର, ୨୮।୩(ମହାଭାରତ): ରାଜ୍ୟରେ ବିଧାନସଭାକୁ ନେଇ କିଛି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । କୌଣସି ପ୍ରସଙ୍ଗ ନ ଥାଇ ଅପ୍ରସଙ୍ଗକୁ ପ୍ରସଙ୍ଗ କରିବାକୁ ଅପଚେଷ୍ଟା କରୁଛି କଂଗ୍ରେସ । ପବିତ୍ର ବିଧାନସଭାରେ ମର୍ଯ୍ୟାଦାର ଉଲ୍ଲଂଘନ କରାଯାଇଛି । ବାଚସ୍ପତିଙ୍କୁ ଯେଉଁଭଳି ବ୍ୟବହାର ପ୍ରଦର୍ଶନ କରାଗଲା, ତାହା ମଧ୍ୟ କୌଣସି ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ପାଖରୁ ଆଶା ଓ ଅପେକ୍ଷା କରାଯାଇପାରିବ ନାହିଁ । ଗଠନମୂଳକ ପ୍ରସ୍ତାବ ଦେବା ବା ସମାଲୋଚନା କରିବାକୁ ବିରୋଧୀ ଦଳକୁ କେହି ମନା କରିନାହାଁନ୍ତି । ଏଥିପାଇଁ ସହଯୋଗ ଓ ବିରୋଧ ମଧ୍ୟ ଗଠନମୂଳକ ହେବା ଦରକାର । ବିଭିନ୍ନ ବିଷୟରେ ସରକାରଙ୍କୁ ଗଣତନ୍ତ୍ରରେ ସମାଲୋଚନା କରାଯାଏ । ବିରୋଧୀ ଦଳ ଯଦି ଠିକ୍ କଥା କହୁଛି କିମ୍ବା ସରକାରଙ୍କ କୌଣସି ଭୁଲ୍ ଥିଲେ ଏହାର ସଂଶୋଧନ କରିବା ପାଇଁ ମନା ନାହିଁ । ତେବେ କୌଣସି ଆଧାର ଓ ବିଷୟବସ୍ତୁ ନ ଥାଇ ବିରୋଧୀ ଦଳ ଯେପରି ଆଚରଣ ପ୍ରଦର୍ଶନ କରୁଛି, ତାହା ଅତ୍ୟନ୍ତ ନିନ୍ଦନୀୟ । ସରକାର ବିଧାନସଭାରେ ସବୁ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଥିଲାବେଳେ ବିରୋଧୀ ଦଳ କେବେଳ ମିଛ ଅପପ୍ରଚାର କରି 'ସର୍ଟକଟ୍ ରାଜନୀତି' କରିବାକୁ ଚେଷ୍ଟା କରୁଛି । ଆଲୋଚନ ନ କରି ପ୍ରଶ୍ନୋତର କାର୍ଯ୍ୟକ୍ରମରେ



ହୋ-ହଲ୍ଲା କରିବା ସହ ଗୃହର ମଧ୍ୟଭାଗରେ ଘଂଟ ବାଡେଇ ବାଧା ସୃଷ୍ଟି କରିଥିଲା । ଏଥିରେ ସମ୍ପୃକ୍ତ ବିଧାୟକମାନଙ୍କୁ ନିଲମ୍ବିତ କରାଯିବା ପରେ ସେମାନେ ଏବେ ଗୁଣ୍ଡାଗର୍ଦ୍ଦି କରୁଛନ୍ତି । ସେଥିରୁ ଜଣାପଡୁଛି ବିରୋଧୀ ଦଳ ନିଜର ଭୂମିକା ଏପର୍ଯ୍ୟନ୍ତ ବୁଝିପାରିନାହାଁନ୍ତି । ଏପରିକି ନିଜ ଦାୟିତ୍ୱ ନିର୍ବାହ କରିବାକୁ ସେମାନେ ଏପର୍ଯ୍ୟନ୍ତ ମାନସିକସ୍ତରରେ ପ୍ରସ୍ତୁତ ମଧ୍ୟ ନୁହଁନ୍ତି । ଏବେବି ସେମାନେ ସରକାରରେ ରହିଛନ୍ତି ବୋଲି ବୋଧହୁଏ ଭାବୁଛନ୍ତି । ସେମାନେ ଜୋସରେ ନ ରହି ହୋସରେ ରୁହନ୍ତୁ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଶ୍ରୀ ସାମଲ କହିଛନ୍ତି ଯେ, ଓଡ଼ିଶାର ସ୍ୱାର୍ଥକୁ ଦୃଷ୍ଟି ରଖି ବିରୋଧୀ ଜନମତକୁ ସମ୍ମାନ ଦେବା ଉଚିତ୍ । ଓଡ଼ିଶାର ଜନମତ ବିରୋଧୀ ଦଳକୁ ପ୍ରତ୍ୟାଖାନ କରିଛି, ଏକଥା ସେମାନେ ସ୍ୱୀକାର କରିବା ଦରକାର । ଯେଉଁମାନେ ପୂର୍ବରୁ କହୁଥିଲେ ଆଇନକୁ ହାତକୁ ନେବାର ଅଧିକାର କାହାର ନାହିଁ, ସେମାନେ ଆଜି ସେମାନଙ୍କ କଥା ଭୁଲିଯାଇଛନ୍ତି । ଆଇନଶୃଙ୍ଖଳାକୁ ହାତକୁ ନେଇ ସାଧାରଣ ଲୋକଙ୍କ ଜୀବନ ସହ ଖେଳିବାର ଅଧିକାର କାହାର ନାହିଁ । ବିରୋଧୀ ଦଳର ଏପରି ଆଚରଣ, ଉଚ୍ଚାରଣ ଓ ହିଂସାତ୍ମକ ବ୍ୟବହାରରୁ ତୀବ୍ର ନିନ୍ଦା କରୁଛି ବିଜେପି । ନାରୀ ସୁରକ୍ଷା ପ୍ରସଙ୍ଗ ଉଠାଉଥିବା କଂଗ୍ରେସ ତାର କଳଙ୍କିତ ଇତିହାସକୁ ଭୁଲିଯିବା ଉଚିତ ନୁହେଁ । ଛବିରାଣୀ ହତ୍ୟାକାଣ୍ଡଠାରୁ ଆରମ୍ଭ କରି ଅଞ୍ଜନା ମିଶ୍ର ଘଟଣା ପର୍ଯ୍ୟନ୍ତ ସେମାନଙ୍କର କଳଙ୍କିତ ଇତିହାସ ରହିଛି । ଯେଉଁମାନେ ଓଡ଼ିଶା ଇତିହାସକୁ କଳଙ୍କିତ କରିଛନ୍ତି ସେମାନେ ଆଜି ନାରୀ ପ୍ରସଙ୍ଗ ଉଠାଇବା ଲଜ୍ଜାଜନକ ବିଷୟ ବୋଲି ଶ୍ରୀ ସାମଲ କହିଛନ୍ତି ।

ଅପ୍ରସଙ୍ଗକୁ ଉଠାଇ ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ବିରୋଧୀ ଓଡ଼ିଶାର ସାଢ଼େ ୪କୋଟି ଲୋକଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାରକୁ ସହଯୋଗ କରନ୍ତୁ । ଓଡ଼ିଶାର ବିକାଶ ଦିଗରେ କେହି ଅନ୍ତରାୟ ସୃଷ୍ଟି ନ କରନ୍ତୁ । ବିଜେପି ବିରୋଧୀ ଦଳରେ ଥିଲାବେଳେ ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରୁଥିଲା । ଅପରପକ୍ଷେ ବିରୋଧୀ ସରକାରରେ ଥିଲାବେଳେ କେବେ ବିରୋଧୀ ଦଳକୁ ବୈଠକ ପାଇଁ ଡାକୁ ନ ଥିଲେ । ମାତ୍ର ବିଜେପି ସରକାର ସବୁବେଳେ ସର୍ବଦଳୀୟ ବୈଠକ ଡାକିଛି । ଓଡ଼ିଶାର ଲକ୍ଷଲକ୍ଷ ଯୁବକ ଦାଦନ ଖଟିବାକୁ ଯାଉଥିବାବେଳେ ଏଠାରେ ଜଳସେଚନର ବ୍ୟବସ୍ଥା ନାହିଁ । ଓଡ଼ିଶାରେ ସାମଗ୍ରିକ ବିକାଶର ଆବଶ୍ୟକତା ଅଛି ।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ ଓ ରାଜ୍ୟ ମୁଖପାତ୍ର ସୁଦିପ୍ତ ରାୟ ଉପସ୍ଥିତ ଥିଲେ ।

## ଆରବିଆଇ ତରଫରୁ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୮।୩(ମହାଭାରତ): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ), ଭୁବନେଶ୍ୱର ପକ୍ଷରୁ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗୁରୁବାର ଏକ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆରବିଆଇ ମହାପ୍ରବନ୍ଧକ ଅନିତା ପଟ୍ଟନାୟକ; ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ;, ଏସଏଲବିସି ଓଡ଼ିଶାର ଆବାହକ ତଥା ମହାପ୍ରବନ୍ଧକ ଗୌତମ ପାତ୍ର; ଏସବିଆଇ ଡିଜିଏମ ସନ୍ଦୀପ କୁମାର ଚୌବେ; ୟୁବିଆଇ ଏଜିଏମ ବଂଶୀଧର ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ।

ଏହାପରେ ଜିଏମ୍ ଆରବିଆଇ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିବା ସହ ମୁଖ୍ୟ ଭାଷଣ ଦେଇଥିଲେ । ନିଜ ଅଭିଭାଷଣରେ ସେ ଉଦ୍ଦେଶ୍ୟରେ ରିଜର୍ଭ ବ୍ୟାଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ । ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଆର୍ଥିକ ସାକ୍ଷରତା ପାଇଁ ଆରବିଆଇ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ସେ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଇଥିଲେ । ବିଭିନ୍ନ ପ୍ରକାର ସାଇବର ଠକେଇ ରୋକିବା ପାଇଁ ଆର୍ଥିକ ସଚେତନତା ଓ ସତର୍କତା ଅବଲମ୍ବନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଆର୍ଥିକ ସଚେତନତାର ଆବଶ୍ୟକତା ଉପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ସମେତ ଅନ୍ୟ ଅତିଥିମାନେ ମଧ୍ୟ ଜୋର ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, କୃଷକ, ଉଦ୍ୟୋଗୀ ଓ ବରିଷ୍ଠ ନାଗରିକ ଙ୍କ ଭଳି ବିଭିନ୍ନ ବର୍ଗର ପ୍ରାୟ ୪୫୦ ଜଣ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ । ଭାରତୀୟ ରିଜର୍ଭ ବ୍ୟାଙ୍କର ତିନୋଟି ବିଭାଗ ଯଥା ଏଫଆଇଡିଡି, ଡିଓଏସ୍ ଓ ଆଇବିଡିର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରିଜର୍ଭ ବ୍ୟାଙ୍କର ଅଧିକାରୀମାନେ ଆର୍ଥିକ ଯୋଜନା, ସଞ୍ଚୟ ଏବଂ ଦାୟିତ୍ୱପୂର୍ଣ୍ଣ ଋଣ ନେବା, ନିବେଶ, ବୀମା ସମେତ ସାମାଜିକ ସୁରକ୍ଷା ଯୋଜନା ଏବଂ ପେନସନ, ଶିକ୍ଷା ଋଣ ପାଇଁ ବିଦ୍ୟା ଲକ୍ଷ୍ମୀ ପୋର୍ଟାଲ ଆଦି ଉପରେ ଆୟୋଜିତ ଅଧିବେଶନରେ ସେମାନଙ୍କର ମତ ରଖିଥିଲେ । ଅଂଶଗ୍ରହଣକାରୀଙ୍କୁ ନକଲି ନୋଟ୍ ଚିହ୍ନଟ, ବ୍ୟାଙ୍କ ଦ୍ୱାରା ନୋଟ୍ ବିନିମୟ ସୁବିଧା ଏବଂ ମୁଦ୍ରା ଗୁଡିକର ଲିଗାଲ ଟେଂଡର ସମ୍ପର୍କରେ ଅବଗତ କରାଯାଇଥିଲା । ଏହାବ୍ୟତୀତ ବିଭିନ୍ନ ପ୍ରକାର ଠକେଇ ସମେତ ବାସ୍ତବ ଜୀବନର ଉଦାହରଣ ଦେଇ ସାଇବର ଠକେଇ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ଫୋନ୍ ମାଧ୍ୟମରେ କୌଣସି ବି ବ୍ୟକ୍ତି ସହିତ ସମ୍ବେଦନଶୀଳ ଆର୍ଥିକ ତଥ୍ୟ ସେୟାର ନ କରିବାକୁ ଅଂଶଗ୍ରହଣକାରୀମାନଙ୍କୁ ସଚେତନ କରାଯାଇଥିଲା । ଶେଷରେ ଆରବିଆଇର ଅଭିଯୋଗ ସମାଧାନ ବ୍ୟବସ୍ଥା ଏବଂ ଅଭିଯୋଗ ଦାଖଲ ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ସମସ୍ତଙ୍କୁ ଅବଗତ କରାଯାଇଥିଲା । ସମସ୍ତ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ପ୍ରାସଙ୍ଗିକ ଲିଫଲେଟ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଅଡିଓ ଏବଂ ଭିଜୁଆଲ ବିଷୟବସ୍ତୁ ମଧ୍ୟ ବ୍ୟବହାର କରାଯାଇଥିଲା । କାର୍ଯ୍ୟକ୍ରମଟି ଇଣ୍ଟରଆକ୍ଟିଭ୍ ଥିଲା ଏବଂ ଅଂଶଗ୍ରହଣକାରୀଙ୍କ ପ୍ରଶ୍ନର ଉତ୍ତର ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ଏଲଡିଏମ, ଏଫଏଲସି, ସିଏଫଏଲ ଏବଂ ଅନ୍ୟାନ୍ୟ ବ୍ୟାଙ୍କର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଶେଷରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା ।

# ପ୍ରତିବନ୍ଧକ

ଟ୍ରମ୍ପ ପ୍ରଶାସନ ଆମେରିକାରେ ବେଆଇନ ଭାବେ ଅନୁପ୍ରବେଶ କରିଥିବା ପ୍ରବସୀଙ୍କ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଦେଶରୁ ନିର୍ବାସିତ କରିଛନ୍ତି। ଆମେରିକା ପରେ ବିଶ୍ୱର ଆଉ କେତେକ ଦେଶ ବେଆଇନ ପ୍ରବାସୀଙ୍କ ପ୍ରତି କଠୋର ହୋଇଛନ୍ତି। ଭାରତ ମଧ୍ୟ ପ୍ରବାସୀଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ଯାଉଥିବା ସୂଚନା ମିଳିଛି। ମଙ୍ଗଳବାର ଦିନ କେନ୍ଦ୍ର ସରକାର ଲୋକସଭାରେ ପ୍ରବାସନ ଓ ବିଦେଶୀ ବିଧାୟକ ୨୦୨୫ ବିଲ୍ ଆଗତ କରିବା ପରେ ଏଥିରୁ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ବାରି ହୋଇପଡୁଛି ବୋଲି କୁହାଯାଇପାରେ। କହିବା ବାହୁଲ୍ୟ ଯେ, ଭାରତରେ ବିଦେଶୀ ନାଗରିକଙ୍କ ପ୍ରବେଶ, ପ୍ରସ୍ଥାନ ଏବଂ ରହଣି ଉପରେ କେନ୍ଦ୍ର ସରକାରଙ୍କ ଅଧିକ ନିୟନ୍ତ୍ରଣ ରଖିବାର ଉଦ୍ଦେଶ୍ୟକୁ ସ୍ପଷ୍ଟ କରେ। ଦେଶର ସୁରକ୍ଷା, ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ପ୍ରତି ବିପଦ ଥିଲେ ବିଦେଶୀ ନାଗରିକଙ୍କ ପ୍ରବେଶ ଓ ରହଣି ଉପରେ କେନ୍ଦ୍ର ସରକାରଙ୍କ ଅଧିକ ନିୟନ୍ତ୍ରଣ ରଖିବାର ଉଦ୍ଦେଶ୍ୟକୁ ସ୍ପଷ୍ଟ କରେ। ଦେଶର ସୁରକ୍ଷା, ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ପ୍ରତି ବିପଦ ଥିଲେ ବିଦେଶୀ ନାଗରିକଙ୍କ ପ୍ରବେଶ ଓ ରହଣି ଉପରେ ସରକାର କଟକଣା ଲଗାଇ ପରିବାର ବ୍ୟବସ୍ଥା ପ୍ରସ୍ତାବିତ ବିଲ୍‌ରେ ରହିଛି। କିନ୍ତୁ ପ୍ରସ୍ତାବିତ ଆଇନରେ କେତେକ ବ୍ୟବସ୍ଥା ପ୍ରସ୍ତାବିତ ବିଲରେ ରହିଛି। କିନ୍ତୁ ପ୍ରସ୍ତାବିତ ଆଇନରେ କେତେକ ବ୍ୟବସ୍ଥା ମୌଳିକ ଅଧିକାର ଏବଂ ଅନ୍ୟାନ୍ୟ ସାମ୍ବିଧାନିକ ବ୍ୟବସ୍ଥାର ଉଲଂଘନ କରିବ ବୋଲି ବିରୋଧି ଦଳଗୁଡିକ ଆଶଙ୍କା ପ୍ରକାଶ କରିଛନ୍ତି। ଏହା ନିସନ୍ଦେହ ଯେ, ପ୍ରସ୍ତାବିତ ବିଲ୍ ପ୍ରବାସନ ଓ ବିଦେଶୀ ଆଇନର ନବୀକରଣ ଓ ସୁଦୃଢୀକରଣ ପାଇଁ ଉଦ୍ଦିଷ୍ଟ। ଦେଶରେ ପ୍ରଚଳିତ ବିଦେଶୀ ନାଗରିକ ଆଇନ ଔପନିବେଶିକ ଯୁଗର ବା ବ୍ରିଟିଶ ଅମଳର। କିନ୍ତୁ ପ୍ରସ୍ତାବିତ ଆଇନରେ କେତେକ କଠୋର ବ୍ୟବସ୍ଥା ରହିଛି, ଯାହା ବିଦେଶୀ ପର୍ଯ୍ୟଟକ ଏବଂ ପରିଭ୍ରମଣକାରୀଙ୍କୁ ଭାରତ ଆସିବାକୁ କୁଣ୍ଠିତ କରିପାରେ। ସେହିପରି ପ୍ରସ୍ତାବିତ ଆଇନରେ ଥିବା କେତେକ ବ୍ୟବସ୍ଥା ଶରଣାର୍ଥୀଙ୍କ ପାଇଁ ଭାରତର ପ୍ରଶାସନିକ ମନ୍ଥରତା ଅତ୍ୟନ୍ତ କଷ୍ଟକର ହେବା ଆଶଙ୍କାକୁ ଏଡାଇ ଦେଇନପାରେ। ଆହୁରି ମଧ୍ୟ ପ୍ରସ୍ତାବିତ ଆଇନରେ ବ୍ୟବସ୍ଥା ଅନୁଯାୟୀ ଜଣେ ବିଦେଶୀ ବିନା ବୈଧ କାଗଜପତ୍ରରେ ଭାରତରେ ପ୍ରବେଶ କରିବା ଆଦୌ ସହଜସାଧ ହେବ ନାହିଁ। ବୈଧ କାଗଜପତ୍ର ନଥିଲେ, ତାଙ୍କୁ ବିନା ୱାରେଣ୍ଟରେ ଗିରଫ କରାଯାଇପାରିବ। ଯଦି କୌଣସି ବ୍ୟକ୍ତିଙ୍କ ଆଗମନ କ୍ଷେତ୍ରରେ ଯୁକ୍ତିଯୁକ୍ତ ସନ୍ଦେହ ହୁଏ, ସେ କ୍ଷେତ୍ରରେ ମଧ ବିନା ୱାରେଣ୍ଟରେ ତାଙ୍କୁ ଗିରଫ କରାଯାଇପାରିବ। ବିଦେଶୀ ନାଗରିକ ମାନେ ସେମାନଙ୍କର ପ୍ରବେଶ କିମ୍ବା ରହଣି ସମୟରେ ନିଜକୁ ପଂଜୀକରଣ କରିବାର ପୂର୍ବରୁ ଯେଉଁ ସ୍ୱାଧୀନତା ପାଇଥିଲେ, ତାହା ଆଉ ନୂଆ ଆଇନ କାର୍ଯ୍ୟକାରୀ ହେବା ପରେ ପାଇବେ ନାହିଁ। ପହଁଚିବା ପରେ ତୁରନ୍ତ ସେମାନେ ପଂଜୀକରଣ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ବାଧ୍ୟତାମୂଳକ ବ୍ୟବସ୍ଥା ରହିଛି। ସେହିପରି ଚିକିତ୍ସା ଏବଂ ଅଧ୍ୟୟନ ପାଇଁ ଆସୁଥିବା ବିଦେଶୀଙ୍କ ସମ୍ପର୍କରେ ସମ୍ପୃକ୍ତ ଡାକ୍ତରଖାନା ଓ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ପଂଜୀକରଣ କର୍ତ୍ତୃପକ୍ଷଙ୍କ ନିକଟରେ ରିପୋର୍ଟ କରିବାକୁ ବାଧ୍ୟତାମୂଳକ। ଆହୁରି ମଧ କୌଣସି ଅନୁଷ୍ଠାନ ପାଇଁ ବିଦେଶୀ ନାଗରିକଙ୍କୁ ଅତିଥି କରିବା ଆଇନ କାର୍ଯ୍ୟକାରୀ କରିବା ପରେ ଆଉ ସହଜସାଧ ହୋଇନପାରେ। ଅନ୍ୟପକ୍ଷରେ ପ୍ରସ୍ତାବିତ ଆଇନକୁ ନେଇ ବିରୋଧିଦଳଗୁଡିକ ଆଶଙ୍କା ପ୍ରକାଶ କରିବା ସ୍ୱାଭାବିକ। ସରକାର ପସନ୍ଦ କରୁନଥିବା ବ୍ୟକ୍ତିଙ୍କ ସହ ବିଦେଶୀ ଆଗନ୍ତୁକଙ୍କୁ ସାକ୍ଷାତ କରାଇ ନଦେବା ପାଇଁ ଏଭଳି ବ୍ୟବସ୍ଥା କରାଯାଇଥିବା ବିରୋଧି ଦଳଗୁଡିକର ଆଶଙ୍କାର ମୂଳକାରଣ। ଯାହାକି ବ୍ୟକ୍ତିର ମୌଳିକ ଅଧିକାର ଓ ସାମ୍ବାଧାନିକ ବ୍ୟବସ୍ଥାର ଉଲଂଘନ କରିବା ନେଇ ସେମାନଙ୍କ ଆଶଙ୍କା ଅମୂଳକ ନୁହେଁ ବୋଲି କୁହାଯାଇପାରିବ। ତେବେ ପ୍ରସ୍ତାବିତ ଆଇନ ଭାରତର 'ବିଶ୍ୱଗୁରୁ ଦାବି' ଏବଂ 'ବସୁଧୈବ କୁଟୁମ୍ବକମ' (ସମଗ୍ର ବିଶ୍ୱ ଗୋଟିଏ ପରିବାର) ମହତ ଚିନ୍ତାଧାରା, ଆଦର୍ଶ ଭାବମୂର୍ତ୍ତିକୁ ଆନ୍ତର୍ଜାତିକ ସ୍ତରରେ ବ୍ୟାହତ କରିପାରେ। କିନ୍ତୁ ଦେଶର ଜାତୀୟ ନିରାପତା ସହ କୌଣସି ସାଲିସ୍ କରାଯାଇ ଆଇନର ଅପବ୍ୟବହାରକୁ ରୋକାଯିବା ଜରୁରୀ, ଯାହାକି ଦେଶ ପାଇଁ କ୍ଷତି ସାବ୍ୟସ୍ତ ହୋଇପାରେ। ତେଣୁ ଆଇନର ପୁଙ୍ଖାନୁପୁଙ୍ଖ ସମୀକ୍ଷା ଆବଶ୍ୟକ।

# ଅବହେଳା ଓ ଭ୍ରାନ୍ତି

## ଶ୍ରୀନିବାସ ମାନସିଂହ

ଉନବିଂଶ ଶତାବ୍ଦୀରେ ପ୍ରକାଶିତ ଜେନ୍ ଅଷ୍ଟିନ୍‌ଙ୍କ ଉପନ୍ୟାସ 'ଅହମିକା ଓ ଭ୍ରାନ୍ତି' ( ଚକ୍ସସୟର ବଭୟ ଚକ୍ୱରହଙ୍କୟସମର) ସହିତ ଏହାର କିଛି ସମ୍ବନ୍ଧ ନାହିଁ। ତେବେ ଏତିକି କହିବି : ଅହମିକା ଠାରୁ ଅବହେଳା ଅନେକ ସମୟରେ ଅଧିକ ଘାତକ ସିଦ୍ଧ ହୋଇଥାଏ। ଉପେକ୍ଷା ଓ ଅବହେଳାର ଶିକାର ହେଲେ ଯେମିତି ନିଷ୍ପାପ ଦେବଶିଶୁଟିଏ ବି ଅନ୍ଧଗଳିରେ ବାଟବଣା ହୋଇଯାଏ ; ଆଉ ଯେଉଁଭଳି କାମ୍ବୋଡିଆର ସହସ୍ର ବର୍ଷର ଐତିହ୍ୟ , ଐଶ୍ୱର୍ଯ୍ୟ ଅରଣ୍ୟ ତଳେ ହଜିଯାଇ ଆଜିର ଆଙ୍କୋର ୱ୍ଟ୍ ପାଲଟିଯାଏ, ଠିକ୍ ସେଇଭଳି ବର୍ତ୍ତମାନର ଗୋଟାଏ ଅଧେ ବିଷୟକୁ ନେଇ ଏ ଚର୍ଚ୍ଚା।

ଏବେ ଏଇ ମାର୍ଚ୍ଚ ମାସର କ୍ୟାଲେଣ୍ଡରଟି ଓଲଟି ଏପ୍ରିଲ ହେବା ଭିତରେ ଆମେ ଦୁଇ ଦୁଇଟି ବଡ଼ ଐତିହାସିକ ଦିବସ ପାଳନ କରିବା। ସେଇ ସ୍ମୃତିରେ କେତେଥର ଶଙ୍ଖ ଫୁଙ୍କା ହୋଇଯିବ ଓ ତା'ପରେ ଆଉ ବର୍ଷ ଟିଏ ବିତିଯିବ ଗଭୀର ସୁସୁପ୍ତି ଭିତରେ ପୁଣି ଆସନ୍ତା ବର୍ଷ କେଇ ଘଡ଼ି ଚେଇଁ ଆଉଥରେ ଶଙ୍ଖ ଫୁଙ୍କିବା ପର୍ଯ୍ୟନ୍ତ।

୧) ପ୍ରଥମଟି ହେଲା ଚୈତ୍ର ଶୁକ୍ଳ ପ୍ରତିପଦା, 'ବର୍ଷ ପ୍ରତିପଦା' ବା 'ହିନ୍ଦୁ ନବବର୍ଷ', ଯାହା ଏ ବର୍ଷ ମାର୍ଚ୍ଚ ୩୦ ତାରିଖରେ ପଡୁଛି।

ଆମ ତିଥି ମାନଙ୍କର ବୈଶିଷ୍ଟ୍ୟ ଯଦି ଆମେ ବିଚାରକୁ ନେଉଥାଉ ତାହେଲେ, ଏଇ ତିଥିଟି ସମସ୍ତ ତିଥି ମାନଙ୍କ ମଧ୍ୟରେ ଶ୍ରେଷ୍ଠ। ଶାସ୍ତ୍ର ଅନୁସାରେ : ବ୍ରହ୍ମାଙ୍କ ସୃଷ୍ଟି ରଚନାର ଏହା ହିଁ ହେଉଛି ପ୍ରାରମ୍ଭ ଦିବସ। କାଳ ଗଣନା ଏହି ଦିନରୁ ଆରମ୍ଭ ହୋଇଛି। ଏହି ତିଥିର ମହତ୍ତ୍ୱ କାଳେ କାଳେ ଜାଜ୍ୱଲ୍ୟମାନ ରହିଆସିଛି। ସେଇଥିପାଇଁ ତ୍ରେତୟା ଯୁଗରେ ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଓ ଦ୍ୱାପର ଯୁଗରେ ଧର୍ମରାଜ ଯୁଧିଷ୍ଠିର ନିଜ ନିଜର ସିଂହାସନ ଆରୋହଣ ପାଇଁ ଏହି ତିଥିଟିକୁ ହିଁ ବାଛିଥିଲେ। କେବଳ ସେତିକି ନୁହେଁ , ସମ୍ରାଟ ବିକ୍ରମାଦିତ୍ୟ ମଧ୍ୟ ନିଜର ରାଜ୍ୟାଭିଷେକ ଏହି ତିଥିରେ ସମ୍ପର୍ଣ୍ଣକରି ବିକ୍ରମାବ୍ଦ ର ପ୍ରଚଳନ କରିଥିଲେ। ନିକଟ ଅତୀତରେ ବେଦ ଉଦ୍ଧାରକ ମହର୍ଷି ଦୟାନନ୍ଦ ସରସ୍ୱତୀ 'ଆର୍ଯ୍ୟ ସମାଜ' ର ପ୍ରତିଷ୍ଠା ପାଇଁ ମଧ୍ୟ ଏହି ତିଥି ଟିକୁ ବରଣ କରିଥିଲେ।

ସେଇଥି ପାଇଁ ଏବର୍ଷ ମାର୍ଚ୍ଚ ୩୦ ତେଇଁ ୩୧ ହେବାମାତ୍ରେ କ୍ୟାଲେଣ୍ଡର ରେ କଲ୍ୟାତୀତାବ୍ଦ ବା ଯୁଗାବ୍ଦ ୫୧୨୫ ରୁ ୫୧୨୬ ହୋଇଯିବ ଓ ସମ୍ବତ୍ ବା ବିକ୍ରମ ସମ୍ବତ ହେବ ୨୦୮୧ ରୁ ୨୦୮୨। ହଜାର ହଜାର ବର୍ଷଧରି ଏହି କାଳ ଗଣନା ଆମ ଦେଶରେ ଚଳି ଆସିଛି ଓ ଏହା ଆମର ନିଜସ୍ୱ। ସମୟର ଆବଶ୍ୟକତା କୁ ଦୃଷ୍ଟିରେ ରଖି ନୂତନତା କୁ ଅପଣେଇବାରେ ଆପତ୍ତି ନାହିଁ , କିନ୍ତୁ ଆତ୍ମପରିଚୟକୁ ଜଳାଞ୍ଜଳି ଦେଇକରି କେବେ ନୁହେଁ। ପଡୋଶୀଘର ମାଉସୀଙ୍କୁ ସମ୍ମାନ କରିବା ବହୁତ ଭଲ, ସେଥିପାଇଁ ସାଧୁବାଦ। ହେଲେ, ଭ୍ରାନ୍ତି ର ବଶବର୍ତ୍ତୀ ହୋଇ ପ୍ରତିବଦଳରେ ନିଜର ମାଆଙ୍କୁ ଚିରାକନା ପିନ୍ଧେଇ ଦାଣ୍ଡରେ ବସେଇଦେଲେ , କେବଳ ଧିକ୍କାର ହିଁ ପ୍ରାପ୍ୟ ହେବ।

୨) ଠିକ୍ ସେମିତି ଏପ୍ରିଲ ୧ ତାରିଖ ଦିନ ପାଳନ ହେବ ଉତ୍କଳ ଦିବସ( ୦୧.୦୪.୧୯୩୬)। ଓଡ଼ିଶା ପାଇଁ ୧୫୬୦ ରୁ ୧୯୩୬ ମସିହାର କାଳଖଣ୍ଡଟି ଇତିହାସର ଏକ ଅଭିଶପ୍ତ ଅଧ୍ୟାୟ। ଷୋଡ଼ଶ ଶତାବ୍ଦୀର ପୂର୍ବବର୍ତ୍ତୀ ହଜାର ହଜାର ବର୍ଷର ଇତିହାସରେ କିନ୍ତୁ ଏ ଭୂଖଣ୍ଡ ନିରବଚ୍ଛିନ୍ନ ଭାବରେ ନିଜର ଗୌରବ ଅକ୍ଷୁର୍ଣ୍ଣ ରଖିଥିଲା। ଏପରିକି କଳିଙ୍ଗ ଯୁଦ୍ଧରେ ମଧ୍ୟ ସମ୍ରାଟ ଅଶୋକ ଏହାର ଶକ୍ତିକୁ ସମ୍ପୂର୍ଣ୍ଣଭାବେ ପଦାନତ କରିପାରି ନାହାଁନ୍ତି।

ଆଜି ବିନମ୍ରତାର ସହିତ ଏକ ଛୋଟିଆ ପ୍ରଶ୍ନ : ଉତ୍କଳ ଦିବସ ତ ଆମେ ପାଳନ କରୁଛେ ଓ କରିବା , କିନ୍ତୁ ଜଣେ ଓଡ଼ିଆ ଭାବରେ ଆମେ କେତେ ଗର୍ବିତ ଓ କେତେ ଦାୟିତ୍ୱଶୀଳ ??

ବେଶି ନୁହେଁ, ଆଉ ମାତ୍ର ତିରିଶ ବର୍ଷ ପରେ ଓଡ଼ିଆ ଭାଷାର ସ୍ଥିତି ଓ ସ୍ୱରୂପ କେମିତି ହେବ ତାହା କେବଳ ଏଇ ଗୋଟିଏ ଦୁଇଟି କଥାରୁ ଜଣାପଡିଯିବ : ଆମର ପରବର୍ତ୍ତୀ ପ୍ରଥମ ପିଢି ରେ କେତେଜଣ ଓଡ଼ିଆରେ ଲେଖିପଢି ପାରନ୍ତି ?? ଆଉ ଦ୍ୱିତୀୟ ପିଢ଼ି ଟି ବିଷୟ ନକହିଲେ ଭଲ।

ଷାଠିଏ ବୟସ ଛୁଇଁଥିବା, ସମସାମୟିକ ଆମେ ସମସ୍ତେ ଓଡ଼ିଆ ଲେଖି ପଢି ପାରୁଥିଲେ ମଧ ଏହାର ବ୍ୟବହାର ରେ ଆଜି ଆମର ଆନ୍ତରିକତା କେତେ ? ଏବେ ଆମେ ବ୍ୟବହାର କରୁ କି ଆମର ମାତୃଭାଷା କୁ ପଦେ କିଛି ଲେଖିଲା ବେଳକୁ, କାଗଜରେ ହେଉ ବା ମୋବାଇଲ୍ ରେ ?? ଆଉ ତିରିଶ ବର୍ଷ ପରେ ପିଲାମାନଙ୍କର ଆନ୍ତରିକତା ଯେଉଁ ସ୍ତରରେ ପହଞ୍ଚିଥିବ ସେଇଥିରୁ ହିଁ ଆମ ମାତୃଭାଷା ର ଭବିଷ୍ୟତ ଜଳଜଳ ଦିଶୁଛି !!

ଏବର ବଡ଼ବଡ଼ ଲୋକମାନେ, ବିଲାତି ନୁହଁନ୍ତି ,ଦେଶୀ ଓଡିଆ ସାହେବ ସାହେବାଣୀ ମାନେ , ତାଙ୍କ ଘରର କୁକୁର ସହିତ ବାଟ ଘାଟରେ ବି ଇଂରାଜୀ ରେ କଥାବାର୍ତ୍ତା କରନ୍ତି : 'ହା..ଇ.. ଟାଇଗର୍ , କମ୍ ହିଅର। ଗୁଡ୍ ବୟ। ସିଟ୍ ଡାଉନ୍ ....' ତେଣୁ , ସେମାନେ ପିଲାମାନଙ୍କ ସହିତ ଘରେ ଓଡ଼ିଆରେ କଥାବାର୍ତ୍ତା କରିବା ପ୍ରଶ୍ନ ଟି ଉଠାଇବା ନାହିଁ।

ଏବେକାର ପିଲାମାନଙ୍କ ଭିତରୁ ତପସ୍ୱିନୀ, ଚିଲିକା, ନୀଳଶୈଳ, ଛଅମାଣ ଆଠଗୁଣ୍ଠ କେତେଜଣ ପଢିଥିବେ ପଚାରିବି ନାହିଁ , କେବଳ ପଚାରିବି, ସେମାନଙ୍କ ଭିତରୁ କେତେଜଣ ଗୋଟିଏ ଲେଖାଏଁ ଧାଡି ମାତ୍ର କହି ପାରିବେ ସାରଳା ଦାସ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ରାଧାନାଥ ରାୟ, ଗଙ୍ଗାଧର ମେହେର କି ଗୋଦାବରୀଶ ମହାପାତ୍ର ଙ୍କ ଉପରେ !

ଆମ ପିଲାମାନେ କେବେ ବି ଥରେ ସଂଯୁକ୍ତା ପାଣିଗ୍ରାହୀ, ସୁନନ୍ଦା ପଟ୍ଟନାୟକ, ବାଳକୃଷ୍ଣ ଦାଶ,ରଘୁନାଥ ପାଣିଗ୍ରାହୀ, ଗୁରୁ କେଳୁଚରଣ ଙ୍କ ବିଷୟରେ ଶୁଣିବାର ଅବସର ପାଉଛନ୍ତି କି ?

ଆମେ କେବେ ସୁଯୋଗ ଦେଇଛେ ଆମର ପିଲାଙ୍କୁ , ଗଜପତି କୃଷ୍ଣଚନ୍ଦ୍ର ଦେବ, ବୀର ସୁରେନ୍ଦ୍ର ସାଏ , ମଧୁ ବାବୁ, ଉତ୍କଳମଣି କିମ୍ବା ପଠାଣି ସାମନ୍ତ ଙ୍କ ବିଷୟରେ ଜାଣିବା ପାଇଁ !!

ମାତ୍ର ଅଳ୍ପକିଛି ମହାପୁରୁଷଙ୍କ ନାମ ଉଲ୍ଲେଖ କରିଛି, ସେହିପରି ଶହଶହ ପ୍ରାତଃ ସ୍ମରଣୀୟ ଙ୍କୁ ଜନ୍ମ ଦେଇଛି ରତ୍ନଗର୍ଭା ଏଇ ମାଟି।

ସ୍ୱାଧୀନତା ପରେ, ପଚାଶ ,ଷାଠିଏ ଓ ସତୁରୀ ଦଶକରେ ଜନ୍ମ ନେଇଥିବା ଆମ ଭିତରୁ ପ୍ରାୟ ସମସ୍ତଙ୍କର ଆତ୍ମ ସମୀକ୍ଷା ର ସମୟ ହୁଏତ ଆସିଛି , ତାହାହେଲା : ବର୍ତ୍ତମାନର ଏ ବିକଟ ପରିସ୍ଥିତି ପାଇଁ ଆମର ଅବଦାନ କେତେ, ତା'ର ଆକଳନ କରିବା ; ତାହା ପୁଣି ନିରପେକ୍ଷ ଭାବରେ। ଏଠି ସରକାର କିମ୍ବା ବ୍ୟବସ୍ଥା ଆଡ଼କୁ ଆଙ୍ଗୁଳି ଦେଖାଇବା ଚଳିବ ନାହିଁ !!

ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ନିଜର ତନ ମନ ଧନ ସମର୍ପଣ କରିଥିବା ସେନାପତି ମାନେ ସେତେବେଳେ ଏ ଜାତିର ଦୁର୍ଗତି ଦେଖି ଗାଇଥିଲେ .......' ମାଆ ମାଆ ବୋଲି କେତେ ମୁଁ ଡାକିଲି ମାଆ କୁ ପାଇଲି ନାହିଁ ........'

କାରଣ ସେତେବେଳେ ଓଡ଼ିଆ ର ସ୍ୱତନ୍ତ୍ର ପରିଚୟ କିଛି ନଥିଲା। ସବୁକିଛି ହଜି ଯାଇଥିଲା। ସେହି ଯୋଦ୍ଧାମାନଙ୍କ ବଳିଦାନରୁ ଆମେ ଆମର ହୃତ ପରିଚୟ ଫେରି ପାଇଲେ, ଜୀବନଦାନ ପାଇଲା ସ୍ୱତନ୍ତ୍ର ଓଡ଼ିଶା। ହେଲେ, ଶହେଟି ବର୍ଷ ବି ନପୁରୁଣୁ ପୁଣି ଦେଖାଦେଲାଣି ସେଇ ଏକା ସମସ୍ୟା।

ଯଦି ଯତ୍ନ ନ ନିଆଯାଏ, ତେବେ ନିଜର ଭାଷା, ସାହିତ୍ୟ, ସଂସ୍କୃତି, ଇତିହାସ ...ଭିତରେ ନିହିତ ଅପାର ଐଶ୍ୱର୍ଯ୍ୟ ର ଜ୍ୟୋତିପିଣ୍ଡ କୁ ଜାଣିନପାରି ଆମର ଦାୟାଦ ମାନେ ସ୍ୱପରିଚୟବିହୀନ ହୋଇ ସାମାନ୍ୟ ଜୁଳୁଜୁଳିଆ ପୋକଙ୍କ ଗହଣରେ ବି ଝାଉଁଳି ପଡି ମୁହଁ ଲୁଚେଇ ରହିବେ !!ସମୟ ଅତିକ୍ରାନ୍ତ ହୋଇଯାଉଥିଲେ ବି ପୁରାପୁରି ଅନ୍ଧକାର ହୋଇନାହିଁ। ଏବେ ବି ପ୍ରାୟଶ୍ଚିତ କରିବାର ଅବସର ରହିଛି।

ପ୍ଲଟ ନମ୍ବର ୧୨୧୫ / ୧୪୫୭
ଖଣ୍ଡଗିରିବାରୀ,ଘାଟିକିଆ,ଖଣ୍ଡଗିରି,ଭୁବନେଶ୍ୱର-୩୦
ମୋ-୮୯୭୧୭୦୬୭୯୦

# ଜନସେବାରେ ଆଲୋକିତ ଏକ ମହାର୍ଘ ଜୀବନ

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମଣିଷର ଜୀବନ ଅନେ ଅନେକ ଅସରନ୍ତି ସ୍ମୃତି, ଅଭୁଲା କୃତି ଓ ବିସ୍ମୃତିରେ ଭରା। ଜୀବନର ଚଲାବାଟରେ ପଦପାତ କରୁଥିଲାବେଳେ ସେ ଭେଟେ ଅଜସ୍ର ବ୍ୟକ୍ତିତ୍ୱମାନଙ୍କୁ, ଅସଂଖ୍ୟ ଚିହ୍ନା-ଅଚିହ୍ନା ମୁହଁ ମାନଙ୍କୁ। ପଦଚାରଣ କଲାବେଳେ ଜୀବନର ଯାତ୍ରା ପଥରେ କେଉଁ ଜଣା ଅଜଣା ମୁହଁମାନେ ତାକୁ ଭଲ ଲାଗନ୍ତି, କେହି ହସରେ, ଖୁସିରେ ଚାହିଁ ଦେଇଯାଏ, କିଏ ଆନନ୍ଦରେ ଆଗ୍ରହରେ ପଦେ ଦି'ପଦ କଥା ହୁଏ ତ କିଏ ପୁଣି ମୁହଁ ଫେରେଇ ନିଏ ଏ ବସ୍ତୁବାଦୀ ଦୁନିଆଁରେ। ସମୟର ଅସରନ୍ତି ଛନ୍ଦପତନର ଏହା ହିଁ ବୋଧହୁଏ ଅଲିଖିତ ନିୟମ।

ଯିଏ ଧର୍ମକୁ ଆଶ୍ରୟ କରେ ସିଏ ସତ୍ୟନିଷ୍ଠ ହୁଏ। ଧର୍ମ ମନୁଷ୍ୟକୁ ଶୁଦ୍ଧ ମନୁଷ୍ୟରେ ପରିଣତ କରେ ତା ଭିତରେ ଥିବା କ୍ଷୁଦ୍ରତା ଓ ସଂକୀର୍ଣ୍ଣତାକୁ ଦୂରେଇଦିଏ। ଯିଏ ଅହଂକାରୀ ହୁଏ ଏବଂ ଆପଣାର ନିୟନ୍ତ୍ରିତ ହୋଇ କାର୍ଯ୍ୟ କରେ ସେ ଅନ୍ୟର ଉପକାର କରିପାରେ ନାହିଁ। ଅହଂକାରୀ ବ୍ୟକ୍ତି କହେ ମୁଁ ସବୁର କର୍ତ୍ତା। ଅନ୍ୟର କଲ୍ୟାଣ ବା ପରୋପକାର ଭଗବାନଙ୍କର ବିଚିତ୍ର ଲୀଳା ବା ଇଚ୍ଛା ଅନୁସାରେ ନାନାରୂପ ଧାରଣ କରିଥାଏ। ସେହିପରି ବିନୀତ ଓ ହୃଦୟବାନ ମନୁଷ୍ୟ ପ୍ରତି ଭଗବାନଙ୍କର କରୁଣା ସର୍ବଦା ଥାଏ। ସେଥିପାଇଁ ସେ ଜୀବନର ସବୁ ସ୍ତରରେ ନିଜର ସଫଳ ମଣିଷ ଭାବରେ ନିଜକୁ ପ୍ରମାଣିତ କରିଥାଏ। ଏହି ଭାବ ଧାରଣ କରି ବିଶିଷ୍ଟ ଜନନେତା ସ୍ୱର୍ଗତଃ ଡାକ୍ତର ଦେବେନ୍ଦ୍ର ପ୍ରଧାନ ଓଡ଼ିଶାକୁ ବିଜେପିର ସଫଳତାର ସିଡ଼ିରେ ଶୀର୍ଷରେ ପହଞ୍ଚାଇବାରେ ସକ୍ଷମ ହୋଇଥିଲେ।

ଡାକ୍ତରୀ ପେଷା ପରି ଏକ ଉତ୍ସର୍ଗୀକୃତ ସେବା ଜୀବନର ନିଷ୍ଠାପର ବୃତ୍ତି ସମ୍ପାଦନ ଭିତରେ ରାଜନୀତି ସହ ସମ୍ପୃକ୍ତ ରହିବା ଏବଂ ବେଶ ନିଷ୍ଠାର ସହିତ ଗୋଟିଏ ଦଳକୁ ସଫଳତାର ଶ୍ରେୟରେ ପହଞ୍ଚାଇବାର ନେପଥ୍ୟ ଅବଦାନ ରଖିପାରୁଥିବା କ୍ୱଚିତ ବ୍ୟକ୍ତିତ୍ୱଙ୍କ ଭିତରେ ସ୍ୱର୍ଗତଃ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ନାମ ଆସିବ। ୧୯୬୧ ମସିହାରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ କଟକରୁ ଏମବିବିଏସରେ ନାମ ଲେଖାଇ ଥିଲେ ଏବଂ ୧୯୬୬ରେ ଏମବିବିଏସରୁ ଉତ୍ତୀର୍ଣ୍ଣ ହୋଇ ହାଉସ ସର୍ଜନ ଶିକ୍ଷା ଆରମ୍ଭ କରିଥିଲେ। ୧୯୬୭ ମସିହା ସେପ୍ଟେମ୍ବର ମାସରେ ଡାକ୍ତର ଭାବରେ ଡେରାକୋଲିଆରି ହସ୍ପିଟାଲରେ ଯୋଗ ଦେଇଥିଲେ। ୧୯୭୩ ପର୍ଯ୍ୟନ୍ତ ସରକାରୀ ଡାକ୍ତରୀ ଚାକିରୀ କରି ସ୍ୱେଚ୍ଛାକୃତ ଅବସର ନେଇଥିଲେ। ୧୯୮୦ରେ ରାଜନୈତିକ ଜୀବନ ଆରମ୍ଭ କରି ସେହି ବର୍ଷ ଜୁନ ୧୦ ତାରିଖରେ ବିଜେପିରେ ଯୋଗ ଦେଇଥିଲେ। ସାଙ୍ଗଠନିକ ଦକ୍ଷତା ଓ ଜଣେ ଲୋକପ୍ରିୟ ଡାକ୍ତର ହୋଇଥିବାରୁ ଦଳ ତାଙ୍କୁ ବେଶ ଗୁରୁତ୍ୱ ଦେଇଥିଲା। ୧୯୮୪ରେ ପ୍ରଥମ ନିର୍ବାଚନ ଲଢ଼ିଥିଲେ ଦେବଗଡ଼ ଲୋକସଭା ଆସନରୁ। ତେବେ ମାତ୍ର ୩୦ ହଜାର ଭୋଟ ପାଇଥିଲେ ମଧ ତାଙ୍କ ମନୋବଳ କିନ୍ତୁ ଦୃଢ଼ ଥିଲା। ସାଙ୍ଗଠନିକ କାର୍ଯ୍ୟରେ ଦଳ ତାଙ୍କ ଉପରେ ବେଶ ଖୁସି ଥିଲା ଏବଂ ତାଙ୍କୁ ସଭାପତି ପଦ ମଧ ମିଳିଥିଲା। ୧୯୯୬ ନିର୍ବାଚନରେ ଦେବଗଡ଼ରୁ ଲଢ଼ି ୧ଲକ୍ଷ ୭୫ ହଜାର ଭୋଟ ପାଇଥିଲେ ତେବେ ବିଜୟ କିନ୍ତୁ ତାଙ୍କୁ ମିଳିନଥିଲା। ୧୯୯୮ ନିର୍ବାଚନରେ ସେ ପ୍ରଥମ ଥର ଦ୍ୱାଦଶ ଲୋକସଭାକୁ ନିର୍ବାଚିତ ହେଲେ ଓ କେନ୍ଦ୍ରରେ ବାଜପେୟୀ ଜୀଙ୍କ ମନ୍ତ୍ରୀ ମଣ୍ଡଳରେ ମନ୍ତ୍ରୀ ହୋଇଥିଲେ।

ଓଡ଼ିଶା ରାଜନୀତିରେ ତାଙ୍କ ବ୍ୟକ୍ତିତ୍ୱ ଏପରି ଥିଲା ଯେ ସେ ସବୁ ଦଳର ସମସ୍ତ ନେତାଙ୍କ ସହ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରକ୍ଷା କରିପାରିଥିଲେ। ଓଡ଼ିଶା ବିଜେପିର ପ୍ରମୁଖ ବିନ୍ଧାଣୀ ଓ କହିବାକୁଗଲେ ସେ ହିଁ ମୁଖ୍ୟ ବିଶ୍ୱକର୍ମା କହିଲେ ଅତ୍ୟୁକ୍ତି ହେବନି। ଦଳ ପ୍ରତି ତାଙ୍କ ନିଷ୍ଠା, ଆଦର୍ଶ ଓ ସମର୍ପଣ ଦ୍ୱାରା ଆଜି ରାଜ୍ୟରେ ବିଜେପି ଅଭୂତପୂର୍ବ ସଫଳତା ପାଇଛି। ତାଙ୍କ ଜୀବନଟି ଥିଲା ସମ୍ପୂର୍ଣ୍ଣ ଏକ କର୍ମମୟ ଓ ଦଳ ପ୍ରତି ସମର୍ପିତ ଜୀବନ। ଦଳକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ସହ କର୍ମୀ ମାନଙ୍କୁ ଏକଜୁଟ କରି ଦଳୀୟ ଭାବଧାରାରେ ଉଦବୁଦ୍ଧ କରିପାରୁଥିଲେ। ତାଙ୍କ ଜୀବନ ଜନସେବା ପାଇଁ ସମ୍ପୂର୍ଣ୍ଣ ସମର୍ପିତ ଥିଲା। ସେ କେବଳ ନିଜ ନିର୍ବାଚନ ମଣ୍ଡଳୀରେ ନୁହେଁ ଓଡ଼ିଶା ଓ ଭାରତ ବର୍ଷ ପାଇଁ ଯେଉଁପରି କାର୍ଯ୍ୟ କରିଛନ୍ତି ତାହା ବାସ୍ତବିକ ସ୍ମରଣୀୟ ନିଶ୍ଚୟ। ବିଜେପିକୁ ଓଡ଼ିଶାରେ ଏକ ଶକ୍ତିଶାଳୀ ଓ ସାମର୍ଥ୍ୟବାନ କରି ଗଢ଼ି ତୋଳିବାରେ ତାଙ୍କ ଭୂମିକା ସ୍ମରଣୀୟ। ବାସ୍ତବିକ ତାଙ୍କ ବିୟୋଗ ଏକ ପ୍ରକାର ଯୁଗାବସାନ କହିଲେ ଅତ୍ୟୁକ୍ତି ହେବନାହିଁ। ତୃଣମୂଳ ସ୍ତରରୁ ଯାଇ ଶିଖରରେ ପହଞ୍ଚି ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ଆଜି ବିଜେପି ରାଜ୍ୟରେ ସରକାର କରିବା ପଛରେ ଥିବା ତାଙ୍କର ଅବିଶ୍ରାନ୍ତ ପରିଶ୍ରମ ଓ ନିଷ୍ଠା। କଥାରେ ଅଛି ଯାହାର ଯେମିତି ବୃତ୍ତି ତାଙ୍କର ସେମିତି କୀର୍ତ୍ତି ସ୍ଥାପନ ହୁଏ। ଶେଷରେ ଏହା ସୁକୀର୍ତ୍ତିରେ ପରିଣତ ହୁଏ। ଡାକ୍ତର ପ୍ରଧାନ ଏହାର ଉଦାହରଣ। ପ୍ରଥମେ ଦ୍ୱିତୀୟ ଭଗବାନ କୁହାଯାଉଥିବା ଡାକ୍ତର ବୃତ୍ତିରେ ଲୋକଙ୍କ ସେବା କଲେ। ପରେ ଦଳର କାର୍ଯ୍ୟକର୍ତ୍ତା, ରାଜ୍ୟ ସଭାପତି ଓ କେନ୍ଦ୍ର ପରିବହନ ମନ୍ତ୍ରୀ ଭାବେ କାମ କରି ସେ ବହୁ ସ୍ୱୀକୃତି ପାଇଛନ୍ତି। ସେ ଜଣେ ନିଷ୍ଠାପର ଜନସେବକ ଥିଲେ। ସେଥିପାଇଁ ସେ ସମସ୍ତଙ୍କ ସମ୍ମାନ ଓ ପ୍ରେରଣାର ପ୍ରତୀକ ହୋଇ ରହିଛନ୍ତି। ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ଅମର ଆତ୍ମାର ସଦଗତି ପ୍ରଦାନ କରନ୍ତୁ ଏବଂ ଓଡ଼ିଶାର ଜଣେ ଏପରି କୃତୀ ପୁରୁଷଙ୍କ ପାଇଁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛି। ରକ୍ତ ମାଂସର ଶରୀର ଚିରସ୍ଥାୟୀ ନୁହେଁ। ମାତ୍ର ଜୀବଦଶାରେ ସିଏ ଯାହା ଯାହା କରି ଯାଇଥାଏ ତାହା ଅମ୍ଳାନ ହୋଇ ରହିଥାଏ ଯୁଗ ଯୁଗକୁ। ଚନ୍ଦ୍ର, ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ ତାଙ୍କ ତ୍ୟାଗ, ସମର୍ପଣ ଓ ନିଷ୍ଠା ଅମ୍ଳାନ ହୋଇ ରହିଥିବ।

ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଭାରତୀୟ କାବ୍ୟ ଇତିହାସର ଅନ୍ୟତମ ଶିଖର ସ୍ୱାକ୍ଷର

## ଡ଼ଃ.ଅରୁନ୍ଧତୀ ଦେବୀ

'ଯେଉଁ କବିତା ପଢ଼ିଲେ ପାଠକ ଭାବେ ଯେ ସେହି କବିତାର ଲେଖକ ସେ କବି ନୁହଁନ୍ତି, ତାହା ହେଉଛି ତାର ନିଜସ୍ୱ ଅଭିଜ୍ଞତା ବା ଅଭିବ୍ୟକ୍ତି ଏବଂ କବିତାରୁ କବି ନିଷ୍କ୍ରାନ୍ତ ହୋଇଯାଇ ପାଠକଟି ଯେତେବେଳେ ଅଧିଷ୍ଠିତ ହୋଇଯାଏ ତାହା ହୁଏ ସାର୍ଥକ କବିତା।' - ସମକାଳୀନ ଓଡ଼ିଆ କବିତାର ଶିଖର ପୁରୁଷ ତଥା ଭାରତୀୟ ଆଧୁନିକ କବିତାର ଅନ୍ୟତମ ପ୍ରଖ୍ୟାତ କବି ପଦ୍ମଭୂଷଣ ରଥ ନିଜ କବିତାକୁ ନେଇ ଏହିପରି କିଛି ଧାଡ଼ି ଉଲ୍ଲେଖ କରିଥିଲେ। ସେ ସୃଷ୍ଟି କରିଥିବା କବିତା, କାବ୍ୟଧାରା କବିତାପ୍ରେମୀଙ୍କ ହୃଦୟରେ ସେ ତିଆରି କରିଥିବା ସଶ୍ରଦ୍ଧ ସ୍ଥାନଟି ଚିରକାଳ ଅକ୍ଷୁର୍ଣ୍ଣ ରହିବ ନିଶ୍ଚୟ। ଏହି ମହାନ ସାହିତ୍ୟ ସ୍ରଷ୍ଟାଙ୍କ ଏକାନବେ ବର୍ଷ ବୟସରେ ପରଲୋକ ସମଗ୍ର ଦେଶର ସାରସ୍ୱତ ଜଗତରେ ଶୋକର ଛାୟା ଖେଳାଇ ଦେଇଛି। ଓଡ଼ିଆ ସାହିତ୍ୟରେ ତାଙ୍କ ଚିରସ୍ମରଣୀୟ ଅବଦାନ ମାଧ୍ୟମରେ ସେ ଭାରତୀୟ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। ରମାକାନ୍ତ ରଥ କେବଳ ଓଡ଼ିଆ ସାହିତ୍ୟ ନୁହେଁ, ସମଗ୍ର ଭାରତୀୟ ସାହିତ୍ୟରେ ଜଣେ ସ୍ମରଣୀୟ ବ୍ୟକ୍ତିତ୍ୱ। ରମାକାନ୍ତ ରଥ ଓଡ଼ିଆ କାବ୍ୟ ଜଗତରେ ଅଦ୍ୱିତୀୟ ପୁରୁଷ। ସଚ୍ଚିଦାନନ୍ଦ ରାଉତରାୟଙ୍କ ପରେ ଓଡ଼ିଆ ସାହିତ୍ୟରେ ଜଣଙ୍କୁ ଯଦି ମହାନ କବିର ଆଖ୍ୟା ଦିଆଯାଇପାରେ ସେ ହେଉଛନ୍ତି ରମାକାନ୍ତ ରଥ।

ଜୀବନ-ମୃତ୍ୟୁ, ପ୍ରେମ-ବିରହ, ମିଳନ-ଶୋକ ଓ ଅତୀତ-ଭବିଷ୍ୟତର ନାଡ଼ି ନକ୍ଷତ୍ର ଚିହ୍ନାଇ ଦେଉଥିବା କବି ଥିଲେ ରମାକାନ୍ତ ରଥ। ତାଙ୍କର ଅବର୍ତ୍ତମାନରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲେ ମଧ ତାହା ପୂର୍ଣ୍ଣ ହୋଇଯାଏ ତାଙ୍କ କାବ୍ୟ କୃତୀରେ। କେବଳ ଭାରତରେ ନୁହେଁ, ଭାରତ ବାହାରେ ମଧ ସେ ଜଣେ ଅବିସ୍ମରଣୀୟ କବି ଭାବରେ ପରିଚିତ ଥିଲେ। କବିର ନାମ ବିସ୍ମରଣ ହୋଇଯାଏ ପଛକେ କବିତା ବିସ୍ମରଣ ହୁଏନାହିଁ। ଗୁରୁ ପ୍ରସାଦ ମହାନ୍ତି ଓ ରମାକାନ୍ତ ରଥ ଯେଉଁ ଯୁଗ ସୃଷ୍ଟି କରିଥିଲେ କବିତାରେ ତାହାର ଆଜି ଅନ୍ତ ଘଟିଛି। ଏହା ପରଠାରୁ ସାହିତ୍ୟରେ ଯୁଗ ପରିବର୍ତ୍ତନ ଘଟିବ। ସେ ଜଣେ ଯୁଗ ସ୍ରଷ୍ଟା କବି ଥିଲେ। ତାଙ୍କ କବିତାରେ ରାଧା କେବଳ ଗୋପପୁର ନୁହେଁ, ବରଂ ସହରର ବସ୍ତିମାନଙ୍କରେ ମଧ ଥିଲେ। ତାଙ୍କ କବିତା ଓ ଉପମା ଦେବାର ଢ଼ଙ୍ଗ ବିରଳ।

ରମାକାନ୍ତ ରଥ ଥିଲେ ଭାରତୀୟ କାବ୍ୟ ଇତିହାସର ଅନ୍ୟତମ ଶିଖର ସ୍ୱାକ୍ଷର। ତାଙ୍କ କବିତାରେ ଭାରତୀୟ ପରମ୍ପରା, ପୁରାଣ ଓ ଆଧୁନିକତାର ସମନ୍ୱୟ ଘଟିଥିଲା। ବାସ୍ତବିକ ପଦ୍ମଭୂଷଣ ରମାକାନ୍ତ ରଥଙ୍କ ବିୟୋଗ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ଶୂନ୍ୟତା ସୃଷ୍ଟି କରିଛି। ରମାକାନ୍ତ ରଥ ଉଭୟ ପ୍ରଶାସନିକ ଅଧିକାରୀ ଓ କବି ଜୀବନରେ ସଫଳତା ପାଇଛନ୍ତି। ତାଙ୍କ ପ୍ରଶାସନିକ ଜୀବନ ତାଙ୍କ କବି ଜୀବନକୁ କେବେ ବି ପ୍ରଭାବିତ କରିନାହିଁ। ଅନେକ କବି ତାଙ୍କୁ ସମସାମୟିକ କାଳର ଶିଖର ପୁରୁଷ ବୋଲି ବିବେଚନା କରନ୍ତି। ସେ ଶିକ୍ଷା ସଚିବ ଥିବା ସମୟରେ ଶିଶୁଲେଖା ପ୍ରକାଶ ପାଇଁ ଉଦ୍ୟମରତ ଥିଲେ। ସେ ନିଜ କବି ପ୍ରତିଭାକୁ ଶେଷ ଜୀବନ ପର୍ଯ୍ୟନ୍ତ ବଜାୟ ରଖିଥିଲେ। ସେ ମୃତ୍ୟୁ ଚେତନାକୁ ନୂତନ ଭାବରେ ଆବିଷ୍କାର କରିଥିଲେ। ସେ ଜଣେ ଅନନ୍ୟ କବି ଓ ଓଡ଼ିଆ ଭାବେ ଚିର ନମସ୍ୟ ହୋଇ ରହିବେ। ସଚ୍ଚିଦାନନ୍ଦ ରାଉତରାୟଙ୍କ ପରେ ଓଡ଼ିଆ କବିତାର ଆଙ୍ଗିକ ଓ ଆତ୍ମିକ ବିଭାବକୁ ଭାଙ୍ଗିରୁଜି ପୁଣି ଥରେ ନିଜ କବିତାରେ ଠିଆ କରେଇ ପାରିଥିବା କବି ଥିଲେ ରମାକାନ୍ତ ରଥ। ଗୃହୀ, ସନ୍ନ୍ୟାସୀ, ବିଦ୍ରୋହୀ, ବୋହେମିଆନ, ଏ ସବୁ ସ୍ୱର ଏକାଠି ବାଜି ଉଠିଥିଲେ ତାଙ୍କ କବିତାରେ ଗୋଟିଏ ଅର୍କେଷ୍ଟ୍ରାରେ। ରମାକାନ୍ତ ରଥ ଥିଲେ ମାନୁଷୀ ରାଧା-କୃଷ୍ଣ ପ୍ରଣୟଗାଥାର ପ୍ରଥମ ବାର୍ତ୍ତାକାର। ଭାରତୀୟ ସାହିତ୍ୟରେ ପ୍ରଣୟକୁ ଅନନ୍ତ ବିରହର ଅଧ୍ୟାତ୍ମରେ ମୂର୍ଚ୍ଛି ଦେଇପାରିଥିବାର କାବ୍ୟକୋଟି ରମାକାନ୍ତ ରଥଙ୍କର ଅପହଞ୍ଚ, ଅନତିକ୍ରମ୍ୟ। ସେ ବଳଦେବ ରଥଙ୍କ ପରେ ଓଡ଼ିଆ କବିତାର ଦ୍ୱିତୀୟ କବିସୂର୍ଯ୍ୟ। ଓଡ଼ିଆ ସାହିତ୍ୟ ଜଗତ ବିଶେଷକରି କାବ୍ୟ ଜଗତ ସ୍ତବ୍ଧ ହୋଇଯାଇଛି। ସ୍ୱାଧୀନତାର ଯୁଗର ପ୍ରବର୍ତ୍ତକ, ଦିଗଦର୍ଶକ ଏପରିକି ଏକ ବିଂଶ ଶତାବ୍ଦୀର କବି ଓ ସାହିତ୍ୟିକଙ୍କ ପ୍ରେରଣାର ଉତ୍ସ ଥିଲେ ସେ। ସେ ବିଭିନ୍ନ ରଚନାରେ ତାଙ୍କ ପିତାଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ବିଷୟରେ ଉଲ୍ଲେଖ କରିଛନ୍ତି। ଶ୍ରୀରାଧାର କବି, ଯୁବ ମାନସ, ପରିପକ୍ୱ ମାନସର କବି ଅମର ଧାମକୁ ଯାତ୍ରା କରିଛନ୍ତି। ମୁଁ ଆଜି ଅନୁଭବ କରୁଛି ଯେ କବିର ମୃତ୍ୟୁ ନାହିଁ। କବିର ଜୀବନ ହୁଏତ ଶେଷ ହୋଇଯାଏ, ହେଲେ ତା'ର ଅମର ଜୀବନ ଏହିଠାରୁ ଆରମ୍ଭ ହୁଏ। ଏହା ଅନନ୍ତ କାଳ ଯାଏ ତାଙ୍କ ଛାୟା ଆମକୁ ଆଚ୍ଛନ୍ନ କରି ରଖେ। ରମାକାନ୍ତ ତାଙ୍କ ମୃତ୍ୟୁରେ ଶୋକ ଗୀତଟିଏ ଲେଖି ଯାଇଛନ୍ତି କବିତାପ୍ରେମୀ ପାଠକମାନଙ୍କ ହୃଦୟରେ। ସେ କବିତା ଚିରକାଳ ବଞ୍ଚି ରହିବେ।

ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା
ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଶ୍ରୀଜୀଉଙ୍କ ବେଶ

## କବୀର କୁମାର ଜେନା

ମହାପ୍ରଭୁ ପ୍ରତ୍ୟେହ ଷାଠିଏ ପଉଟି ଭୋଗ ଯେପରି ମଣୋହୀ କରିଥାନ୍ତି ସହଯେ ତ ତାଙ୍କର ରୀତିନୀତି ଠିକ ଆମ ମାନଙ୍କ ପରି। ତେବେ ତାଙ୍କୁ ସୌନ୍ଦର୍ଯ୍ୟରେ ଚମକାଇ ଦେଉଥିବା ଅନେକ ବେଶ ଗୁଡ଼ିକ ହେଉଛି ମୁଖ୍ୟତଃ ପରମ୍ପରା ଓ ସମ୍ପୃକ୍ତ ଦିନର ପର୍ବ ପର୍ବାଣୀର ମହାତ୍ମ୍ୟକୁ ନେଇ। ମହାପ୍ରଭୁଙ୍କ ଏହି ଚବିଶ ବେଶ ଗୁଡ଼ିକ ଭିତରୁ ପ୍ରମୁଖ ହେଉଛି ଶ୍ରୀରାମ ବେଶ, ଶ୍ରୀଗଣେଶ, ନୃସିଂହ, ବାମନ, ଶ୍ରୀକୃଷ୍ଣ। ମହାପ୍ରଭୁଙ୍କ ନିଜସ୍ୱ ବେଶ ରହିଛି ବାରଟି। ତେବେ ବେଶ ମଧ ତିନି ପ୍ରକାରର। ତାହା ହେଉଛି ପୁଷ୍ପ ବେଶ, ବସ୍ତ୍ର ବେଶ ଓ ଭୂଷଣ ବେଶ। ପ୍ରତ୍ୟେହ ସକାଳ ଆଠଟାରୁ ସାଢ଼େଆଠଟା ଭିତରେ ବେଶ ଲାଗିର ପରମ୍ପରା ସମ୍ପର୍କରେ ସ୍ୱତ୍ୱଲିପି ଓ ମାଦଳା ପାଞ୍ଜିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଶ୍ରୀଜୀଉଙ୍କ ବସ୍ତ୍ର ଓ ଅଳଙ୍କାର ସେବା ଲାଗି ପୁଷ୍ପାଳକ ସେବାୟତମାନେ ରହିଛନ୍ତି। ଚୈତ୍ର କୃଷ୍ଣ ପ୍ରତିପଦା ଠାରୁ ଆଶ୍ୱିନ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଓ ମାର୍ଗଶୀର କୃଷ୍ଣ ପ୍ରତିପଦ ଠାରୁ ଓଢ଼ଣ ଷଷ୍ଠୀ ପର୍ଯ୍ୟନ୍ତ ସାଧାରଣ ବେଶ ହୋଇଥାଏ। ସ୍ନାନ ପୂର୍ଣ୍ଣିମା ଠାରୁ ରେଖା ପଞ୍ଚମୀ ପର୍ଯ୍ୟନ୍ତ ରାହୁ ଲେଖା ଲାଗିହୁଏ ନାହିଁ।

ଆସନ୍ତୁ ମହାପ୍ରଭୁଙ୍କ ବିଭିନ୍ନ ବେଶ ସମ୍ପର୍କରେ ଜାଣିବା। ପ୍ରତିଦିନ ଅବକାଶ ବେଶ ହୋଇଥାଏ। ତେବେ ପଦ୍ମୁତ୍ତ ବେଶ ଭାବେ ପ୍ରତିଦିନ ହୋଇଥାଏ ବଡ଼ସିଂହାର ବେଶ। ସ୍କନ୍ଦ ପୁରାଣରେ ଚନ୍ଦନ ଲାଗି ବେଶ ସମ୍ପର୍କରେ ଉଲ୍ଲେଖ ରହିଛି। ବୈଶାଖ ମାସ ଶୁକ୍ଳ ଦଶମୀ ଦିନ ଚକ୍ରନାରାୟଣ ବେଶ ହେଉଥିବାବେଳେ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଦିନ ରୁକ୍ମଣୀ ହରଣ ବେଶ ହୋଇଥାଏ। ଶ୍ରୀଜୀଉଙ୍କ ସ୍ନାନ ବେଦୀରେ ଜ୍ୟେଷ୍ଠ ସ୍ନାନ ପୂର୍ଣ୍ଣିମା ଦିନ ଗଣପତି ବେଶ ବା ହାତୀ ବେଶ ହୋଇଥାଏ। ଅନବସରରୁ ଶ୍ରୀଜୀଉଙ୍କ ଯେଉଁ ପ୍ରଥମ ଦର୍ଶନଟି ଆଷାଢ଼ ଅମାବାସ୍ୟା ଦିନ ହୋଇଥାଏ ତାହା ହେଉଛି ନବ ଯୌବନ ବେଶ। ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥାରୁଢ଼ ଶ୍ରୀଜୀଉଙ୍କ ସୁନାବେଶ ହୋଇଥାଏ। ଏହାକୁ ରାଜା ବେଶ ବା ତଡ଼ଉ ବେଶ କୁହାଯାଏ। ଶ୍ରାବଣ ମାସର ଅମାବାସ୍ୟାରେ ଚିତାଲାଗି ବେଶ ହେଉଥିବାବେଳେ ଭାଦ୍ର କୃଷ୍ଣ ପଞ୍ଚମୀରେ ରେଖା ଲାଗିବେଶ ହୋଇଥାଏ। ସଂକୀର୍ତ୍ତନ ଚେତନାର ବାର୍ତ୍ତାବହ ପ୍ରଭୁ ଶ୍ରୀଚୈତନ୍ୟଙ୍କ ପ୍ରବର୍ତ୍ତିତ ବନଭୋଜି ବେଶ ଭାଦ୍ରବ କୃଷ୍ଣ ଦଶମୀ ଦିନ ହୋଇଥାଏ। ଭାଦ୍ର କୃଷ୍ଣ ଏକାଦଶୀ ତିଥିରେ ମାର୍କଣ୍ଡେୟ ପୁଷ୍କରିଣୀରେ କାଳୀୟ ଦଳନ ଲୀଳା ପରେ ମହାପ୍ରଭୁଙ୍କ କାଳୀୟ ଦଳନ ବେଶ ଅତ୍ୟନ୍ତ ଆନନ୍ଦମୟ ହୋଇଥାଏ। ଭାଦ୍ର କୃଷ୍ଣ ଦ୍ୱାଦଶୀରେ ଷୋଡ଼ଶ ଶତାବ୍ଦୀର ଭକ୍ତ ବଳରାମ ଦାଶଙ୍କ ପ୍ରବର୍ତ୍ତିତ ପ୍ରଲମ୍ବାସୁର ବଧ ବେଶ ହୋଇଥାଏ। ଭାଦ୍ର କୃଷ୍ଣ ତ୍ରୟୋଦଶୀରେ ଷୋଡ଼ଶ ଶତାବ୍ଦୀର ମହାନ ସିଦ୍ଧ ସାଧକ ଶ୍ରୀବଲ୍ଲଭାଚାର୍ଯ୍ୟଙ୍କ ପ୍ରବର୍ତ୍ତିତ କୃଷ୍ଣ ବଳରାମ ବେଶ ମହାପ୍ରଭୁଙ୍କ କୃଷ୍ଣ ଚେତନାର ଭାବ ଭକ୍ତଜନଙ୍କୁ ଆଶୀର୍ବାଦ ଭାବରେ ମିଳିଥାଏ। ଏକାଦଶ ଶତକରେ କଳିଙ୍ଗ ବ୍ରାହ୍ମଣ ସମାଜ ପ୍ରବର୍ତ୍ତନ କରିଥିବା ବାମନ ଜନ୍ମ ଅବସରରେ ଭାଦ୍ର ଶୁକ୍ଳ ଦ୍ୱାଦଶୀ ଦିନ ବଳୀ ବାମନ ବେଶ ହୋଇଥାଏ। ମହାପ୍ରଭୁଙ୍କ ଭାବଚେତନା ଓ ଲୀଳା ମହାତ୍ମ୍ୟ ଉପରେ ଗବେଷଣା କରିଥିବା ପ୍ରଫେସର ଡକ୍ଟର ସୁରେନ୍ଦ୍ରନାଥ ଦାଶଙ୍କ ତଥ୍ୟ ମୁତାବକ ଆଶ୍ୱିନ ଶୁକ୍ଳ ଦଶମୀ ଦିନ ରାଜା ବେଶ ହୋଇଥାଏ। ସେହିପରି ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ରାଧାଦାମୋଦର ବେଶ ହୋଇଥାଏ। ଏହି ବେଶ ପଞ୍ଚଦଶ ଶତକର ମହାନ ବୈଷ୍ଣବ ସମ୍ପ୍ରଦାୟର ସାଧକ ମାଧବାଚାର୍ଯ୍ୟ ପ୍ରବର୍ତ୍ତନ କରିଥିଲେ। ଦ୍ୱାଦଶ ଶତକରେ ରାମାନୁଜାଚାର୍ଯ୍ୟ ପ୍ରବର୍ତ୍ତିତ ଲକ୍ଷ୍ମୀନାରାୟଣ ବେଶ ବା ଠିଆକିଆ ବେଶ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଅନୁଷ୍ଠିତ ହୁଏ। କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ଦିନ ବାମନ ବେଶ ବା ବାଙ୍କଚୂଡ଼ ବେଶ ହୋଇଥାଏ। କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ଦିନ ଆଡ଼କିଆ ବେଶ ବା ନୃସିଂହ ବେଶ ହୋଇଥାଏ। ତେବେ ସ୍ୱତ୍ୱଲିପିର ତଥ୍ୟ ମୁତାବକ ନେପାଳର ରାଜା ଶ୍ରୀରାମ ଦାଶ ମଠ ତଥା ବଡ଼ଛତା ମଠ ସହାୟତାରେ କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଶ୍ରୀଜୀଉଙ୍କ ଡାଳକିଆ ବେଶ ବା ପର୍ଶୁରାମ ବେଶ ହୋଇଥାଏ। କାର୍ତ୍ତିକ ପୂର୍ଣ୍ଣିମା ଓ ଫାଲଗୁନ ପୂର୍ଣ୍ଣିମାରେ ଶ୍ରୀଜୀଉ ରାଜରାଜେଶ୍ୱର ବେଶରେ ଦର୍ଶନ ଦେଇଥାନ୍ତି। ଓଡ଼ିଆ ଆଧ୍ୟାତ୍ମିକ ଚେତନାରେ ସ୍ମରଣୀୟ ପବିତ୍ର ମାସ ପୁଣ୍ୟ କାର୍ତ୍ତିକର ପଞ୍ଚକ ପାଞ୍ଚ ଦିନରେ ଶ୍ରୀଜୀଉଙ୍କ ନାଗାର୍ଜ୍ଜୁନ ବେଶ ହୋଇଥାଏ। ସ୍ୱତ୍ୱଲିପିରେ ଉଲ୍ଲେଖ ରହିଛି ଯେ ଏହି ବେଶକୁ ହିମାଚଳ ପ୍ରଦେଶର ପର୍ଶୁରାମ ଭକ୍ତ ତଥା ସନାତନ ବ୍ରାହ୍ମଣ ସମାଜ ପ୍ରବର୍ତ୍ତନ କରିଥିଲେ।

ଶ୍ରୀଜୀଉଙ୍କ ବିଭିନ୍ନ ବେଶ ଭିତରେ ଅନ୍ୟତମ ଆକର୍ଷଣ ବେଶଟି ହେଉଛି ଘୋଡ଼ଲାଗି ବେଶ। ଅନେକ ଏହାକୁ ଓଢ଼ଣ ଲାଗି ବେଶ ମଧ କହିଥାନ୍ତି। ମାର୍ଗଶୀର ଶୁକ୍ଳ ଷଷ୍ଠୀ ଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ବିଭିନ୍ନ ବାରରେ ବିଭିନ୍ନ ରଙ୍ଗର ଘୋଡ଼ଲାଗି ହୋଇଥାଏ। ତେବେ ଷୋଳଶ ଶତାବ୍ଦୀ କବୀର ଓ ନାନକଙ୍କ ପ୍ରବର୍ତ୍ତିତ ଠିଆ ଘୋଡ଼ଲାଗି ବେଶ ବସନ୍ତ ପଞ୍ଚମୀ ଠାରୁ ଫଗୁ ଦଶମୀ ପର୍ଯ୍ୟନ୍ତ ସମ୍ପାଦନ ହୋଇଥାଏ। ଏହି ବେଶରେ ଘୋଡ଼ ଲାଗି ଅର୍ଥାତ୍ ଶ୍ରୀଜୀଉଙ୍କ ସମ୍ପୂର୍ଣ୍ଣ ଶରୀର ଘୋଡ଼ ବା ଘୋଡ଼ା ହୋଇନଥାଏ। ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ ଠାରୁ ଶୁକ୍ଳ ପ୍ରତିପଦ ପର୍ଯ୍ୟନ୍ତ ଶ୍ରାଦ୍ଧ ବେଶ ହୋଇଥାଏ। ଠିକ ଆମ ମାନଙ୍କ ସାମାଜିକ ଚଳଣୀ ପରି ଶ୍ରୀଜୀଉମାନେ ତିନି ଦିନ ଧରି ଶ୍ରାଦ୍ଧ ଦାନ କରିବାର ପରମ୍ପରା ରହିଛି। ଓଡ଼ିଆ ମାସର ଆରମ୍ଭ କୁହାଯାଉଥିବା ମକର ସଂକ୍ରାନ୍ତି ଦିନ ମକର ଚୂଳ ଲାଗି ବେଶ ହୋଇଥାଏ। ତେବେ ମହାପ୍ରଭୁଙ୍କ ଅନ୍ୟତମ ବଡ଼ ଓ ଆକର୍ଷଣୀୟ ଭବ୍ୟ ବେଶ ହେଉଛି ପଦ୍ମବେଶ ବା ପଦ୍ମମୁଖୀ ବେଶ। ମାଘ ମାସ ଅମାବାସ୍ୟା ପରେ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଏହି ବେଶଟି ଶ୍ରୀଜୀଉଙ୍କ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ପୁରୀକୁ ଟାଣି ଆଣିଥାଏ। ବଡ଼ଛତା ମଠ ଦ୍ୱାରା ଆୟୋଜିତ ସପ୍ତଦଶ ଶତକର ସନ୍ଥ ରଘୁବର ଦାସ ଏହାର ପ୍ରବର୍ତ୍ତନ କରିଥିଲେ।

ମାଘ ପୂର୍ଣ୍ଣିମା ଦିନ ଦ୍ୱାଦଶ ଶତକର ସାଧକ ରାମାନୁଜାଚାର୍ଯ୍ୟ ପ୍ରବର୍ତ୍ତିତ ଗଜ ଉଦ୍ଧାରଣ ବେଶ ବା ଗଜେନ୍ଦ୍ରମୁଖୀ ବେଶ ଶ୍ରୀଜୀଉଙ୍କର ହୋଇଥାଏ। ଦୋଳଯାତ୍ରା ଅବସରରେ ଅର୍ଥାତ୍ ଫାଲଗୁନ ଶୁକ୍ଳ ଦଶମୀ ଠାରୁ ଚୈତ୍ର ପ୍ରତିପଦ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ଚାଚେରୀ ବେଶ ପରମ୍ପରା ରହିଛି। ପୌଷ ପୂର୍ଣ୍ଣିମା କିମ୍ବା ଚୈତ୍ର ଶୁକ୍ଳ ନବମୀ ଅର୍ଥାତ୍ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ତିଥିରେ ମହାପ୍ରଭୁ ରାମ ରାଜା ବେଶରେ ଭକ୍ତଜନଙ୍କୁ କୃପା ପ୍ରଦାନ କରିଥାନ୍ତି। ଏହି ବେଶରେ ଦଣ୍ଡ ଛତ୍ର ନୀତି ଅନୁଷ୍ଠିତ ହୋଇଥାଏ। ତେବେ ମାଦଳା ପାଞ୍ଜିର ତଥ୍ୟ ମୁତାବକ ଜଗନ୍ନାଥଙ୍କୁ ଦର୍ଶନ କରି ଅତି ଆନନ୍ଦରେ ଭାବମୟ ହୋଇ ସନ୍ଥ ତୁଳସୀ ଦାସଙ୍କ ସ୍ମୃତିରେ ଏହି ବେଶଟି ହେଉଥିଲେ ମଧ ଷୋଡ଼ଶ ଶତକରେ ରାମାନୁଜାଚାର୍ଯ୍ୟ ଏହାର ପ୍ରବର୍ତ୍ତନ କରିଥିଲେ ବୋଲି ସ୍ୱତ୍ୱଲିପିରେ ଉଲ୍ଲେଖ ରହିଛି। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ପବିତ୍ର ଶ୍ରୀରାମ ନବମୀ ଅର୍ଥାତ୍ ଚୈତ୍ର ଶୁକ୍ଳ ନବମୀ ଦିନ ଶ୍ରୀଜୀଉଙ୍କ ରଘୁନାଥ ବେଶ ଅତ୍ୟନ୍ତ ଭାବମୟ କରିଦିଏ। ଏହି ବେଶଟି ମହାପ୍ରଭୁଙ୍କ ଏକ ପ୍ରକାର ବ୍ୟୟ ବହୁଳ ବେଶ କହିଲେ ଅତ୍ୟୁକ୍ତି ହେବନାହିଁ। ଷୋଡ଼ଶ ଶତକର ମହାନ ଆଧ୍ୟାତ୍ମିକ ସାଧକ ରାମାନୁଜଚାର୍ଯ୍ୟଙ୍କ ପ୍ରବର୍ତ୍ତିତ ଏହି ବେଶଟି ଏବେ ଅନେକ କାରଣରୁ ନିୟମିତ ହୋଇପାରୁନାହିଁ। ତେବେ ଏହି ସମସ୍ତ ବେଶ ଗୁଡ଼ିକ ମହାପ୍ରଭୁଙ୍କ କୋଟି କୋଟି ଭକ୍ତଜନଙ୍କୁ କୃପା ପ୍ରଦାନ କରିଥାଏ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୮୯୧୭୩୭୭୯୮୭




ମହାଭାରତ
# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ବିଶ୍ କର୍ମା ଘରୋଇ ଠିକାଦାର ସଂଘର ନୂତନ କର୍ମକର୍ତା ଚୟନ



ଅନୁଗୋଳ,(ମହାଭାରତ)ଆଜି ବିଶ୍ କର୍ମା ଘରୋଇ ଠିକାଦାର ସଂଘ, ଅନୁଗୋଳ ର ନୂତନ କର୍ମକତର୍ତ୍ତା ଚୟନ ହୋଇଯାଇଛି ।ଏଥିରେ ସଭାପତି ଭାବରେ ଶ୍ରୀମାନ ନୀର ସାହୁ ,ଉପ ସଭାପତି ଶ୍ରୀମାନ ଭିକାରୀ ଚରଣ ମହାନ୍ତି ,ସଂପାଦକ ଶ୍ରୀମାନ କିଶୋର ଚନ୍ଦ୍ର ପ୍ରଧାନ ,ସହ ସଂପାଦକ ଶ୍ରୀମାନ ବସନ୍ତ କୁମାର ପ୍ରଧାନ କୋଷାଧ୍ୟକ୍ଷ ଶ୍ରୀମାନ ଶିବପ୍ରସାଦ ପାଲସଂଯୋଜକ ଭାବେ ଶ୍ରୀମାନ ସର୍ବେଶ୍ୱର ମଲ୍ଲିକ ,ଶ୍ରୀମାନ ବିନୟ ନାୟକ ,ଶ୍ରୀମାନ ବିକାଶ ଜେନା ଉପଦେଷ୍ଟା ଭାବେ ଶ୍ରୀମାନ ବିଜୟ କୁମାର ତ୍ରିପାଠୀ ,ଶ୍ରୀମାନ ଶାଶ୍ୱତ କୁମାର ଦାସଙ୍କୁ ଚୟନ କରାଯାଇଥିଲା ।ଉକ୍ତ ସଭାରେ ନିମ୍ନଲିଖିତ ପଦାଧିକାରୀ ମାନେ ଅନୁଗୋଳ ରେଳ ଷ୍ଟେସନ ପାଖରେଥିବା ମା ରାମଚଣ୍ଡୀ ମନ୍ଦିର ଠାରେ ଶପଥଗ୍ରହଣ କରି ସଂଘର ଓ ଅନୁଗୋଳ ବାସୀଙ୍କର ଉତ୍ତତି କାମନା କରିଛନ୍ତି । ଓଡ଼ିଶା ଭୂଗୋଳରେ ଅନୁଗୋଳ କୁ ସୁନ୍ଦର କରି ରୁପରେଖ ଦେବେ ବୋଲି ସଂଘ ପ୍ରତିଶୃତି ଦେଇଛନ୍ତି ।

## ବିଶ୍ ନାଟ୍ୟ ଦିବସ ରେ ନାଟୁଆ ମେଳା ୨୦୨୫ ଆୟୋଜିତ

ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଠାରେ ବିଶ୍ ନାଟ୍ୟ ଦିବସ ଅବସରରେ ନାଟୁଆ ମେଳା ଆୟୋଜିତ ହୋଇଯାଇଛି । ପ୍ରଗତିଶୀଳ ନାଟ୍ୟ ସଂସ୍ଥା ତରଙ୍ଗ ରଙ୍ଗ ପକ୍ଷରୁ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ଥାନୀୟ ବିଜୟ କ୍ଲବ ପରିସରରେ ମଞ୍ଚ କଳାକାର ମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛ । ଆୟୋଜକ ତରଙ୍ଗ ରଙ୍ଗ ଅନୁଷ୍ଠାନ ସଭାପତି ନାଟ୍ୟଶ୍ରୀ ଦେବେନ୍ଦ୍ର ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ କ୍ରିଏଟିଭ ଆର୍ଟସ୍ ସଭାପତି ନୃସିଂହ ଚରଣ ପଟ୍ଟନାୟକ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଗୁରୁ ରଘୁନାଥ ପାତ୍ର ମଞ୍ଚାସିନ ଥିଲେ । ମଞ୍ଚାସୀନ ଅତିଥି ମାନେ ଓଡ଼ିଆ ଭାଷାକୁ ତଥା ଓଡ଼ିଶା କୁ ପାରଳା ମାଟି ହିଁ ପ୍ରଥମ ରଙ୍ଗମଂଚ ଓ ପ୍ରଥମ ନାଟକ ଦେଇଛି । ରଘୁନାଥ ପରିଛା ହିଁ ପ୍ରଥମ ନାଟ୍ୟକାର ବୋଲି ବିଭିଉ ପୁସ୍ତକ ରେ ଲେଖା ହୋଇଛି ତେଣୁ ପାରଳାର ଏହି ଗୌରବକୁ




କେହି କେବେ ଭ୍ରମିତ କରିପାରିବେ ନାହିଁ ବୋଲି ମତ ଉପସ୍ଥାପନା କରିଥିଲେ, ଦ୍ୱିତୀୟ ପର୍ଯ୍ୟାୟ ରେ ମଞ୍ଚ କଳାକାର ମାନଙ୍କ ମଧ୍ୟରେ ଆଗମୀ ଦିନରେ ନାଟକ ଓ ପରିବେଶ ସୁରକ୍ଷା ବିଷୟ କୁ ନେଇ ଏକ ସୁନ୍ଦର ଆଲୋଚନା ହୋଇଥିଲା । ଏଥିରେ ବିଶିଷ୍ଟ ନାଟ୍ୟଶିଳ୍ପି ମନୋଜ ପାଢ଼ୀ ମଞ୍ଚ ଅଭିନେତା ଏମ. ପୃଥିବୀ ରାଜ, ମତଙ୍ଗିନୀ ଗୁରୁ, ମମତା ପାଢ଼ୀ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ସତ୍ୟ ପଢ଼ୀୟାରୀ, ପ୍ରମୁଖ ନିଜ ମତ ଉପସ୍ଥାପନା କରିଥିଲେ । ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ମଂଚ ଅଭିନେତା ଆଦର୍ଶ ଦାସ ଚଳିତ ବର୍ଷର ବିଶ୍ୱ ନାଟ୍ୟ ବାର୍ତ୍ତା ପାଠ ସହ ସ୍ୱାଗତ ଭାଷଣ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବାଳକୃଷ୍ଣ ପାଣିଗ୍ରାହୀ, ହରିହର ପଟ୍ଟନାୟକ , ଶିବ ପ୍ରଧାନ, ସୁଜି ପାଣିଗ୍ରାହୀ, ହର ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ ।

## ସେବାଶ୍ରମ ବିଦ୍ୟାଳୟରେ 'ଅଭିଭାବକ ଆମ ଅଂଶୀଦାର' ସମ୍ମିଳନୀ

ରେଙ୍ଗାଲିକ୍ୟାମ୍ପ: ସରକାରଙ୍କ ଅନୁସୂଚୀତ ଜାତି ଜନଜାତି ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଅତାବିରା ଲାଦର ପାଲି ସେବାଶ୍ରମ ବିଦ୍ୟାଳୟରେ 'ଅଭିଭାବକ ଆମ ଅଂଶୀଦାର' ପ୍ରଧାନ ସେବିକା ନମିତା ତ୍ରିପାଠୀଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି ।ଏହି ସମ୍ମିଳନୀରେ ଅତାବିରା ବ୍ଲକର ଜନ ସମ୍ପ୍ରସାରଣ ଅଧିକାରୀ ଶୁଭମ୍ ମହାପାତ୍ର ମୁଖ୍ୟ ଅତିଥି, ଅତାବିରା ନୋଡାଲ ଆରସିସି ନୃପରାଜ ଭୋଇ ଓ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସୀମା ଭୁଏ, ଉପ ସଭାପତି ଗୋପୀନାଥ ସାହୁ, ୱାର୍ଡ ନଂ ୧୦ର କାଉନସିଲର ସୁରେଖା ବାଗ, ଲାଦର୍ ପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହିଂମାଶୁ ଶେଖର ସାହୁ ସମ୍ମାନିତ ଅତିଥ୍ ଭାବେ ଯୋଗ ଦେଇଥିଲେୟ ସେବକ ଗଣେଶ ମିରିଗ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ । ଅଭିଭାବକ, ଅଭିଭାବକ ମାନଙ୍କ ୟଅଧ୍ୟାୟରେ ଶିକ୍ଷାର ଗୁଣାତ୍ମକ ମାନ ର ବିକାଶ ଓ ସରକାରୀ ପ୍ରଦ□ ସମସ୍ତ ସରକାରୀ ସୁବିଧା ସୁଯୋଗର ସଦୁପଯୋଗ ନିମନ୍ତେ ସଚେତନ କରାଯାଇଥିଲା । ସହକାରୀ ସେିକା ପିନୋଲିଓନା ଦାଶ ଓ ଭୂମିଶୁତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେୟ ସେବକ ମିରିଗ ଧନ୍ୟବାଦ ଅର୍ପଣ କରିଥିଲେ ।'ଅଭିଭାବକ ଆମ ଅଂଶୀଦାର' କାର୍ଯ୍ୟକ୍ରମରେ ୫୯୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ, ଅଭିଭାବକ, ଅବିଭାବିକା ଅଂଶୀଦାର ହୋଇଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲାୟ ଆଦିବାସୀ ନୃତ୍ୟ ମୁଖ୍ୟ ଆକର୍ଷଣ ରହିଥିଲା ।



# ପ୍ରଦୂଷଣ ବିଷ ବଳୟରେ ମାନପୁର ଓ ସୁଆଁଲ ଗାଁ ବିଦ୍ୟାଳୟ



ଦାନଗଦୀ : (ମହାଭାରତ)ଯାଜପୁର ଜିଲ୍ଲା ଶିଳ୍ପ ନଗରୀ କଳିଙ୍ଗନଗର ପାର୍ଶ୍ୱବର୍ତ୍ତୀ ଗାଁ ଗୁଡିକ ରେ ଶିଳ୍ପ ଜନିତ ପ୍ରଦୂଷଣ ର ଶିକାର ହେଉଛନ୍ତି ଅଞ୍ଚଳ ବାସୀ, ମାତ୍ରାଧିକ ବାୟୁ ଓ ଜଳ ପ୍ରଦୂଷଣ ରେ ଦାନଗଦି ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଂଚାୟତ ର ସୁଆଁଲ ଓ ମାନଗୋବିନ୍ଦପୁର ଗାଁର ଗ୍ରାମବାସୀ ମାନେ ଏହି ପ୍ରଦୂଷଣ ର ବିଷ ପିଇ ଦୁଇ ବର୍ଷରେ ୧୪୦ ଜଣ ମୃତ୍ୟୁବରଣ କରିଥିବା ବେଳେ ଆହୁରି ଏକାଧିକ ଅଧିବାସୀ ବର୍ତମାନ ରୋଗ ଶଯ୍ୟା ରେ ଶଯ୍ୟାଶାୟୀ ହୋଇ ମରଣ କୁ ଅପେକ୍ଷା କରିଛନ୍ତି । ଖାଲି ଗ୍ରାମବାସୀ ନୁହଁନ୍ତି ଏହି ଗାଁ ରେ ଥିବା ବିଦ୍ୟାଳୟ ଗୁଡିକ ମଧ୍ୟ ପ୍ରଦୂଷଣ ବିଷ ବଳୟ ରେ ରହୁଛି । ମାନଗୋବିନ୍ଦପୁର ବିଦ୍ୟାଳୟ ଟି ସୁକିନ୍ଦା ରୋଡ଼ ରେଳ ସାଇଡିଙ୍ଗ ଠାରୁ ମାତ୍ର ୧୦୦ ମିଟର ଦୂର ହେବ ଏବଂ ଏହି ବିଦ୍ୟାଳୟ କୁ ଲାଗି ଏହି ଗାଁ ର ନୀଳପଦା ସାହି ଅଙ୍ଗନବାଡି କେନ୍ଦ୍ର ଅବସ୍ଥିତ,ରେଳ ପ୍ଲଟ ରେ କୋଇଲା, କ୍ଲିଙ୍କର ଖାଲି ହେଲେ ଗୁଣ୍ଡ ଉଡି ଆସି ବିଦ୍ୟାଳୟ ଓ ଅଙ୍ଗନବାଡି ଭିତରେ ପଡୁଛି, ଅଙ୍ଗନବାଡି ଠାରୁ ଦଶମ ପ୍ରଯ୍ୟନ୍ତ ୫୦୦ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଏହି ଧୂଳିଗୁଣ୍ଡ ରେ କଲବଲ ହେଉଛନ୍ତି, ସେହିପରି ସୁଆଁଲ ଗାଁ ଟି ଏବେ ଧୂଳି ର ଚାଦର ତଳେ ଘୋଡାଇ ହୋଇ ସର୍ବଦା ରହୁଥିବା ବେଳେ ରୋଗ ଶଯ୍ୟା ରେ ଶଯ୍ୟାଶାୟୀ ସୁଆଁଲ ଗାଁ କହିଲେ ଅତିକ୍ତ୍ୟୁ ହେବ ନାହିଁ, ଏହି ଗାଁ ର ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ଟି ମଧ ପ୍ରଦୂଷଣ ବିଷ ବଳୟ ରେ ରହୁଛି ।ଏହି ସୁଆଁଲ ଗାଁ ଟି ରେ ସଂଖ୍ୟାଧିକ ଲୋକ ଆଦିବାସୀ ଓ ହରିଜନ ବର୍ଗର, ପ୍ରାୟତଃ ଅଧିକାଂଶ ଲୋକ ଦିନ ମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି । ଏହି ଗାଁ ରେ ଥିବା ଗୁଳାସାହି ଏକ ପ୍ରକାର ପୁରୁଷ ଶୂନ୍ୟ ହେବାକୁ ବସିଲାଣି, ଜଣଙ୍କର ଶୁଦ୍ଧିକ୍ରିୟା ସରୁ ସରୁ ଆଉ ଏକ ମୁଣ୍ଡ ନେଉଛି ଏହି ପ୍ରଦୂଷଣ, ଏହି ଗାଁ ରେ ବିଧବା ଓ ଅନାଥ ପିଲାଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି, ସେମାନଙ୍କ ଦୁଃଖ କହିଲେ ନ ସରେ, ବାପା ମା ଙ୍କର ମୃତ୍ୟୁ ପରେ କୋମଳମତି ପିଲାମାନଙ୍କର ଭବିଷ୍ୟତ ଉଜୁଡି ଯାଉଛି । ସେମାନେ ପଥଭ୍ରଷ୍ଟ ହୋଇ ଶିଶୁ ଶ୍ରମିକ ଭାବେ ବାହାରକୁ ଦାଦନ ଖଟିବାକୁ ଚାଲିଯାଉଛନ୍ତି । ଆଉ କିଛି ଶିଶୁ ଏହି ସୁକିନ୍ଦା ରୋଡ ରେଳ ସାଇଡଙ୍ଗ ରେ କୋଇଲା ଗୋଟାଇ ନିଜ ର ପେଟ ପାଇଁ ଦାନା ଯୋଗାଡ଼ କରୁଛନ୍ତି, ଏସବୁର ମୁଖ୍ୟ କାରଣ ହେଲା କଳିଙ୍ଗନଗର କାରଖାନା କୁ ଆସୁଥିବା କଞ୍ଚାମାଲ କୋଇଲା, ଚୂନ ପଥର, କ୍ଲିଙ୍କର, କ୍ରୋମଇଟ, ଲୁହାପଥର ଏହି ସୁଆଁଲ ଗାଁ କୁ ଲାଗିରହିଥିବା ସୁକିନ୍ଦା ରୋଡ ରେଳ ଷ୍ଟେସନ ସାଇଡିଙ୍ଗ ରେ ଖଲାସ ହୋଇ ହାଓ୍ୱା ଓ ଡମ୍ଫର ରେ କାରଖାନା ଭିତରକୁ ପରିବହନ ଦିନ ରାତି ଚବିଶ ଘଣ୍ଟା ହୁଏ, ଯାହାଫଳରେ ମାତ୍ରାଧିକ ଧୂଳି ଓ କୋଇଲା, ଚୂନ ପଥର ଗୁଣ୍ଡ ଉଡି ଏହି ପାଖରେ ଥିବା ନୀଳପଦା, ମୁଣ୍ଡା ସାହି, ଗୁଳା ସାହି, ବେହେରା ସାହି, ସୁଆଁଲ ର ଗଛପତ୍ର, ଘର ଦ୍ୱାର, କୂଅ ପୋଖରୀ ରେ ପଡ଼ି ବାୟୁ ଜଳ ପ୍ରଦୂଷିତ ହୁଏ, ଯାହା ଫଳରେ ଦୁଇ ବର୍ଷ ଭିତରେ ୧୪୦ ରୁ ଅଧିକ ଲୋକ ବିଭିଉ ରୋଗରେ ପଡ଼ି ମୃତ୍ୟୁ ବରଣ କଲେଣି, ମୁଖ୍ୟତଃ କୀଡୀନି, ଯକ୍ଷମା, ପେଟ ରୋଗ ରେ ଆକ୍ରାନ୍ତ ହୋଇ ବହୁତ ଧନ ଜୀବନ ନଷ୍ଟ ହେଉଛି,ଯେଉଁ ସବୁ କଞ୍ଚାମାଲ ଏହି ରେଲଓ୍ୱେ ପ୍ଲଟ ରେ ଗଦା ହେଉଛି ତାହା ଖୋଲା ସ୍ଥାନ ରେ ପଡୁଛି, ତେଣୁ ଅନ ଲୋଡି ସମୟରେ ଉଡୁଛି, , ଏହି ଗାଁ ଦୁଇଟିରେ କମ୍ପାନୀ ମାନଙ୍କ ପକ୍ଷ ରୁ କୌଣସି ସ୍ୱାସ୍ଥ୍ୟ ଶିବିର ହେଉନାହିଁ, ପ୍ରଶାସନ ତରଫରୁ କୌଣସି ଠୋସ ପଦକ୍ଷେପ ନିଆଯାଉ ନାହିଁ, ଯଦି ଏପରି ପ୍ରଦୂଷିତ ଗାଁ ଟିକୁ ପ୍ରଦୂଷଣ ବିଭାଗ କି ଶ୍ରମିକ ନେତା, ରାଜନେତା, କମ୍ପାନୀ କର୍ତୃପକ୍ଷ, ରେଳ ବିଭାଗ ବିସ୍ଥାପନ କି କୌଣସି ସ୍ଥାୟୀ ପ୍ରତିକାର ବ୍ୟବସ୍ତା ନ କରନ୍ତି ତାହେଲେ ଏ ସାହି ଗୁଡିକ ଜନ ଶୂନ୍ୟ ହୋଇଯିବ ନିଶ୍ଚିତ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।



## ପ୍ରଚଣ୍ଡ ଶବ୍ଦ ରେ କମ୍ପି ଉଠିଲା ଶିଳ୍ପାଞ୍ଚଳ ଭୟଭୀତ ହୋଇଯାଇଥିଲେ ସ୍ଥାନୀୟ ବାସିନ୍ଦା

ଦାନଗଦି :(ମହାଭାରତ) ଗତ ୨୮/ ୨୫ ପୂର୍ବାହ୍ନ ରେ ଅଚାନକ ଭୟାଭହ ଶବ୍ଦରେ ସ୍ଥାନୀୟ ଶିଳ୍ପାଞ୍ଚଳ ସ୍ତବ୍ଧ ହୋଇପଡିଥିବାବେଳେ ଶବ୍ଦରେ ପ୍ରଭାବିତ ହୋଇପଡ଼ିଥିଲେ ଅଞ୍ଚଳବାସୀ ଏ ଶବ୍ଦ କେଉଁଠୁ ଓ କିପରି ହୋଇଥିଲା ସଭିଙ୍କ ମନରେ ପ୍ରଶ୍ନ ଉଙ୍କିମାରୁଥିବାବେଳେ ।ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍ଆଇଏନ୍ଏଲ୍)ର ବ୍ଲାଷ୍ଟ ଫର୍ଣ୍ଣେସ୍ ରେ ନିଆଁ ଜଳୁ ଥିବାର ଏକ ଭିଡିଓ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପ୍ରସାରିତ ହେଉଥିବା ନଜରକୁ ଆସିଥିଲା । ଭିଡିଓରେ ଦେଖାଯାଉଥିବା ନିଆଁ ଜଳୁ ଥିବାର ଦୃଶ୍ୟ କୌଣସି ଦୁର୍ଘଟଣା କିମ୍ବା ଅପ୍ରୀତିକର ଘଟଣାକୁ ସୂଚଉ ନାହିଁ ।ଏହା ଏକ ପ୍ରକ୍ରିୟା ଗତ ବ୍ୟବସ୍ଥାକୁ ଦର୍ଶାଉଛି ଯାହା ଏକ ବ୍ଲାଷ୍ଟ ଫର୍ଣ୍ଣେସର ନିୟନ୍ତ୍ରିତ ବନ୍ଦ ସମୟରେ ଘଟିପାରେ ଏବଂ ମାନକ ପ୍ରକ୍ରିୟାର ଏକ ଅଂଶ ବିଶେଷ । ଅଧିକାରୀ ଉପସ୍ଥାପନା କରିଥିଲେ ।ଏହି ପ୍ରକ୍ରିୟାରେ କୌଣସି କର୍ମଚାରୀ ଆହତ ହୋଇନାହାନ୍ତି କିମ୍ବା କୌଣସି ସମ୍ପତ୍ତିର କ୍ଷୟକ୍ଷତି ହୋଇ ନାହିଁ । ବର୍ତ୍ତମାନ ସମସ୍ତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରକ୍ରିୟା ଅନୁଯାୟୀ ଏବଂ ସୁରକ୍ଷା ପ୍ରତି ସର୍ବାଧିକ ଧ୍ୟାନ ଦେଇ ଆମର ବ୍ଲାଷ୍ଟ ଫର୍ଣ୍ଣେସର ନିୟନ୍ତ୍ରିତ ବନ୍ଦ ପାଇଁ ପ୍ରକ୍ରିୟାଗତ ପଦକ୍ଷେପ ଚାଲିଛି । ଯାହା ବ୍ଲାଷ୍ଟ ଫୋରନେସର ଏକ ନିୟମିତ ପରିଚାଳନାଗତ ପଦକ୍ଷେପ ।ଏନଆଇଏନଏଲର ସମସ୍ତ ଅପରେସନରେ ନିରାପ□ାକୁ ସର୍ବୋଚ୍ଚ ପ୍ରଥମିକତା ଦିଆଯାଏୟ ଆମର କର୍ମଚାରୀଙ୍କ କଲ୍ୟାଣ ଏବଂ ଆମ ଉପକରଣର ଅଖଣ୍ଡତା ସୁନିଶ୍ଚିତ କରିବା ପାଇଁ ସମସ୍ତ ଆବଶ୍ୟକ ସତର୍କତା ଅବଲମ୍ବନ କରିଥାଉ । କୌଣସି ଅସତ୍ୟ ଖବର ପ୍ରସାରଣରୁ ଦୂରେଇ ରହିବାକୁ ଆମେ ଗଣମାଧ୍ୟମ ଏବଂ ଜନସାଧାରଣଙ୍କୁ ଅନୁରୋଧ କରୁଛୁ । ଏନଆଇଏନଏଲ୍ ସ୍ୱଚ୍ଛତା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଆବଶ୍ୟକ ଅନୁଯାୟୀ ଏହାର କାର୍ଯ୍ୟକଳାପ ବିଷୟରେ ଅପଡେଟ୍ ପ୍ରଦାନ କରିବ ବୋଲି ଏକ ପ୍ରେସ ବିବୃତି ରେ ପ୍ରକାଶ କରିଛ ।

## ପ୍ରବଳ ଉତ୍ତାପ ପାଇଁ ପାନୀୟ ଜଳ ଅଭାବ ରୁ ଜନବସତି ମୁହାଁ ହରିଣ

ଅସ୍ତରଙ୍ଗ,( ମହାଭାରତ) -ଏବେ ସାରା ବିଶ୍ୱ ରେ ପରିବେଶ ସନ୍ତୁଳନ ବିଗୁଡୁଥିବା ବେଳେ କଂକ୍ରିଟ ଜଙ୍ଗଲ ଏବଂ ବେଆଇନ ଚିଙ୍ଗୁଡ଼ି ଘେରୀ ପାଇଁ ଦିନକୁ ଦିନ ଜଙ୍ଗଲ ପରିବେଶ ବିଗିଡି ବାରେ ଲାଗିଛି ତା ଦ୍ୱାରା ପ୍ରଭାବିତ ହେଉଛନ୍ତି ଜଙ୍ଗଲୀ ଜୀବ ସେମାନଙ୍କ ପାଇଁ ଜଙ୍ଗଲରେ ପରିଲକ୍ଷିତ ହେଉଛ । ,ଖାଦ୍ୟ ଓ ପାନୀୟ ଜଳ ର ଅଭାବ । ଏ ସବୁ ଅନେ୍ୱଷଣରେ ହରିଣ ମାନେ ବନାଞ୍ଚଳ ଛାଡ଼ି ଗାଁ ମୁହାଁ ହୋଇ ଜନବସତି କୁ ପ୍ରବେଶ କରୁଛନ୍ତି ଏବଂ ପରେ ନିରୀହ ହରିଣ ଗୁଡ଼ିକ ଶିକାରୀ ମଣିଷ ଏବଂ କୁକୁର ବିଲୁଆଙ୍କ ଶିକାର ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି । ବିଭିଉ ସମୟରେ ଅସ୍ତରଙ୍ଗ ବନା□ଳରୁ ହରିଣ ମାନେ ଚାଲିଆସି ଜନବସତିରେ ପ୍ରବେଶ କରୁଥିବା ନଜିର ଆଗରୁ ରହିଛି ଏପରି ଏକ ଘଟଣା ଦେଖିବାକୁ ମିଳିଛି ଅସ୍ତରଙ୍ଗ ବ୍ଲକ ବିଲୁଆ ମୁଣ୍ଡୁଳି ଗ୍ରାମରେ, ଗୋଟିଏ ଚିତ୍ରା ହରିଣ ନିକଟସ୍ଥ ଜଙ୍ଗଲ ରୁ ଚାଲିଆସି ଅସ୍ତରଙ୍ଗ ବନାଞ୍ଚଳ ଅନ୍ତର୍ଗତ ବିଲୁଆ ମୁଣ୍ଡୁଳି ଗ୍ରାମ ନିକଟରେ ଥିବା ଏକ ପରିତ୍ୟକ୍ତ ପୋଖରୀରେ ପଡ଼ିଯାଇ ମୃତ୍ୟୁ ସହିତ ସଂଗ୍ରାମ କରୁଥିଲା । ଏହା ଦେଖି ସେଠାରେ ଉପସ୍ଥିତ ଗ୍ରାମବାସୀ ସୁବାଷ ରାଉତ, ବାଦଲ ରାଉତ ଙ୍କ ଆପ୍ରାଣ ଉଦ୍ୟମ ଫଳରେ ହରିଣଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଗ୍ରାମର କୋଠ ଘରେ ରଖି ସେବା ଶୁଶ୍ରୁଷା କରିବା ପରେ ବନ ବିଭାଗକୁ ଏ ସମ୍ପର୍କ ରେ ସୂଚନା ଦେଇଥିଲେ । ସୂଚନା ପାଇ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗ୍ରାମର ଗ୍ରାମବାସୀ ଙ୍କ ସହାୟତା ରେ ହରିଣ ଟିକୁ ଉଦ୍ଧାର କରି ତାର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଯଦି ସୁସ୍ଥ ଥାଏ ତାହାଲେ ତାକୁ ନେଇ ନେଇ ଜଙ୍ଗଲ ଛଡା ଯିବ ବୋଲି ସୂଚନା ମିଳିଛି ।



## ମସୃଣିହତା ଗ୍ରାମବାସୀ ନିଯୁକ୍ତି ଦାବୀରେ ବନ୍ଦ କଲେ ଏନ୍.ଟି.ପି.ସି. ର ଆସ୍ୱଣ୍ଡ ଷ୍ଟେଜ୍-୧

## ଅର୍ନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତି ପୂର୍ଣ୍ଣ ଧାରଣା

କଣିହାଁ (ମହାଭାରତ ) :ମସୃଣିହତା ଗ୍ରାମବାସୀ ନିଯୁକ୍ତି ଦାବୀରେ ବନ୍ଦ କଲେ ଏନ୍.ଟି.ପି.ସି. ର ଆସ୍ୱଣ୍ଡ ଷ୍ଟେଜ୍-୧ ଆଜି,ଗତ ତା୧୬/ ୦୧/୨୦୨୫ ରିଖ ଦିନ ତାଳଚେର ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏନ୍.ଟି.ପି.ସି. କର୍ତ୍ତୃପକ୍ଷ ଓ ଜମିହରା ପ୍ରଜା ସଂଘର ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମସୃଣିହତା ଗ୍ରାମର ସଭାପତି ତଥା ଉପ-ଜିଲ୍ଲାପାଳ ନିର୍ଦ୍ଦେଶ ଦେଲେ କି ପରିବାର ତାଲିକା ସଂପୂର୍ଣ କରିବା ପାଇଁ ଆଉ ୧୫ ଦିନ ଅଧିକ ସମୟ ଦିଆଯାଉ । ତେଣୁ ବୈଠକକୁ ସୁଗିତ କରାଗଲା । କିନ୍ତୁ ଦୁଃଖର ବିଷୟ ଆଜିକୁ ୨ ମାସ ସମୟ ବିତିଯାଇଥିଲେ ମଧ ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ ।ମସୃଣିହତା ଗ୍ରାମବାସୀ ବୃନ୍ଦ ପ୍ରଶାସନିକ କାର୍ଯ୍ୟାଳୟ ଏବଂ ଏନ୍.ଟି.ପି.ସି. କାର୍ଯ୍ୟାଳୟକୁ ଧାଇଁ ଧାଇଁ ଥକି ଗଲେଣି । ମସୃଣିହତା ଗ୍ରାମରେ ପ୍ରାୟ ହରିଜନ ଓ ଆଦିବାସୀ ଶ୍ରେଣୀର ଅଧିକାଂଶ ଲୋକ ବସବାସ କରନ୍ତି ।ଏହି ସବୁ ଘଟଣାକୁ ଆଖି ଆଗରେ ରଖି ଏନ୍.ଟି.ପି.ସି. କତୃପକ୍ଷ କିଛି ନ ଶୁଣିବାରୁ ବାଧ ହୋଇ ତା୨୮/୦୩/ ୨୦୨୫ ରିଖ ଶୁକ୍ରବାର ଏନ୍.ଟି.ପି.ସି. ଆସ୍ୱଣ୍ଡ ଷ୍ଟେଜ୍ -୧ ରେ ସକାଳ ୭.୩୦ ମି.ଠାରୁ ଏନ୍.ଟି.ପି.ସି. ର ଆସ୍ୱଣ୍ଡ ଷ୍ଟେଜ୍ -୧, ଆସପଣ୍ଡ ବିତରଣ (ଟ୍ରକ୍) ଓ ଅନ୍ୟାନ୍ୟ କାର୍ଯ୍ୟ କୁ ଅର୍ନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରିବା ପାଇଁ ମସୃଣିହତା ଗ୍ରାମବାସୀ ବାଧ ହୋଇଛନ୍ତି । ଶାନ୍ତି ପୂର୍ଣ୍ଣ ଧାରଣା ସ୍ଥଳରେ କଣିହାଁ ପୋଲିସ ଓ କଣିହାଁ ତହସିଲଦାର, ଏନ୍.ଟି.ପି.ସି. ଆସ୍ୱଣ୍ଡ ଷ୍ଟେଜ୍ -୧ ପଦା ଅଧିକାରୀ,ଏନ୍.ଟି.ପି.ସି. କତୃପକ୍ଷ ଏହି ଘଟଣା ସ୍ଥଳରେ ଉପସ୍ଥିତ ଥିଲେ । ଯେ ପର୍ଯ୍ୟନ୍ତ ଦାବୀ ଗୁଡକ ବିଷୟରେ ଏନ୍.ଟି.ପି.ସି. କତୃପକ୍ଷ ନ ଶୁଣିବେ ସେ ପର୍ଯ୍ୟନ୍ତ ଏ ଆନ୍ଦୋଳନ ଚାଲୁ ରହିବ ବୋଲି ମସୃଣିହତା ଗ୍ରାମର ସଭାପତି ରଞ୍ଜନ କୁମାର ପାଣି ଚେତାବନୀ ଦେଇଛନ୍ତି ।

## ଘରୋଇ ହସ୍ପିଟାଲରେ ନବଜାତ ଶିଶୁର ମୃତ୍ୟୁ ଘଟଣା'

# ଜାତୀୟ ମାନବାଧିକାର ନିକଟରେ ମାମଲା ରୁଜୁ

କାକଟପୁର (ମହାଭାରତ) -କାକଟପୁର ବ୍ଲକ ଅଞ୍ଚଳରେ ଥିବା ଶ୍ରୀ ସାଇ ହସ୍ପିଟାଲ ରେ ନବଜାତ ଶିଶୁମୃତ୍ୟୁ ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମାମଲା ରୁଜୁ ହୋଇଛି । ଏହି ଘଟଣାରେ କମିଶନ କେସ ଡାଏରୀ ନଂ ୬୬୦୩/୨୫ରେ ଗ୍ରହଣ କରିଥିବା ଜଣାପଡିଛି । ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ମାନବାଧିକାର କର୍ମୀ ତଥା ଆଇନଜିବୀ ପ୍ରିୟବ୍ରତ ବିଶ୍ୱାଳ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ନିବେଦନ କରିଛନ୍ତି କି ମୃତ୍ୟୁ ଶିଶୁର ପରିବାର କୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ସମ୍ପୃକ୍ତ ଡାକ୍ତର ଏବଂ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ମୁଖ୍ୟ ଶାସନ ସଚିବ ଙ୍କ ନିକଟରେ ନିବେଦନ ଜଣାଇଛନ୍ତି ।ଶ୍ରୀ ସାଇ ହସ୍ପିଟାଲ' ନାମରେ ଆସିଛି ସଙ୍ଗୀନ ଅଭିଯୋଗ । ଏହି ଶ୍ରୀ ସାଇ ହସ୍ପିଟାଲରେ ଗର୍ଭବତୀ ମହିଳାଙ୍କ ଅସ୍ତ୍ରୋପଚାର ହୋଇ ଶିଶୁ ଜନ୍ମ ହେବା ପରେ ମୃତ୍ୟୁ ହେବାର ଘଟଣାକୁ ନେଇ ପରିବାର ତରଫରୁ ଥାନାରେ ଅଭିଯୋଗ ହୋଇଥିଲା । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ବେଗୁନିଆବସ୍ତ ଗ୍ରାମର ରଞ୍ଜନ ସ୍ୱାଇଁଙ୍କ ସ୍ତ୍ରୀଙ୍କର ପ୍ରସୂତି ଥିବା ବେଳେ ହସ୍ପିଟାଲରେ କାର୍ଯ୍ୟରତ ସ୍ତ୍ରୀ ଓ ପ୍ରସୂତି ବିଭାଗ - ଡକ୍ଟର ଅପରେସନ କରାଇଥିଲେ ।କିନ୍ତୁ ନବଜାତ ଶିଶୁ କନ୍ୟା ହୋଇଥିବା ବେଳେ ଚିକିତ୍ସାରେ ଅସୁବିଧା ହେତୁ ନବଜାତ ଶିଶୁ କନ୍ୟାର ମୃତ୍ୟୁ ହୋଇଛି ବୋଲି କାକଟପୁର ଥାନାରେ ଅଭିଯୋଗ ହୋଇଛି । ସମସ୍ତ ପ୍ରକାର ବ୍ୟବସ୍ଥା ସହିତ ସାସ୍ଥ୍ୟ କାର୍ଡ ମାଧ୍ୟମରେ ଗରିବ ଲୋକଙ୍କ ଚିକିତ୍ସା କରାଯାଉଛି ବୋଲି ହସ୍ପିଟାଲ୍ ଦ୍ୱାରା ପ୍ରଚାର କରାଯାଉଛି ।କିନ୍ତୁ ଏହି ଘଟଣାରେ ହସ୍ପିଟାଲରେ ବିଭିଉ ଆଳ ଦେଖାଇ ଟଙ୍କା ସରିଯାଇଛି କହି ଚିକିତ୍ସା ନକରି ଘରକୁ ପଠାଇ ଦେଇଥିଲେ ।ଛୁଆଟି ହସ୍ପିଟାଲ୍ରେ ଅସ୍ତ୍ରୋପଚାରରେ ଜନ୍ମ ହେବା ସମୟରୁ ତିନି ଦିନ ଯାଏ କାନ୍ଦି ଥିଲା । ସ୍ଥାୟୀ ଡାକ୍ତର ନଥିବା କାରଣରୁ ଛୁଆଟିକୁ ଆଉ ନ ଦେଖି ଭୋକ ପାଇଁ କାନ୍ଦୁଚି ବୋଲି ଡାକ୍ତରଖାନା କର୍ମଚାରୀ କହିଥିଲେ ।ଅସ୍ତ୍ରୋପଚାର ପୂର୍ବରୁ କାଉନସେଲିଂ ସମୟରେ ହସ୍ପିଟାଲରେ ସମସ୍ତ ପ୍ରକାର ସୁବିଧା ଓ ସୁବ୍ୟବସ୍ଥା ସହିତ ୨୪ ଘଂଟା ଡାକ୍ତର ଉପସ୍ଥିତ ରୁହନ୍ତି ବୋଲି ଗର୍ଭବତୀ ମହିଳା ଓ ତାଙ୍କ ପରିବାରକୁ କହିଥିଲେ ।କିନ୍ତୁ ଏହା ମିଛ ଥିଲା । ଅଲଟ୍ରାସାଉଣ୍ଡ ଓ ଆଇସିୟୁ ବ୍ୟବସ୍ଥା ନଥାଇ ମଧ ବିଗତ ୫ ବର୍ଷ ହେବ ଏପରି ଅସ୍ତ୍ରୋପଚାର କରାଯାଉଛି ଏହି ଶ୍ରୀ ସାଇ ହସ୍ପିଟାଲ୍ରେ । ମହିଳାଙ୍କ ଉକ୍ତ ରକ୍ତଚାପ ସହିତ ମଧୁମେହ ସମସ୍ୟା ପରି ଅନ୍ୟାନ୍ୟ ଶାରିରୀକ ସମସ୍ୟା ମଧ ରହିଥିଲା । ଡାକ୍ତରଖାନା ରେ ଅସ୍ତ୍ରୋପ୍ରଚାର ପ୍ରସବ କରାଇବା ପାଇଁ ଉପଯୁକ୍ତ ଆବଶ୍ୟକ ବ୍ୟବସ୍ଥା ସହିତ ସ୍ଥାୟୀ ଡାକ୍ତର ନଥାଇ ମଧ୍ୟ, ଏପରି ରୋଗୀଙ୍କୁ କିପରି ମରଣ ଜନ୍ତା ଭିତରକୁ ନେଇ ଅସ୍ତ୍ରୋପଚାର କରୁଛନ୍ତି ଏହା ବଡ ପ୍ରଶ୍ନ ସୃଷ୍ଟି କରୁଛି । ଅନ୍ୟ ପଟେ ଅସ୍ତ୍ରୋପଚାର ରେ ଜନ୍ମ ହୋଇଥିବା ନବଜାତ ଶିଶୁ ଟି ଘରେ ପହଂଚିବାର କିଛି ଘଂଟା ପରେ ଅଧିକ ଅସୁସ୍ଥ ହୋଇଯିବା କାରଣରୁ, ପୁନଃର୍ବାର ଶ୍ରୀ ସାଇ ହସ୍ପିଟାଲ୍କୁ ପରି ବାର ଲୋକ ଆଣିଥିଲେ । କିନ୍ତୁ ଆଣି ବା ସମୟରେ ବାଟରେ ନବଜାତ ଶିଶୁ ଟିର ମୃତ୍ୟୁ ହୋଇଥିଲା ।ହସ୍ପିଟାଲ ଭିତରେ ମୃତ ଶିଶୁର ଶରୀରକୁ ରଖି ପ୍ରତିବାଦ ଜଣାଇ, କାକଟପୁର ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ, ଥାନା ବାବୁଙ୍କ ଠାରୁ ଉଚି ନ୍ୟାୟ ନପାଇବା ହେତୁ, ଘଟଣାଟିକୁ ଚପାଇ ଦେବା ପାଇଁ ମଧ ପ୍ରଶାସନ ପାଖରେ ଅର୍ଥ କାରବାର ହୋଇଛି ବୋଲି ଗଣମାଧ୍ୟମ ଆଗରେ ପରିବାର ଲୋକ କହିଛନ୍ତି । ଥାନାରେ ଉଚି ନ୍ୟାୟ ମିଳିବ ନାହିଁ ବୋଲି ଅନୁଭବ କରି ଶିଶୁ ଟିର ମୃତ ଶରୀର କୁ ଆଣି ଘରକୁ ଫେରିଆସିଥିଲେ । କିଛି ହସ୍ପିଟାଲ୍ କର୍ମଚାରୀ, ମୃତ ନବଜାତ ଶିଶୁର ପରିବାର କୁ କହିଛନ୍ତି, ଏପରି ମୃତ ଘଟଣା ୭ରୁ ୮ ଥର ହେଲାଣି, କିନ୍ତୁ ହସ୍ପିଟାଲ୍ ବିରୋଧରେ କୌଣସି କାର୍ଯ୍ୟନୁଷ୍ଠାନ ଆଜି ପର୍ଯ୍ୟନ୍ତ ହୋଇନାହିଁ । ସେମିତି ତମ ଘଟଣା ବି ସମାନ ଚାପିହୋଇ ଯିବ । ହସ୍ପିଟାଲ୍ ମାଲିକ ହାତରେ ବଡ ବଡ ନେତା ମନ୍ତ୍ରୀ ସହିତ ପୋଲିସର ସହଯୋଗ ରହିଛି । ଏ ସବୁ ଜାଣିବା ପରେ ମୃତ ନବଜାତ ଶିଶୁ ପରିବାର ଲୋକ ନ୍ୟାୟ କିପରି ପାଇବେ ବୋଲି ଦୁଃଖ ପ୍ରକାଶ କରିଛନ୍ତି ୟବାସ୍ତବିକ୍ରେ ଏହିପରି ଘଟଣାକୁ ଦେଖି ଅଂଚଳବାସୀ ଭୟଭୀତ ହେବା ସହିତ ବିଶ୍ୱାସ ହରାଉଛନ୍ତି ୟ ସେବା ଯୋଗାଇଦେବା ବଦଳରେ ଆର୍ଥକ ଶୋଷଣ କରୁଛି କି ହସ୍ପିଟାଲ୍ ? ଏହା ସହିତ ଏହିପରି ଘଟଣା ପୂର୍ବରୁ ମଧ୍ୟ ଘଟିଥିବା ହେତୁ, ଏହାର ସଠିକ୍ ତଦନ୍ତ କରାଯାଉ ବୋଲି ଜନସାଧାରଣ ଦାବି କରିଛନ୍ତି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ନବୋଦୟ ପ୍ରବେଶିକା ପରୀକ୍ଷାରେ ୩ ଜଣ ଛାତ୍ର ଛାତ୍ରୀ ଉତ୍ତୀର୍ଣ୍ଣ

କରଞ୍ଜିଆ, (ମହାଭାରତ) ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ରୁଗୁଡ଼ିବେଡାରେ ଥିବା କୌଟିଲ୍ୟ ଇ□ରନ୍ୟାସନାଲ ସ୍କୁଲର ତିନିଜଣ ଛାତ୍ରଛାତ୍ରୀ ଜବାହାର ନବୋଦୟ ପ୍ରବେଷିକା ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ଷଷ୍ଠ ଶ୍ରେଣୀରେ ନାମ ଲେଖାଇବାକୁ ଯୋଗ୍ୟତା ହାସଲ କରିଛନ୍ତି ଓବିଦ୍ୟାଳୟ ର ଛାତ୍ରୀ ରତକ୍ରିତି ସଏ ,ଛାତ୍ର ସୌଭାଗ୍ୟ ରଞ୍ଜନ ଖାଟୁଆ,ଓ ଦିବ୍ୟ ଜ୍ୟାତି ଗିରି ସଫଳତା ପାଇ ଛନ୍ତି ।ପୂର୍ବ ବର୍ଷ ମାନଙ୍କରେ ମଧ ଏହି ବିଦ୍ୟାଳୟରୁ ସଫଳତା ପାଇ ନବୋଦୟ ସ୍କୁଲରେ ପଢୁଛନ୍ତି । କିନ୍ତୁ ଏହି ବର୍ଷ ଏକ ସମୟରେ ତିନି ଜଣ କୃତିତ୍ୱ ହାସଲ କରି ବିଦ୍ୟାଳୟର ସୁନାମ ବଢ଼ାଇଥିବାରୁ ଅଭିବାବକ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ମାନଙ୍କ ମଧରେ ଖୁସିର ଲହରୀ ଖେଳାଇ ଦେଇଛି । ଏହି ସ୍କୁଲରୁ ପ୍ରତି ବର୍ଷ ଓଡିଶା ଆଦର୍ଶ ବିଦ୍ୟାଳୟ ଦିଗଧର ପ୍ରବେଷିକା ପରୀକ୍ଷା ରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଆସୁଛନ୍ତି ।

## ସାମାଜିକ ସଂଗଠନ ଆସପାୟର ପକ୍ଷରୁ ବିଦ୍ୟାର୍ଥୀଙ୍କ ବୃତ୍ତି ପରାମର୍ଶ ଶିବିର




ଯୋଡ଼ା (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳରେ ଶିକ୍ଷାର ସଂଜୀବନି ଭାବେ କାର୍ଯ୍ୟରତ ସାମାଜିକ ସଂଗଠନ ଆସପାୟର ପକ୍ଷରୁ ଆଜି ଶୁକ୍ରବାର ଅପରାହ୍ନରେ ସହରରେ ଥିବା ଶିଶୁ ସୁରକ୍ଷା ସଭାଗୃହରେ ବିଦ୍ୟାର୍ଥୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ବୃତ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଡ଼ା ପୌରପାଳିକାର ନିର୍ବାହୀ ଅଧିକାରିଣୀ ଶ୍ୱେତପଦ୍ମା ଧଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଯୋଡ଼ା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର , ଆଇସିଡିଏସ ର ଦୀପକ କୁମାର ପାତ୍ର , ଶିଶୁ ଅଧିକାର ସୁରକ୍ଷା ମଞ୍ଚର ରୀନା ଭଟାର୍ଚ୍ଚର୍ଯ୍ୟ , ଆସପାୟର ବ୍ଲକ ସଂଯୋଜକ ବିଜୟ ନାଏକ , ଯୋଡ଼ା ଶିକ୍ଷା ସଂଯୋଜକ ଉତ୍ତମ କୁମାର ନାଏକ , ରକ୍ଷାକର ପାତ୍ର , ତାପସ ବାରିକ , ଯୁବ ସାମ୍ବାଦିକ ଦିଗାମ୍ବର ବେହେରା ପ୍ରମୁଖ ଯୋଗ ଦେଇଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟକ୍ରମରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିବା ଶତାଧିକ ଛାତ୍ରଛାତ୍ରୀ ଓ ଅଭିଭାବକ ଅଭିଭାବିକା ଯୋଗ ଦେଇଥିଲେ। ପ୍ରକାଶଯୋଗ୍ୟ ସଭାରେ ଉପସ୍ଥିତ ଛାତ୍ରଛାତ୍ରୀ ମାନେ ପୂର୍ବରୁ ଅଭାବ ଅନାଟନରେ ବଶବର୍ତ୍ତୀ ହୋଇ ଅଧାରୁ ପାଠ ଛାଡି ଶିଶୁ ଶ୍ରମିକ ଭାବେ ନିୟୋଜିତ ଥିଲେ । ଶିକ୍ଷାର ସଂଜୀବନି ଭାବେ ସହରରେ ଗଢି ଉଠିଥିବା ସାମାଜିକ ସଂଗଠନର କାର୍ଯ୍ୟକର୍ତ୍ତା ଯୋଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତ ବୁଲି ପିଲାମାନଙ୍କୁ ଠାବ କରି ଟାଟା ଷ୍ଟିଲ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଆର.ବି.ସି.ରେ ସମସ୍ତ ସୁବିଧା ଯୋଗାଇ ଦେବା ସହିତ ଉତ୍ତମ ଶିକ୍ଷା ପ୍ରଦାନ କରି ପାରିଛି । ଫଳରେ ଛାତ୍ରଛାତ୍ରୀ ମାନେ ଏକ ନୂଆ ସକାଳ ଦେଖିବାର ସୁଯୋଗ ପାଇଛନ୍ତି । ଏହି ପରିପ୍ରେକ୍ଷୀରେ ପିଲାମାନେ ଆଗାମୀ ଭବିଷ୍ୟତରେ ବୈଷୟିକ ଶିକ୍ଷା,ଧନ୍ଦାମୂଳକ ଶିକ୍ଷା , ଦକ୍ଷତା ବିକାଶ କ୍ଷେତ୍ରରେ କିଭଳି ନିଜକୁ ପ୍ରସ୍ତୁତ କରିବେ ସେ ସମ୍ପର୍କରେ ଅତିଥିମାନେ ଛାତ୍ରଛାତ୍ରୀ ମାନଙ୍କୁ ଦିଗଦର୍ଶନ ଦେଇଥିଲେ । ସମାଜରେ ନିଜକୁ ପ୍ରତିଷ୍ଠିତ କରିବାକୁ ହେଲେ ନିଷ୍ଠାର ସହିତ ପରିଶ୍ରମ କରିବାକୁ ହେବ ବୋଲି ଶ୍ରୀମତୀ ଧଳ ତାଙ୍କ ବକ୍ତବ୍ୟରେ କହିଥିଲେ । ଉକ୍ତ ସଭାଟିକୁ ଆସପାୟର ଆଇସିଡିଏସ ସଂଯୋଜିକା ରଶ୍ମିରେଖା ବେହେରା ପରିଚାଳନା କରିଥିବା ବେଳେ ସଂଗଠର ସମସ୍ତ କର୍ମକ□। ସହଯୋଗ କରିଥିଲେ ।

## ବିଶିଷ୍ଟ ସମାଜସେବୀ ସୁନୀଲ ସିଂ ଙ୍କ ଅକାଳ ବିୟୋଗ- ଜିଲ୍ଲା ପାଇଁ ଅପୂରଣୀୟ କ୍ଷତି

ପାଟଣାଗଡ଼ ( ମହାଭାରତ ) ବିଶିଷ୍ଟ ସମାଜସେବୀ ତଥା ସେବା ଚେରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ସୁନୀଲ ସିଂ ଙ୍କ ଅକାଳ ବିୟୋଗ ଗତ ତା ୨୧ /୦୩/ ୨୦୨୫ ରେ ନିଜ ଗ୍ରାମ ଝୁଲେନବର ରୁ ଭୋର ସକାଳୁ ନିଜ କାର ଯୋଗେ ଭୁବନେଶ୍ୱର ଯାଉଥିବା ସମୟରେ ବୌଦ୍ଧ ଜିଲ୍ଲା ଠାରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟି ଗୁରୁତର ଆହତ ହୋଇଥିଲେ । ଦୁଇ ଗୋଡ଼ ଭାଙ୍ଗି ଯାଇଥିଲା ଓ ଛାତିରେ ଗଭୀର ଆଘାତ ହୋଇଥିଲା । ସେଠାରେ ଉପସ୍ଥିତ ଜନସାଧାରଣ ପ୍ରାଥମିକ ଚିକିତ୍ସା କରି ଉଚ୍ଚ□ର ଚିକିତ୍ସା ପାଇଁ ବୁର୍ଲା ମେଡିକାଲ କଲେଜ ହସପିଟାଲ କୁ ସ୍ଥାନାନ୍ତର କରିଥିଲେ ବୁର୍ଲା ମେଡିକାଲ କଲେଜ ହସପିଟାଲ ରୁ ସ୍ଥାନାନ୍ତର କରି ପୁଣି ବରଗଡ଼ ବିକାଶ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଗତକାଲି ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ୍ୟୁ କରିଥିଲେ ।ଆଜି ତାଙ୍କର ପାର୍ଥିବ ଶରୀର ନିଜ ପୈତୃକ ଗ୍ରାମ ଝୁଲେନବର କୁ ପହଁଞ୍ଚିଥିଲା । ପାର୍ଥିବ ଶରୀରକୁ ଶ୍ରଦ୍ଧାଞ୍ଜଳି ଜଣେଇବା ପାଇଁ ଗ୍ରାମରେ ହଜାର ହଜାର ଶୁଭେଚ୍ଛୁ ।ସମାଜସେବୀ ଉପସ୍ଥିତ ରହି ସୁନୀଲ ସିଂ ଅମର ରହେ ନାରା ଦେଇ ଶୋଭାଯାତ୍ରାରେ ପୈତୃକ ଘରକୁ ନେଇଥିଲେ। ହଜାର ହଜାର ସଂଖ୍ୟାରେ ଜନସାଧାରଣ ଶେଷ ଦର୍ଶନ କରି ଶୋକାକୁଳ ପରିବାର ବର୍ଗକୁ ସମବେଦନା ଜଣେଇଥିଲେ । ସୁନୀଲ ସିଂ ଜଣେ ଥିଲେ ଏହି ଅଞ୍ଚଳ ପାଇଁ ଦରଦୀ ମଣିଷ, ପରୋପକାରୀ ବ୍ୟକ୍ତି ଥିଲେ । ଅସହାୟ, ଗରିବ ମାନଙ୍କ ସାଥୀ ହୋଇ ଅସୁବିଧା ସମୟରେ ଦୁଃଖ ସୁଖ ସମୟରେ ଠିଆ ହେଉଥିଲେ। ଶୀତ ଦିନରେ ଅସହାୟ ବୃଦ୍ଧ, ବୃଦ୍ଧା ମାନଙ୍କୁ ଶୀତ ବସ୍ତ୍ର ବଣ୍ଟନ , ଅସହାୟ ମାନଙ୍କୁ ବସ୍ତ୍ର ବଣ୍ଟନ , ଅନେକ ଗରିବ ପରିବାର ର ଶୁଦ୍ଧିକ୍ରିୟା କରିବା , ଗରିବ ଲୋକ ମାନଙ୍କୁ ରାସନ ସାମଗ୍ରୀ ବଣ୍ଟନ କରିବା ,କରୋନା ସମୟରେ ପାଟଣାଗଡ଼ , ବେଲପଡା ଡାକ୍ତରଖାନା ରେ ରୋଗୀ ଓ ରୋଗୀ ପରିଜନ ମାନଙ୍କୁ ରନ୍ଧା ଖାଦ୍ୟ , ଫଳ ବିସ୍କୁଟ , ପାଉଁରୁଟି ବ□ନ କରିବାରେ ତାଙ୍କର ବହୁମୂଲ୍ୟ ଅବଦାନ ରହିଥିଲା । ତାଙ୍କ ପରି ଜଣେ ଯୁବ ସମାଜସେବୀ କୁ ହରେଇ ପଶ୍ଚିମ ଓଡ଼ିଶାର ଅପୂରଣୀୟ କ୍ଷତି ହୋଇଛି । ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇ ସମ୍ପୂର୍ଣ୍ଣ ସ୍ତବ୍ଧ ହୋଇ ଯାଇଛି। ପରେ ମାୟାବତୀ ନଦୀ କୂଳରେ ଶବ ସତ୍କାର କରିଥିଲେ । ଶବ ସତ୍କାର ସମୟରେ ନିଜ ପୁଅ ମୁଖାଗ୍ନି ଦେଇଥିଲେ । ହଜାର ହଜାର ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ଥିଲେ।

## ଚମକପୁର ସଂରକ୍ଷିତ ଜଙ୍ଗଲ ନିଆଁ କୁ ଆୟତ୍ତ କଲେ ଅଗ୍ନିଶମ ବାହିନୀ ଓ ବନବିଭାଗ କର୍ମଚାରୀ



କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ଚମକପୁର ସଂରକ୍ଷିତ ଜଙ୍ଗଲ ରେ ଜଳୁଥିବା ନିଆଁ କୁ ଆୟତ୍ତ କଲା ଅଗ୍ନିଶମ ବାହିନୀ ଓ ବନ କର୍ମଚାରୀ।ଶୁକ୍ରବାର ଦିନ ଦ୍ୱିପହର ବେଳେ ଏହି ଚମକପୁର ଜଙ୍ଗଲ ମଝିରେ କେହି ନିଆଁ ଲଗାଇ ଦେବାରୁ ନିଆଁ ଜଙ୍ଗଲ ରେ ବ୍ୟାପି ଯାଇଥିଲା।ପରେ ଦିନ ୩ଟା ସମୟରେ ଖବର ପାଇ ଠାକୁରମୁଣ୍ଡା ରେଞ୍ଜ କର୍ମଚାରୀ ନିଆଁ ଆୟ□ କରିବା ପାଇଁ ଚେଷ୍ଟା କରିଥିଲେ ମଧ ଦିନ ବେଳେ ପବନ ବହୁଥିବା କାରଣରୁ ନିଆଁ କୁ ଆୟତ୍ତ କରିପାରିନଥିଲେ । ପରେ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦିଆଯାଇଥିଲା । ଗାଁ ପାଖ ହୋଇ ଥିବାରୁ ଚମକପୁର ର ସ୍ୱୟଂ ସାହାୟକ ଗୋଷ୍ଠୀ ମହିଳା ମାନେ ମଧ ନିଆଁ ଲିଭାଇବା କାର୍ଯ୍ୟ ରେ ସହଯୋଗ କରିଥିଲେ । ନିଆଁ ଲାଗି ପ୍ରାୟ ଏକର ଏକର ଜଙ୍ଗଲ ପୋଡିଯାଇ ଥିବାର ଦେଖାଯାଇଛି । ବର୍ତ୍ତମାନ ଜଙ୍ଗଲ ରେ ଥିବା ଗଛରୁ ପତ୍ର ଝଡି ନୂଆ ପତ୍ର ହେବା ଆରମ୍ଭ ହୋଇଥିବା ବେଳେ ଶୁଖିଲା ପତ୍ର ଜଙ୍ଗଲ ଭିତରେ ପଡିରହିଛି । ମଝୀ ଜଙ୍ଗଲରେ କେହି ତଳେ ପଡିରହିଥିବା ଏହି ଶୁଖିଲା ପତ୍ର ରେ ନିଆଁ ଲଗାଇବା କାରଣ ରୁ ନିଆଁ ଖୁବ ଶୀଘ୍ର ବ୍ୟାପିବାରେ ସହାୟକ ହେଉଅଛି। ଦୁଇ ଦିନ ତଳେ ନିଆଁ ଯୋଗୁଁ ଚମକପୁର ଆଶ୍ରମ ପଛପଟ ଗ୍ରାମ୍ୟ ଜଙ୍ଗଲ ଏକ ଏକର ରୁ ଉର୍ଦ୍ଧ ପୋଡି ନଷ୍ଟ ହୋଇଯାଇଥିବା ବେଳେ ବର୍ତ୍ତମାନ ବିଭିନ୍ନ କରଣରୁ ଜଙ୍ଗଲ ଗୁଡିକୁ କେହି ନିଆଁ ଲଗାଇ ଦେଉଛନ୍ତି। ତେବେ ଏ ବର୍ଷ ପ୍ରଥମ ଥର ପାଇଁ ବନାଗ୍ନି କୁ ଲିଭାଇବା ପାଇଁ ଅଗ୍ନିଶମ ବାହିନୀ ନିଅଜିତ ହୋଇଥିବା ଜଣାପଡ଼ିଛି।

## ପରିତ୍ୟକ୍ତ ଖଣିଜ ଗଦାରୁ ପୁଣି ଚୋରି



ଯୋଡ଼ା, (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା ସ୍ଥିତ ବେହେରା ହାଟିଂ ଠାରେ ଥିବା ଏକ ପରିତ୍ୟକ୍ତ କ୍ରସରରୁ ଗଦା ହୋଇ ପଡ଼ି ରହିଥିବା ଖଣିଜ କ୍ରମାଗତ ଭାବେ ଚୋରି ହୋଇ ଚାଲିଛି। ଗୁରୁବାର ବିଳମ୍ବିତ ରାତ୍ରି ସମୟରେ ଉକ୍ତ କ୍ରସରରୁ ଚୋରା ଖଣିଜ ପରିବହନ ପାଇଁ ଟ୍ରକ୍ ନିୟୋଜିତ ହୋଇଥିବା ସୂତ୍ରରୁ ଖବର ପାଇ ଯୋଡ଼ା ପୋଲିସ ଘଟଣାସ୍ଥଳରେ ଅତର୍କିତ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ସେଠାରେ ଥିବା ଖଣିଜ ଚୋର ଦୌଡ଼ି ପଳାଇଥିବା ବେଳେ ଚୋରା ଖଣିଜ ବୋଝେଇ ହୋଇଥିବା ଟ୍ରକ୍ ଟିଏସ-୩୫ଟି-୩୩୩୯ ର ଡ୍ରାଇଭର ସେଠାରୁ ଦ୍ରୁତ ଗତିରେ ଟ୍ରକ୍ ନେଇ ପଳାଉଥିବା ବେଳେ ଟ୍ରକଟି ଅନିୟନ୍ତ୍ରିତ ହୋଇ ଏକ ଗାତ ଭିତରେ ପଶି ଯାଇଥିଲାଏବଂ ଡ୍ରାଇଭର ସେଠାରୁ ଚମ୍ପଟ ମାରିଥିଲା। ଟ୍ରକଟିରେ ପ୍ରାୟ ୨୨ ମେଟ୍ରିକ୍ ଟନ୍ ଲୁହା ପଥର ବୋଝେଇ ହୋଇ ଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ସୂଚନା ଯୋଗ୍ୟ ଯେ,ଗତ ୩ ମାସ ଧରି ଏହି ପରିତ୍ୟକ୍ତ କ୍ରସରରୁ ଅନବରତ ଭାବେ ଖଣି ଚୋର ମାନେ ଚୋରା କାରବାର ଚଳାଇ ଆସୁଛନ୍ତି। ଗତ ଫେବୃଆରୀ ୧୭ରେ ଗୋଟିଏ ଟ୍ରକ୍ ଜବତ ହୋଇ ଥିବା ବେଳେ ଓ ୨୮ ତାରିଖ ଦିନ ୨ଗାଡ଼ି ଜବତ ହୋଇ ଥିବା ନକଲି ଚାଲାଣ ଜବତ କରିଥିଲା ପୋଲିସ । ଏହି ଘଟଣାରେ ଏପର୍ଯ୍ୟନ୍ତ କେହି ଗିରଫ ହୋଇ ପାରି ନାହାଁନ୍ତିୟ ଯୋଡ଼ାରୁ ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗ ରାଜ୍ୟକୁ ଚୋରା ଖଣିଜ ପରିବହନ ହେଉଥିବା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଯୋଡ଼ା ଥାନା ଆଇଆଇସି ସୁଶାନ୍ତ ପ୍ରଧାନ କହିଛନ୍ତି ଯେ, ଖଣିଜ ଚୋରା କାରବାରରେ ସମ୍ପୃକ୍ତ ଥିବା ଚୋର ମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଆରମ୍ଭ କରିଛି। ଚୋରା କାରବାର ନେଇ ସୁରାକ୍ ମିଳୁ ନ ଥିବାରୁ ଏହାର ଅଧିକ ଅନୁସନ୍ଧାନ ଚଳାଇଛି। ତେଣେ ସ୍ପଷ୍ଟ ପରିଲକ୍ଷିତ ହେଉଛି ଯେ ତିନି ଥର ଏହି ପରିତ୍ୟକ୍ତ କ୍ରସରରୁ ଖଣିଜ ଚୋରା କାରବାର ସମ୍ପର୍କରେ ଯୋଡ଼ା ଖଣି ଉପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ଖଣି ଅଧିକାରୀ ଦୀପକ କୁମାର ଧୁରୁଆ ଖଣି ନିରୀକ୍ଷକଙ୍କ ସହିତ ଆସି ସରଜମିନ ତଦନ୍ତ କରିଥିଲେ। ଏନେଇ ଉକ୍ତ କ୍ରସରର ମାଲିକଙ୍କୁ ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟରୁ ସୁରକ୍ଷା କର୍ମୀ ନିୟୋଜିତ କରିବା ପାଇଁ କୁହା ଯାଇଥିବା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ କହିଥିଲେ। ପରବର୍ତ୍ତୀ ସମୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇନଥିବାରୁ ପରିତ୍ୟକ୍ତ କ୍ରସରରେ ଗଦା ହୋଇଥିବା ମୂଲ୍ୟବାନ ଖଣିଜ ଚୋରି ହେବାରେ ଲାଗିଛି। ଏତଦ୍ ବ୍ୟତୀତ ସମ୍ପୃକ୍ତ କ୍ରସର ମାଲିକଙ୍କୁ ତଦନ୍ତ ପରିସର ଭୁକ୍ତ କରା ଯାଉନାହିଁ ଏବଂ କ୍ରସରରେ ଖଣିଜର ଓପନିଂ ଷ୍ଟକ ଓ ବାଲାନ୍ସ ଷ୍ଟକ୍ ଖଣି ବିଭାଗ ଦ୍ୱାରା ଯାଞ୍ଚ କରାଯାଉନାହିଁ। ଯାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି।

## ଚାଷଜମି କମୁଛି କୋଠାବାଡ଼ି ବଢୁଛିୟ

ଗଜପତି ଜିଲ୍ଲାରେ ବର୍ତ୍ତମାନ ଚାଷ ଜମି ଦିନକୁ ଦିନ କମିବାରେ ଲାଗିଛି ଯାହା ଫଳରେ ଚାଷୀ ଚାଷ ନକରି ବାହାର ରାଜ୍ୟକୁ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛି। ଚାଷ ଜମିକୁ ଚାଷୀଙ୍କ ଠାରୁ କମ ଦରରେ କିଣି ବା ଶାଗ ମାଛ ଦରରେ କ୍ରୟ କରି ପ୍ଲଟ ଘର ବାରିରେ ପରିଣତକରୁଛନ୍ତି । ଯାହା ଫଳରେ ଚାଷ ଜମି ଦିନକୁ ଦିନ କମିବାରେ ଲାଗିଛି। ରାତାରାତି ଲକ୍ଷପତି ବୟ କୋଟିପତି ହୋଇଥାନ୍ତି ଚାଷ ଜମିକୁ ଘର ବାରୀରେ ପରିଣତ କରୁଥିବା ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟାନୁଷ୍ଠାନ ହେଉନାହିଁ ।ଯାହା ଫଳରେ ଚାଷ ଜମି କମୁଛି। ପ୍ଲଟ ବେପାର କରି ଏବେ ଲୋକ ଲକ୍ଷ ପତି ଓ ଠ କ । ଟ ି ପ ତ ି ହୋଇପାରିଛନ୍ତି ।ସକାଳ ହେଲେ ଟ୍ରେଜେରୀ ରାସ୍ତାରେ ଭିଡ଼ ଜମି ପ୍ଲଟ ବେପାରି ଓ ମଧ୍ୟସ୍ଥତାଙ୍କର କାଗଜ ଦେଖାଇ ସହଜ ଉପାୟରେ ବିନୟପାରିଶ୍ରମରେ ଲକ୍ଷ ପତି ଓ କୋଟିପତି ହେବାର ଆଶା ଏପରିକୀ ଯାହା ପାଖରେ ଖାଇବାରକୁ ନଥିଲା ସେ କୋଟି ପତି ଓ ଲକ୍ଷ ପତି କୋଠା ବାଡ଼ି ବ୍ୟାଙ୍କ ବାଲାନ୍ସ ସମସ୍ତଙ୍କୁ ଜଣା ଏପରିକି ସରକାରୀ କାର୍ଯ୍ୟରତ କର୍ମଚାରୀ ମାନେ ମଧ୍ୟ ଏହି ପ୍ଲଟ ବେପାର କରି ଲକ୍ଷ ପତି ଓ କୋଟି ପତି ହେଉଛନ୍ତି। ଏଣୁ ନୂତନ ସରକାର ଚାଷିଙ୍କ ପ୍ରତି ଦୃଷ୍ଟି ଦେଲେ ଚାଷ ଜମି ପ୍ଲଟ ହେବ ନାହିଁକି ଘର ବାରିରେ ପରିଣତ ହେବ ନାହିଁ ଚାଷ ଜମି ରହିବ ଚାଷି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବ ନାହିଁ ଜମିରେ ସୁନାର ଫସଲ ଫଳିବ ଖାଦ୍ୟ ଶସ୍ୟର ଅଭାବ ରହିବ ନାହିଁ ନହେଲେ ଖାଦ୍ୟ ଶସ୍ୟର ସଙ୍କଟ ଦେଖାଦେବ।

## ଜିଲ୍ଲା ସ୍ତରୀୟ ନିପୁଣ ଓଡ଼ିଶା ମେଳା ଉଦଘାଟିତ



ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ଜିଲ୍ଲା ସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇ ଯାଇଛି ।ଏହି ମେଳାରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ, ଜିଲ୍ଲା ପରିଷଦ ଅଧକ୍ଷ ଜୀ ତିରୁପତି ରାଓ, ପାରଳା ପୌର ପରିଷଦ ଅଧକ୍ଷା ନିର୍ମଳା ସେଠୀ,ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିଲାପୁ ବିମଲ, ଅଧକ୍ଷ ଡକ୍ଟର ମୁର୍ମୁ, ଜିଲ୍ଲା ଶିକ୍ଷା ଅଧିକାରୀ ମାୟା ଧର ସାହୁ,ଜିଲ୍ଲା ସମଗ୍ର ଶିକ୍ଷା ଅଭିଯାନର ସଂଯୋଜକ ସନ୍ତୋଷ ଆଚାରି,ପ୍ରଶିକ୍ଷକ ପ୍ରଦୀପ କୁମାର ଜେନା ପ୍ରମୁଖ ମଞ୍ଚା ସିନ ଥିଲେ।ମୁଖ୍ୟ ଅତିଥି ରିବନ କାଟି କାର୍ଯ୍ୟକ୍ରମ ର ଉଦଘାଟନ କରି ଥିବା ବେଳେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେୟଜିଲ୍ଲାର ଅନୁ କୋଣରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟା ଜ୍ଞାନ ସମ୍ପର୍କିତ ବିଭିନ୍ନ ଶିକ୍ଷଣ ସାମଗ୍ରୀ ଆଣି ପଦର୍ଶିତ କରିଥିଲେ।ଅତିଥି ମାନେ ପରିଦର୍ଶନ କରି ପ୍ରାଥମିକ ସ୍ତରର ଛାତ୍ର ଛାତ୍ରୀଙ୍କ ଶିକ୍ଷଣ ନିମନ୍ତେ ଉପଯୋଗୀ ହେବ ବୋଲି ନିଜର ମତବ୍ୟକ୍ତ କରି ଥିଲେ।ପ୍ରଶିକ୍ଷଣ ଅନୁଷ୍ଠାନର ଅଧକ୍ଷ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଅମୂଲ୍ୟ କୁମାର ପାଣିଗ୍ରାହୀ ଓ ରମାକାନ୍ତ ପଟ୍ଟନାୟକ ପରିଚାଳନା କରି ଥିଲେ। ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନର ପ୍ରଶିକ୍ଷକ ପ୍ରଶିକ୍ଷିକା ଓ କର୍ମକର୍ତ୍ତାମାନେ ପରିଚାଳନା ରେ ସହଯୋଗ କରିଥିଲେ।

## ଶିଶୁ ବାଟିକା ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ



(ବସ୍ତା/ମହାଭାରତ) ବସ୍ତା ବ୍ଲକ ଭେଲୋରା ପଞ୍ଚାୟତ ରାଧା କୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପାଞ୍ଚ ଦିନିଆ ଶିଶୁ ବାଟିକା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି ।ଉକ୍ତ ଶିବିରରେ ଭେଲୋରା, ପାଉଁଶକୁଲି, ବେଲି, ଚକ୍ରଡା, ବରୁଣ ଗଡିଆ ଓ ବସନ୍ତପୁର ଶିକ୍ଷା କ୍ଲଷ୍ଟର ର ୭୨ ଜଣ ଦକ୍ଷ ଶିକ୍ଷକ ଶିକ୍ଷୟତ୍ରୀ ତାଲିମ ଗ୍ରହଣ କରିଥିଲେ। ବିଦ୍ୟାଳୟରେ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ସହ ନୂତନ ଶିକ୍ଷାନୀତି ୨୦୨୦ ଅନୁଯାୟୀ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରାଯାଉଛି। ଏଥିରେ ପାଞ୍ଚ ବର୍ଷରୁ ଅଧିକ ବୟସର ପିଲାମାନଙ୍କୁ ଏକ ଉତ୍ତମ, ସଂଘଟିତ ଏବଂ ଅନୁଭୂତି ମୂଳକ ଶିକ୍ଷଣ ପରିବେଶରେ ହସ, ଖେଳ, ନାଚ ଗୀତ ସହିତ ଆନନ୍ଦମୟ ପରିବେଶ ଭିତରେ କିଭଳି ଶିକ୍ଷା ପ୍ରଦାନ କରାଯାଇପରିବ ।ଏଥି ସହିତ ଆସନ୍ତା ଏପ୍ରିଲ ୨ ତାରିଖରେ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରାଯିବ ଯାହା ଦ୍ୱାରା ତୃଣ ମୂଳରୁ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିବା ସହିତ ସୁଦୃଢ଼ କରାଯାଇପାରିବ ପ୍ରିଶିକ୍ଷଣ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ।ଏହି କାର୍ଯ୍ୟକ୍ରମକୁ ସିଆରସିସି ଅସିତ କୁମାର ଦାସ, ଅରବିନ୍ଦ ପାଣିଗ୍ରାହୀ, ପିତାମ୍ବର ବେହେରା ତତ୍ତ୍ୱାଧାନ କରୁଥିବା ବେଳେ, ପ୍ରଶିକ୍ଷକ ଭାବେ ଅଭିଜ୍ଞ ଶିକ୍ଷକ କୃଷ୍ଣଚନ୍ଦ୍ର ଶତପଥୀ, ସଞ୍ଜୟ କୁମାର ପରିଡ଼ା, ଗଣେଶ ଚନ୍ଦ୍ର ଜେନା ତାଲିମ ପ୍ରଦାନ କରିଥିଲେ।

## ଭତ୍ତା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର




ପାରାଦ୍ୱୀପ - ଭତ୍ତା ବୃଦ୍ଧି ଅଭିଯାନ,ଓଡିଶା ସଂଗଠନ ତରଫରୁ ମଧୁବାବୁଙ୍କ ନାମରେ ନାମି ଭତ୍ତା ଯୋଜନାରେ ୬୦-୭୯ବର୍ଷ ବୟସ୍କ ବରିଷ୍ଠ ନାଗରିକ ହିତାଧିକାରୀ ପାଉଥିବା ଏକ ହଜାର ଟଙ୍କା ଭତ୍ତା ରାଶିକୁ ସର୍ବନିମ୍ନ ତିନିହଜାର ଟଙ୍କା ସହିତ ବିଧବା/ଭିତ୍ତକ୍ଷମ ହିତାଧିକାରୀଙ୍କ ଭତ୍ତା ବୃଦ୍ଧି କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ,ପାରାଦ୍ୱୀପଙ୍କ ଜରିଆରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏକ ଆବେଦନ ପତ୍ର ଦିଆଯାଇଛି । ଏହି ମର୍ମରେ ଶୁକ୍ରବାର ଦିନ ପାରାଦ୍ୱୀପ ପୌରାଞ୍ଚଳର ଭତ୍ତା ହିତାଧିକାରୀମାନେ ବ୍ୟକ୍ତିଗତ ଭାବେ ନିଜେ ନିଜର ଆବେଦନ ପତ୍ର ଭତ୍ତା ବୃଦ୍ଧି ଅଭିଯାନ, ଓଡିଶାସଂଗଠନ ମାଧମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ପାରାଦ୍ୱୀପସ୍ଥ କପିଳମୁନି ଆଶ୍ରମ ପ୍ରାଙ୍ଗଣ ରୁ ସଂଗଠନର ରାଜ୍ୟ ସଭାପତି ବୃନ୍ଦାବନ ଦାସ ଆଜାଦ, ରାଜ୍ୟ କାର୍ଯ୍ୟକାରିଣୀ ଓ ଜିଲ୍ଲା ସଂଯୋଜକ ସୁଶାନ୍ତ ଶେଖର ସ୍ୱାଇଁ, ରାଜ୍ୟ ମହିଳା ସଭାନେତ୍ରୀ ପ୍ରେମତା ବାରିକ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣ ଚନ୍ଦ୍ର ଦାଶ,ପାରାଦ୍ୱୀପ ସଂଯୋଜକ ସୁଧାଂଶୁ ବାଇ,ରବୀନ୍ଦ୍ର କର ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ହିତାଧିକାରୀ ଏକ ଶୋଭାଯାତ୍ରାରେ ଆସି ଅତିରିକ୍ତ ଜିଲ୍ଲାପାଳଙ୍କୁ ନିଜର ଦାବିପତ୍ର ଦେଇଥିଲେ।

## ଆର୍ଟ ଅଫ ଲିଭିଂ ଆନୁକୂଲ୍ୟରେ ବନ୍ଦର କର୍ମଚାରୀ ଙ୍କ ପାଇଁ ସୁଦର୍ଶନ କ୍ରିୟା ଓ ଅନ୍ୟ କ୍ରିୟା ପ୍ରଶିକ୍ଷଣ କର୍ମଶାଳା



ପାରାଦୀପ (ମହାଭାରତ) ବିଶ୍ ପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କରଙ୍କ ଦ ଆର୍ଟ ଅଫ୍ ଲିଭିଂ ଆନୁକୁଲ୍ୟରେ ପାରାଦୀପ ବନ୍ଦର ମୁଖ୍ୟ ଚିକିତ୍ସାଳୟାରେ ମୁଖ୍ୟ ଚିକିତ୍ସା ଅଧିକାରୀ ଙ୍କ ତତ୍ତ୍ୱାବଧାନରେ ବନ୍ଦର ର କର୍ମଚାରୀ ମାନଙ୍କ ଶାରୀରିକ ସୁସ୍ଥତା ଓ ଦୈନ ଦିନ ଜୀବନରେ ବହୁ ପ୍ରକାର ଚିନ୍ତା ର ନିରାକରଣ ଏବଂ ଚାପ ପରିଚାଳନା ପାଇଁ ଏକ ତିନି ଦିନିଆ କର୍ମଶାଳା ଆୟୋଜନ କରାଯାଇଥିଲା । ଏହି କର୍ମଶାଳାରେ ୧୮୦ଟି ରୁ ଉର୍ଦ୍ଧ ଦେଶରେ ଚାଲିଥିବା ଶ୍ରୀଶ୍ରୀ ଙ୍କ ଦ୍ୱାରା ପ୍ରଣୀତ ପଦ୍ଧତି ଓ ସୁଦର୍ଶନ କ୍ରିୟା ଶିଖା ଯାଇଥିଲା। ଏହି କର୍ମଶାଳାକୁ ପରିଚାଳନା କରିଥିଲେ ଆର୍ଟ ଅଫ ଲିଭିଂ ର ବରିଷ୍ଠ ପ୍ରଶିକ୍ଷିକ ଶ୍ରୀ ଦେବ ଜ୍ୟୋତି ଓ ତାଙ୍କୁ ସହଯୋଗ କରିଥିଲେ ଓଡ଼ିଶାର ସୁପରିଚିତ ଯୋଗ ଗୁରୁ ,ଜ୍ୟୋର୍ତିବିଦ ,ପ୍ରବଚକ ତଥା ଆର୍ଟ ଅଫ ଲିଭିଂର ପ୍ରଶିକ୍ଷିକ ଶ୍ରୀ ତାପସ ରଞ୍ଜନ ପତି ।

# ଚାଷୀମାନଙ୍କଠାରୁ ଏମଏସପି କ୍ରୟ ନେଇ ଚିନ୍ତାରେ କେନ୍ଦ୍ର ସରକାର

## ରାଜ୍ୟ ସରକାରମାନେ ନିଶ୍ଚିତ କରନ୍ତୁ : କେନ୍ଦ୍ର କୃଷିମନ୍ତ୍ରୀ ଚୌହାନ

ନୂଆଦିଲ୍ଲୀ, ୨୮।୩(ମହାଭାରତ): କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି ଯେ ମୋଦୀ ସରକାର ଏକ କୃଷକ ହିତୈଷୀ ସରକାର । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର କୃଷକମାନଙ୍କ ଉନ୍ନତି ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ ନିରନ୍ତର କାର୍ଯ୍ୟ କରୁଛନ୍ତି । ଏହି ଦିଗରେ ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି)ରେ ଚାଷୀଙ୍କଠାରୁ ଉତ୍ପାଦ କିଣିବା କାର୍ଯ୍ୟ ମଧ୍ୟ କରାଯାଉଛି ।



ଶ୍ରୀ ଚୌହାନ କହିଛନ୍ତି ଯେ ଡାଲିରେ ଆତ୍ମନିର୍ଭରଶୀଳତା ଆମର ସଂକଳ୍ପ ଏବଂ ଏହି ପରିପ୍ରେକ୍ଷୀରେ, ପ୍ରମୁଖ ହରଡ଼ ଉତ୍ପାଦନକାରୀ ରାଜ୍ୟଗୁଡ଼ିକରେ ହରଡ଼ କ୍ରୟ କରାଯାଉଛି, ଏହି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ଡାଲିର ଘରୋଇ ଉତ୍ପାଦନ ବୃଦ୍ଧି କରିବା, ଚାଷୀମାନଙ୍କୁ ଉତ୍ସାହିତ କରିବା ଏବଂ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ, ସରକାର ୨୦୨୪-୨୫ କ୍ରୟ ବର୍ଷ ପାଇଁ ମୂଲ୍ୟ ସହାୟକ ଯୋଜନା (ପିଏସଏସ) ଅଧୀନରେ ରାଜ୍ୟ ଉତ୍ପାଦନର ୧୦୦% ଦରରେ ହରଡ଼, ମୁଗ ଏବଂ ମସୁର ଡାଲି କ୍ରୟକୁ ଅନୁମୋଦନ କରିଛନ୍ତି ।

ସେ ସୂଚନା ଦେଇଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସରକାର ୨୦୨୫ ବଜେଟରେ ଘୋଷଣା କରିଛନ୍ତି ଯେ ଦେଶରେ ଡାଲି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ପାଇଁ ୨୦୨୮-୨୯ ପର୍ଯ୍ୟନ୍ତ ଆଗାମୀ ଚାରି ବର୍ଷ ପାଇଁ ରାଜ୍ୟର ୧୦୦% ହରଡ଼, ମୁଗ ଏବଂ ମସୁର ଉତ୍ପାଦନ କରାଯିବ । ୨୦୨୪-୨୫ ଖରିଫ ଋତୁରେ ମୂଲ୍ୟ ସହାୟକ ଯୋଜନା ଅଧୀନରେ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଗୁଜରାଟ, ହରିୟାଣା, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତେଲେଙ୍ଗାନା ଏବଂ ଉତ୍ତର ପ୍ରଦେଶରେ ହରଡ଼ କ୍ରୟକୁ ଅନୁମୋଦନ କରାଯାଇଛି । ଏହା ସହିତ, ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି, କର୍ଣ୍ଣାଟକ ସରକାର ମଧ୍ୟ କ୍ରୟ ଅବଧି ୯୦ ଦିନରୁ ଆଉ ୩୦ ଦିନ ବୃଦ୍ଧି କରି ମେ ୧ ପର୍ଯ୍ୟନ୍ତ ଅନୁମତି ଦେଇଛି ।ଶ୍ରୀ ଶିବରାଜ ସିଂହ ଚୌହାନ ସୂଚନା ଦେଇଛନ୍ତି ଯେ ଆନ୍ଧ୍ର ପ୍ରଦେଶ, ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ତେଲେଙ୍ଗାନାରେ ନାଫେଡ୍ ଏବଂ ଏନସିସିଏଫ ମାଧ୍ୟମରେ ଏମଏସପିରେ କ୍ରୟ ଜାରି ରହିଛି ଏବଂ ୨୫ ମାର୍ଚ୍ଚ ୨୦୨୫ ସୁଦ୍ଧା ଏହି ରାଜ୍ୟଗୁଡ଼ିକରେ ମୋଟ ୨.୪୬ ଲକ୍ଷ ମେଟ୍ରିକ୍ ଟନ୍ ହରଡ କ୍ରୟ କରାଯାଇଛି, ଯାହା ଏହି ରାଜ୍ୟଗୁଡ଼ିକର ୧,୭୧,୫୬୯ ଚାଷୀଙ୍କୁ ଲାଭ ଦେଇଛି । ସେ କହିଛନ୍ତି ଯେ ଉତ୍ତର ପ୍ରଦେଶରେ ହରଡ଼ର ମୂଲ୍ୟ ବର୍ତ୍ତମାନ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଅଛି ।

କେନ୍ଦ୍ର କୃଷିମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଭାରତ ସରକାର କେନ୍ଦ୍ରୀୟ ନୋଡାଲ ଏଜେନ୍ସି ମାଧ୍ୟମରେ ଚାଷୀଙ୍କଠାରୁ ୧୦୦% ହରଡ଼ ସଂଗ୍ରହ କରିବାକୁ ପ୍ରତିବଦ୍ଧ । ସେହିପରି, ଆରଏମଏସ ୨୦୨୫ ସମୟରେ ଚଣା, ସୋରିଷ ଏବଂ ମସୁର କ୍ରୟକୁ ଅନୁମୋଦନ କରାଯାଇଛି । ପିଏମ-ଆଶା ଯୋଜନାକୁ ୨୦୨୫-୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହା ଅଧୀନରେ, ଚାଷୀଙ୍କଠାରୁ ଡାଲି ଏବଂ ତୈଳବୀଜ କ୍ରୟ ସର୍ବନିମ୍ନ ସହାୟକ ମୂଲ୍ୟରେ ଜାରି ରହିବ । ଆରଏମଏସ ୨୦୨୫ ପାଇଁ ମୋଟ ଅନୁମୋଦିତ ଚଣା ପରିମାଣ ୨୭.୯୯ ଲକ୍ଷ ମେଟ୍ରିକ୍ ଟନ୍ ଏବଂ ସୋରିଷ ୨୮.୨୮ ଲକ୍ଷ ମେଟ୍ରିକ୍ ଟନ୍ । ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ରହିଛନ୍ତି ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଗୁଜରାଟ ଅନ୍ତର୍ଭୁକ୍ତ । ମସୁର ଡାଲିର ମୋଟ ଅନୁମୋଦିତ ପରିମାଣ ୯.୪୦ ଲକ୍ଷ ମେଟ୍ରିକ୍ ଟନ୍ । ତାମିଲନାଡୁରେ କୋପ୍ରା (ମିଲିଂ ଏବଂ ବଲ) କ୍ରୟକୁ ମଧ୍ୟ ଅନୁମୋଦନ କରାଯାଇଛି । ପଞ୍ଜୀକରଣ ଏବଂ ପ୍ରକ୍ରିୟାକୁ ସରଳ କରିବା ପାଇଁ ସରକାର ନିଶ୍ଚିତ କରିଛନ୍ତି ଯେ ଚାଷୀମାନେ ନାଫେଡ୍ ଏବଂ ଏନସିସିଏଫ ପୋର୍ଟାଲ୍ ବ୍ୟବହାର କରିବେ । ଶ୍ରୀ ଚୌହାନ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ପକ୍ଷରୁ, ମୁଁ ସମସ୍ତ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛି ଯେ ସେମାନେ ନିଶ୍ଚିତ କରନ୍ତୁ ଯେ କୌଣସି କ୍ରୟ ଏମଏସପି ତଳେ ନହୁଏ । ଆମର ଲକ୍ଷ୍ୟ ହେଉଛି ଚାଷୀମାନଙ୍କୁ ଲାଭ ପହଞ୍ଚାଇବା ଏବଂ ଏହି ମହତ ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଆମେ କୌଣସି ସୁଯୋଗ ଛାଡ଼ିବୁ ନାହିଁ ।

## ବିଧାନସଭାରେ ୱକଅଫ ସଂଶୋଧନ ବିଧେୟକ ବିରୋଧରେ ପ୍ରସ୍ତାବ ଆଗତ କଲେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ

ଚେନ୍ନାଇ, ୨୭ ମାର୍ଚ୍ଚ (ହି.ସ.)- ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏକ.କେ. ଷ୍ଟାଲିନ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ୱକଅଫ ସଂଶୋଧନ ବିଧେୟକକୁ ବିରୋଧ କରି ରାଜ୍ୟ ବିଧାନସଭାରେ ଏକ ପ୍ରସ୍ତାବ ଆଗତ କରିଛନ୍ତି । ଏହି ପ୍ରସ୍ତାବରେ ବିଧେୟକକୁ ଫେରାଇ ନେବାକୁ ଦାବି କରାଯାଇଛି । ଯେଉଁଥିରେ ଯୁକ୍ତି ରଖାଯାଇଛି ଯେ, ଏଥିରେ ୱକଅଫ ବୋର୍ଡ଼ର ଶକ୍ତି ହ୍ରାସ ପାଇବ ଏବଂ ମୁସଲିମ୍ ସମୁଦାୟଙ୍କ ଭାବନାକୁ ଆଘାତ ଲାଗିବ ।ବିଧାନସଭା ଅଧିବେଶନ ସମୟରେ ଷ୍ଟାଲିନ ବର୍ତ୍ତମାନର ୱକଅଫ ଅଧିନିୟମରେ ସଂଶୋଧନ କରିବା ନେଇ କେନ୍ଦ୍ର ସରକାରଙ୍କ ପ୍ରୟାସ ବାବଦରେ ଆଲୋଚନା କରିବା ସହ ପ୍ରସ୍ତାବିତ ପରିବର୍ତ୍ତନ ୱକଅଫ ବୋର୍ଡ଼ର କାର୍ଯ୍ୟରେ ବାଧା ଦେବେ ।ଆହୁରି ମଧ୍ୟ ସେ କେନ୍ଦ୍ର ଉପରେ ମୁସଲିମ୍ ସମୁଦାୟର ଚିନ୍ତାକୁ ଅଣଦେଖା କରିବା ଏବଂ ସଂଖ୍ୟାଲଘୁଙ୍କ ଅଧିକାରରେ ହସ୍ତକ୍ଷେପ କରୁଥିବା ନେଇ ଅଭିଯୋଗ ଆଣିଥିଲେ ।

ବିଧାନସଭାରେ ଆଗତ କରାଯାଇଥିବା ଏହି ପ୍ରସ୍ତାବରେ କୁହାଯାଇଛି ଯେ, ଭାରତରେ ଲୋକ ଧାର୍ମିକ ସଦ୍ଭାବର ସହିତ ରୁହନ୍ତି । ସମ୍ବିଧାନ ପ୍ରତ୍ୟେକ ଲୋକଙ୍କୁ ନିଜ ଧର୍ମର ପାଳନ କରିବା ନେଇ ଅଧିକାର ପ୍ରଦାନ କରିଛି । ନିର୍ବାଚିତ ସରକାରଙ୍କୁ ଏହାର ସଂରକ୍ଷଣ କରିବାର ଅଧିକାର ରହିଛି । ବିଧାନସଭା ସର୍ବସମ୍ମତି କ୍ରମେ ଏ କଥା ଉପରେ ଗୁରୁତ୍ୱ ଦେଉଛି ଯେ, କେନ୍ଦ୍ର ସରକାରଙ୍କୁ ୱକଅଫ ଅଧିନିୟମ ୧୯୯୫ ନିମନ୍ତେ ୱକଅଫ ସଂଶୋଧନ ବିଧେୟକ ୨୦୨୪କୁ ଫେରାଇ ନେବା ଆବଶ୍ୟକ । ଯାହା ସଂଖ୍ୟାଲଘୁ ମୁସଲମାନ ମାନଙ୍କୁ ସମ୍ପୂର୍ଣ୍ଣ ପ୍ରଭାବିତ କରିବ । ପ୍ରସ୍ତାବକୁ ବିଦୁଥଲକାଇ ଚିରୁଥୈଗଲ କାଚି) ବିସିକେ ଏବଂ ବାମପନ୍ଥୀ ଦଳ ଗୁଡିକ ସହିତ ଦ୍ରବିଡ଼ ମୁନେତ୍ର କଡ଼ଗମ (ଡିଏମକେ)ର ସହଯୋଗୀମାନେ ସ୍ୱାଗତ କରିଛନ୍ତି ।

## ହିନ୍ଦୁ ଏକତା ଏବଂ ସଶକ୍ତିକରଣ ପାଇଁ ସଂଘ ଚଳାଇବ ବଡ଼ ଅଭିଯାନ

କୋଲକାତା, ୨୮।୩(ମହାଭାରତ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ବୈଭବଶାଳୀ ଭାରତ ନିର୍ମାଣ ଲକ୍ଷ୍ୟକୁ ନେଇ ହିନ୍ଦୁ ସମୁଦାୟଙ୍କ ଏକତା ଏବଂ ସଶକ୍ତିକରଣ ପାଇଁ ଦେଶବ୍ୟାପୀ ଅଭିଯାନ ଚଳାଇବାର ନିଷ୍ପତି ନେଇଛି । ଏହି ସୂଚନା ସଂଘର ଦକ୍ଷିଣ ବଙ୍ଗଳା ସହ ପ୍ରଚାର ପ୍ରମୁଖ ଜିଷ୍ଣୁ ବସୁ ଗୁରୁବାର ଦିନ ସାମ୍ବାଦିକ ସମ୍ମିଳନୀରେ ଦେଇଛନ୍ତି । ଏହି ଅବସରରେ ସଂଘର ଦକ୍ଷିଣ ବଙ୍ଗଳାର ସଂଘଚାଳକ ଜୟନ୍ତ ପାଲ ମଧ୍ୟ ଉପସ୍ଥିତ ଥିଲେ । ଶ୍ରୀ ବସୁ କହିଛନ୍ତି ଯେ ଗତ ୨୨ ଏବଂ ୨୩ ମାର୍ଚ୍ଚକୁ ବେଙ୍ଗାଲୁରୁରେ ହୋଇଥିବା ଅଖିଳ ଭାରତୀୟ ପ୍ରତିନିଧି ସଭାରେ ପ୍ରାୟ ୧୫୦୦ ପ୍ରତିନିଧିମାନେ ଭାଗ ନେଇଛନ୍ତି ।

## କରଞ୍ଜିଆରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଲୋକସଭାରେ ଦାବି କଲେ କେନ୍ଦୁଝର ସାଂସଦ ଅନନ୍ତ ନାୟକ

ନୂଆଦିଲ୍ଲୀ /କରଂଜିଆ, ୨୮।୩(ମହାଭାରତ): କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ନାୟକ ଗୁରୁବାର ଦିନ ସଂସଦରେ ମୟୁରଭଂଜ ଜିଲ୍ଲାର କରଂଜିଆରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଦାବି କରିଛନ୍ତି । ନିୟମ ୩୭୭ ଅନୁଯାୟୀ ଏହି ପ୍ରସଙ୍ଗକୁ ଉଠାଇ ଶ୍ରୀ ନାୟକ ଏହି ଦାବି କରିଛନ୍ତି । ସେ କହିଛନ୍ତି ଯେ ଏହି ଦାବି ଦୀର୍ଘ ଦିନର ଦାବି ଓ ଯାହା ପୂରଣ ହେଲେ ହଜାର ହଜାର ଛାତ୍ର ଛାତ୍ରୀଙ୍କୁ ଲାଭ ହେବ ।

ଶ୍ରୀ ନାୟକ କହିଥିଲେ ଯେ କରଂଜିଆ ଏକ ଜନଜାତି ବହୁଳ ଅଂଚଳ ଓ ଏହାର ଲୋକସଂଖ୍ୟା ଦୁଇ ଲକ୍ଷରୁ ଅଧିକ । ଏହା ସତ୍ତ୍ୱେ ଏହି ଅଂଚଳରେ ଗୋଟିଏ ହେଲେ କେନ୍ଦ୍ରୀୟ ବିଦ୍ୟାଳୟ ନାହିଁ । କେନ୍ଦୁଝର ଠାରେ ଓ ମୟୁରଭଂଜ ଜିଲ୍ଲା ମୁଖ୍ୟାଳୟ ବାରିପଦା ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଅଛି ଯାହା କରଂଜିଆ ଠାରୁ ଢେର ଦୂରରେ । ଏହି କାରଣରୁ ଜନଜାତୀୟ ଓ ଆର୍ଥିକ ଭାବେ ଦୁର୍ବଳ ବର୍ଗର ଛାତ୍ର ଛାତ୍ରୀ ମାନଙ୍କୁ ସିବିଏସଇ ଆଧାରିତ ଗୁଣବତ୍ତାପୂର୍ଣ୍ଣ ଶିକ୍ଷାପ୍ରାପ୍ତ କରିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ।

କରଂଜିଆର ଭୌଗଳିକ ସ୍ଥିତି ଓ ସାମାଜିକ- ଆର୍ଥିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠାର ଆବଶ୍ୟକତା ରହିଛି । ଏହା ଦ୍ୱାରା କେବଳ ଯେ ଜନଜାତୀୟ ଛାତ୍ର ଛାତ୍ରୀ ମାନେ ଶିକ୍ଷା ପ୍ରାପ୍ତ କରିବାରେ ସଫଳ ହେବେ ତା ନୁହେଁ ବରଂ ଜନଜାତୀୟ ସମାଜର ସଶକ୍ତିକରଣ ମଧ୍ୟ ହୋଇ ପାରିବ ବୋଲି ଶ୍ରୀ ନାୟକ କହିଛନ୍ତି ।

ଶ୍ର ନାୟକ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି ଯେ କରଂଜିଆ ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠାକୁ ଶୀଘ୍ର ସ୍ୱୀକୃତି ପ୍ରଦାନ କରାଯାଉ ଯଦ୍ୱାରା ଏହି ଅଂଚଳର ଲୋକ ମାନଙ୍କର ଦୀର୍ଘ ଦିନର ଆକାଂକ୍ଷା ପୂରଣ ହୋଇ ପାରିବ ଓ ବିଦ୍ୟାର୍ଥୀ ମାନଙ୍କୁ ସୁଲଭ ମୂଲ୍ୟରେ ଗୁଣବତାପୂର୍ଣ୍ଣ ଶିକ୍ଷା ମିଳି ପାରିବ ।

## କଠୁଆରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟରେ ପୋଲିସ ଆହତ

ଜମ୍ମୁ, , ୨୮।୩(ମହାଭାରତ): କଠୁଆ ଜିଲ୍ଲାରେ ଆଜି ଆତଙ୍କବାଦୀଙ୍କ ସହିତ ତାଜା ଗୁଳି ବିନିମୟରେ ଜଣେ ପୋଲିସକର୍ମୀ ଆହତ ହୋଇଛନ୍ତି । ଏହି ଅଂଚଳରେ ଗତ ୪ଦିନରୁ ଆତଙ୍କବାଦ ବିରୋଧୀ ଅଭିଯାନ ଜୋରସୋରରେ ଚାଲିଛି । ଆହତ ପୋଲିସ କର୍ମୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଅଧିକାରୀଙ୍କ ମୁତାବକ ଆଜି ସକାଳୋ ଯେତେବେଳେ ସୁରକ୍ଷାବଳ ରାଜବାଗ ଘାଟି ଜୁଥାନା ଅଂଚଳରେ ଜାଖୋଲେ ଗାଁ ନିକଟରେ ଆତଙ୍କବାଦୀଙ୍କୁ ଦେଖିଥିଲେ, ସେତେବଳେ ଗୁଳି ବିନିମୟ ଆରମ୍ଭ ହୋଇଥିଲା । ଏହି ସ୍ଥାନ ହିରାନଗର ସେକ୍ଟରରେ ରବିବାର ହୋଇଥିବା ଗୁଳିବିନିମୟ ସ୍ଥାନରୁ ପ୍ରାୟ ୩୦ କିଲୋମିଟର ଦୂରରେ । ଅଧିକାରୀମାନେ କହିଛନ୍ତି ଯେ, ଅତିରିକ୍ତ ବଳ ପଠାଯାଇଥିଲା ।

## ମୁହଁ ଖୋଲିଲେ ସଲମାନ

ମୁମ୍ବାଇ, ୨୮।୩(ମହାଭାରତ): ସଲମାନ ଖାନଙ୍କ ସିକନ୍ଦର ଫିଲ୍ମ ଆଗମୀ କିଛି ଦିନରେ ରିଲିଜ ହେବାକୁ ଯାଉଛି ।ଏଥିରେ ତାଙ୍କର ଆକ୍ସନ ଅବତାର ଦେଖିବାକୁ ମିଳିବ । ସଲମାନଙ୍କ ପ୍ରତ୍ୟକ ଡାଇଲଗ କହିବାର ଶୈଳୀ ,ଫୁଲ ଅନ ଆକ୍ସନ ଏବଂ ସଲମାନ-ରଶ୍ମିକାଙ୍କ କେମିଷ୍ଟ୍ରୀ ମଧ୍ୟ ଲୋକଙ୍କ ଧ୍ୟାନ ଆକର୍ଷଣ କରିଛି ।ଏହାରି ମଧ୍ୟରେ ସଲମାନ ଫିଲ୍ମ ସିକନ୍ଦରର ପ୍ରମୋଶନ ଅବସରରେ ପ୍ରଥମଥର ଧମକ ପାଇବା ମାମଲାରେ ଗଣମାଧ୍ୟମ ସହ କଥାବାର୍ତ୍ତା କରିଥିଲେ । ସଲମାନ ଖାନ ଫିଲ୍ମ ସିକନ୍ଦରର ପ୍ରମୋଶନ ସମୟରେ ମିଡିଆପର୍ସନ ପଚାରିଥିଲେ,ତୁମେଧମକକୁ ଭୟ କରୁନାହଁ ।ଏହା ଉପରେ ସଲମାନ କହିଛନ୍ତି ଭଗବାନ-ଅଲ୍ଲାହ ସବୁ ତାଙ୍କ ଉପରେ ଅଛନ୍ତି । ଯେତେ ବୟସ ଲେଖା ହୋଇଛି ,ସେତେ ଲେଖା ଅଛି । ବେଳେବେଳେ ଏତେ ଏତେ ଲୋକଙ୍କୁ ସାଙ୍ଗରେ ନେବାକୁ ପଡେ । ବାସ ତାହା ହେଉଛି ସମସ୍ୟା ।ସଲମାନ ମୁମ୍ବାଇର ତାଜ ଲ୍ୟାଣ୍ଡସ ଏଣ୍ଡ ହୋଟେଲରେ ଗଣମାଧ୍ୟମ ସହ ଭେଟିଥିଲେ ।ଏଥର ମଧ୍ୟ ତାଙ୍କ ଚାରିପାଖରେ ଆହୁରି କଡା ସୁରକ୍ଷା ଥିଲା ।ଗତ କଛି ମାସରେ ଗ୍ୟାଙ୍ଗଷ୍ଟାର ଲରେନ୍ସ ବିଶ୍ନୋଇଙ୍କ ଠାରୁ ଆସୁଥିବା ଧମକକୁ ଦୃଷ୍ଟିରେ ରଖି ତାଙ୍କ ସୁରକ୍ଷା ବୃଦ୍ଧି କରାଯାଇଛି ।ଏହି କାରଣରୁ ସିକନ୍ଦର ପ୍ରମୋସନ ମଧ୍ୟ କମ ପଦନ୍ନୋତି ଦିଆଯାଇଛି ।ସିକନ୍ଦର ୩୦ ମାର୍ଚ୍ଚରେ ପ୍ରତ୍ୟେକ ସ୍ଥାନରେ ରିଲିଜ ହୋଇଛି ।ଫିଲ୍ମରେ ରଶ୍ମିକା ମନ୍ଦାନା ,କାଜଲ ଅଗ୍ରୱାଲ,ପ୍ରତୀକ ବବ୍ବର ଏବଂ ଦକ୍ଷିଣ ଅଭିନେତା ସତ୍ୟରାଜ ମଧ୍ୟ ଅଛନ୍ତି ।

## ବିଷାକ୍ତ ଭୋଜନ ଖାଇ ୪ଜଣଙ୍କ ମୃତ୍ୟୁ

ଲକ୍ଷ୍ନୌ, ୨୮।୩(ମହାଭାରତ): ଲକ୍ଷ୍ନୌର ପାରା ଅଂଚଳରେ ଥିବା ପୁନର୍ବାସ କେନ୍ଦ୍ରରେ ରହୁଥିବା ୪ଜଣ ପିଲାଙ୍କର ମଙ୍ଗଳବାର ରାତିରେ ବିଷାକ୍ତ ଭୋଜନ ଖାଇବା କାରଣରୁ ମୃତ୍ୟୁ ହୋଇଥିବା ବେଳେ ୧୬ଜଣ ଗୁରୁତର ହୋଇଛନ୍ତି । ସେମାନଙ୍କୁ ଲୋକବନ୍ଧୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ହସ୍ପିଟାଲରେ ପହଂଚିଥିବା ଜିଲ୍ଲାପାଳ କହିଛନ୍ତି ଯେ, ପନର୍ବାସ କେନ୍ଦ୍ରରେ ସ୍ୱାସ୍ଥ୍ୟ ବିଗିଡିବା କାରଣରୁ ୨୦ ପିଲାଙ୍କୁ ଲୋକବନ୍ଧୁ ହସ୍ପିଟାଲ ପଠାଯାଇଥିଲା । ଏମାନଙ୍କ ମଧ୍ୟରୁ ୨ଜଣ ବାଳକ ଓ ୨ଜଣ ବାଳିକାଙ୍କ ମୃତ୍ୟୁ ହୋଇଛି । ଅନ୍ୟ ପିଲାଙ୍କର ଚିକିତ୍ସା ଜାରି ରହିଛି ।

## ମୁଖ୍ୟମନ୍ତ୍ରୀ ଯୋଗୀ ଆୟୁଷ ଏବଂ ଗୃହ ବିଭାଗର ୨୮୩ ମନୋନୀତ ପ୍ରାର୍ଥୀଙ୍କୁ ପ୍ରଦାନ କଲେ ନିଯୁକ୍ତିପତ୍ର

ଲକ୍ଷ୍ନୌ, ୨୮।୩(ମହାଭାରତ): ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆଜି ଏଠାରେ ଲୋକଭବନରେ ଉତ୍ତରପ୍ରଦେଶ ଲୋକସେବା ଆୟୋଗ ଏବଂ ଉତ୍ତରପ୍ରଦେଶ ଅଧୀନସ୍ଥ ସେବା ଚୟନ ଆୟୋଗରେ ମନୋନୀତ ଆୟୁଷ ଏବଂ ଗୃହ ବିଭାଗର ୨୮୩ ମନୋନୀତ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି ଯେ ସର୍ବପ୍ରଥମେ ,ଆପଣ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।ଏହି ନିଯୁକ୍ତି ପତ୍ର ଶାସନକୁ ସୁଚିତ,ପାରଦର୍ଶିତାର ଏକ ଉଦାହରଣ ।ଗତ ଆଠ ବର୍ଷରେ ସାଢେ ଆଠ ଲକ୍ଷରୁ ଅଧିକ ଯୁବକ ଚାକିରି ପାଇଛନ୍ତି ।ଅଭିଭାବକ ଯେଉଁ ସ୍ୱପ୍ନ ଦେଖିଥିଲେ ,ତାହା ଆଜି ପୁରଣ ହେଉଛି ।ମନେପକାନ୍ତୁ ଆଠ ବର୍ଷ ପୁର୍ବରୁ ୟୁପିର ଏହି ଆୟୋଗର ସ୍ଥିତି କଣ ଥିଲା ।ହାଇକୋର୍ଟରୁ ନେଇ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଆବେଦନ ବିଚାରାଧୀନ ରହିଛି ।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନିଯୁକ୍ତି ପ୍ରକ୍ରିୟା ବିଚାରାଧୀନ ଥିଲା ।ଦେଢ ଲକ୍ଷରୁ ଅଧିକ ପୋଲିସ ଭର୍ତ୍ତୀ କରାଯାଇଛି ।୬୦ ହଜାରରୁ ଅଧିକପୋଲିସ ଭର୍ତ୍ତୀ ବର୍ତ୍ତମାନ ନିକଟରେ ଶେଷ ହୋଇଛି ।ସମାନ ସଂଖ୍ୟକ ଶିକ୍ଷକ ମଧ୍ୟ ନିଯୁକ୍ତି ପାଇଛନ୍ତି ।ଆଜି ୟୁପି ଦେଶର ବିକାଶରେ ବାଧା ସୃଷ୍ଟି କରୁନାହିଁ ବରଂ ଗ୍ରୋଥ ଇଞ୍ଜିନ ଭାବରେ ୟୁପି ଠିଆ ହୋଇଛି ।ଆଜି ସମସ୍ତ କ୍ଷେତ୍ରରେ ଉତ୍ତରପ୍ରଦେଶ ଅଗ୍ରଗତି କରୁଛି ।କୁମ୍ଭକୁ ମଗ୍ର ଦେଶରୁ ଆସୁଥିବା ଭକ୍ତମାନେ ସେଥାରେ ଥିବା ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି ।

## ଭାରତର ପରବର୍ତ୍ତୀ ପିଢ଼ିର ଭିଏଫଏକ୍ସ କଳାକାରମାନଙ୍କୁ ପ୍ରସ୍ତୁତ କରିବା ପାଇଁ ଡବଲୁଏଏଫଏକ୍ସସେମିନାର ସିରିଜ୍ ଆରମ୍ଭ ହୋଇଛି

ନୂଆଦିଲ୍ଲୀ, ୨୮।୩(ଏଜେନ୍ସି): କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ, ଆପଟେକ୍ ଲିମିଟେଡ୍ ଏବଂ ଏବିଏଆଇ ସହଯୋଗରେ ଡବଲୁଏଏଫଏକ୍ସ ଡବଲୁଏଏଫଏକ୍ସସେମିନାର ସିରିଜ ଆରମ୍ଭ କରିଛି, ଯାହାକି ସମ୍ମାନଜନକ ୱେଭ୍ସ ଭିଏଫଏକ୍ସ ପ୍ରତିଯୋଗତା ଲାଗି ଅଂଶଗ୍ରହଣକାରୀମାନଙ୍କୁ ପ୍ରସ୍ତୁତ ଓ ପ୍ରେତ୍ସାହିତ କରିବା ଦିଗରେ ଏକ ପଦକ୍ଷେପ । ଏହି ସିରିଜଟି କ୍ରିଏଟ୍ ଇନ୍ ଇଣ୍ଡିଆ ସିଜନ୍ ୧ ଅନ୍ତର୍ଗତ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ଦେଶର ସୃଜନଶୀଳ ଅର୍ଥନୀତିକୁ ପ୍ରୋତ୍ସାହିତ କରିବ । ଏହା ମଧ୍ୟ ପରବର୍ତ୍ତୀ ପିଢ଼ିର ଭିଏଫଏକ୍ସ ପ୍ରତିଭାକୁ ବିକଶିତ କରିବା ପାଇଁ ସରକାରଙ୍କ ଏକ ପ୍ରୟାସ ।

ଡବଲୁଏଏଫଏକ୍ସସେମିନାର ସିରିଜ୍ ଆଶାୟୀ ଭିଏଫଏକ୍ସ କଳାକାରମାନଙ୍କୁ ଶିକ୍ଷିତ ଏବଂ ପରାମର୍ଶ ଦେବା ପାଇଁ ଶୀର୍ଷ ଶିଳ୍ପ ପେସାଦାରମାନଙ୍କୁ ଆଣିବ । ଏହି ସେମିନାରଗୁଡ଼ିକର ଉଦ୍ଦେଶ୍ୟ ହେଉଛି ଶିଳ୍ପ ଧାରା, ଉନ୍ନତ ଭିଏଫଏକ୍ସ କୌଶଳ ଏବଂ କ୍ୟାରିୟର ଅଭିବୃଦ୍ଧି ସୁଯୋଗ ବିଷୟରେ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିବା, ଅଂଶଗ୍ରହଣକାରୀମାନଙ୍କୁ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି କରିବାରେ ସାହାଯ୍ୟ କରିବା ଏବଂ ଭିଏଫଏକ୍ସ ଶିଳ୍ପର ପରିବର୍ତ୍ତିତ ପରିଦୃଶ୍ୟକୁ ବୁଝିବା ।

ଆପଟ୍ଟେକ୍ ମୁମ୍ବାଇରେ ଆୟୋଜିତ ପ୍ରଥମ ସେମିନାରରେ ପୋଚେର, ଲିଓ ଏବଂ ଭେଡିଆ ଉପରେ କାମ ପାଇଁ ଜଣାଶୁଣା ପ୍ରସିଦ୍ଧ ଭିଏଫଏକ୍ସ ସୁପରଭାଇଜର ଯତୀନ ଠକ୍କର ଅଂଶଗ୍ରହଣ କରିଥିଲେ । ଅନ୍ୟ ଏକ ଅଧିବେଶନରେ, ଏମଏଏସି ସ୍କାନ୍ଲାଇନ୍ ଭିଏଫଏକ୍ସରେ ଭିଏଫଏକ୍ସ ସୁପରଭାଇଜର ଜୟ ମେହେଟାଙ୍କ ଦ୍ୱାରା ଏକ ୱେବିନାର ଆୟୋଜନ କରିଥିଲା, ଯାହା ସମଗ୍ର ଭାରତରେ ସିଧା ପ୍ରସାରଣ କରାଯାଇଥିଲା । ଭିଏଫଏକ୍ସ ଦୁନିଆ ସଂପର୍କରେ ସେ କେତେକ ବିଶେଷ ଜ୍ଞାନ ପ୍ରଦାନ କରିଥିଲେ ।

୨୦୨୫ ଏପ୍ରିଲ ମଧ୍ୟଭାଗରେ ୪ଟି ପ୍ରମୁଖ ସହର ଚଣ୍ଡିଗଡ଼, ମୁମ୍ବାଇ, ବେଙ୍ଗାଲୁରୁ ଓ କୋଲକାତାରେ ଡବଲୁଏଏଫଏକ୍ସଜୋନାଲ ଫାଇନାଲ ଅନୁଷ୍ଠିତ ହେବ । ଏହି ରାଉଣ୍ଡର ଶ୍ରେଷ୍ଠ ପ୍ରତିଭାମାନେ ମେ ପହିଲାରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇର ଜିଓ ୱାର୍ଲ୍ଡ ସେଣ୍ଟରରେ ହେବାକୁ ଥିବା ଗ୍ରାଣ୍ଡ ଫିନାଲେରେ ପ୍ରବେଶ କରିବେ । ଡବଲୁଏଏଫଏକ୍ସଜୋନାଲ ଫାଇନାଲ୍ସ ଏକ ପ୍ଲାଟଫର୍ମ ହେବ ଯେଉଁଠାରେ ସର୍ବଭାରତୀୟ ଅନଲାଇନ୍ ଭିଏଫଏକ୍ସ ପ୍ରତିଯୋଗିତାର ପ୍ରତିଯୋଗୀମାନେ ସମ୍ମାନିତ ଜୁରିଙ୍କ ସମ୍ମୁଖରେ ଲାଇଭ୍ ପ୍ରତିଦ୍ୱନ୍ଦ୍ୱିତା କରିବେ । ବିଜେତାମାନେ ଅଗ୍ରଣୀ ଭିଏଫଏକ୍ସ ସଂସ୍ଥା ସହିତ ଶିଳ୍ପ ମାନ୍ୟତା, ପୁରସ୍କାର ଏବଂ ଷ୍ଟୁଡିଓ ଇର୍ଣ୍ଟର୍ନସିପ୍ ପାଇବେ, ଯାହା ସେମାନଙ୍କ କ୍ୟାରିୟର ସମ୍ଭାବନାକୁ ଆଗକୁ ନେଇଯିବ ।

## ଇସ୍ରାଏଲ ଆକ୍ରମଣରେ ହମାସ ପ୍ରବକ୍ତା ଅବ୍‌ଦେଲ-ଲତିଫ ଅଲ୍-କନୌଆ ମୃତ

ଗାଜା ପଟ୍ଟୀ, ୨୮।୩: ଇସ୍ରାଏଲର ଏୟାର ଆକ୍ରମଣରେ ଆତଙ୍କବାଦୀ ସମୁହ ହମାସର ପ୍ରବକ୍ତା ଅବ୍‌ଦେଲ୍-ଲତିଫ ଅଲ୍-କନୌଆର ମୃତ୍ୟୁ ହୋଇଛି । ଇଜ୍ରାଇଲ ସୁରକ୍ଷା ବଳ(ଆଇଡିଏଫ୍) ଅନ୍ତରୀ ଗାଜାର ଜବାଲିୟାରେ ଏକ ତମ୍ବୁରେ ରହିଥିବା କନୌଆକୁ ଲକ୍ଷ୍ୟ କରି ବମ୍ ବର୍ଷା କରିଥିଲେ । ଏହି ଆକ୍ରମଣରେ ଆଖପାଖର ଲୋକ ମଧ୍ୟ ଏହାର ବଳୟ ମଧ୍ୟକୁ ଆସିଯାଇଥିଲେ । ହମାସର ସମାଚାର ଚ୍ୟାନେଲ୍ ଅଲ୍-ଅକ୍ସା ଟେଲିଭିନ ଆଜି ସମୁହର ପ୍ରବକ୍ତା ଅବ୍‌ଦେଲ-ଲତିଫ ଅଲ୍-କନୌଆର ଇଜ୍ରାଇଲ ଆକ୍ରମଣରେ ମୃତ ବୋଲି ସ୍ପଷ୍ଟ କରିଛି । ଆରବ ନ୍ୟୁଜ୍ ଏବଂ ଅନ୍ୟ ଆରବୀ ସମାଚାର ମାଧ୍ୟମରେ ମଧ୍ୟ ହମାସର ସମାଚାର ଚ୍ୟାନେଲ୍ ଅଲ୍-ଏକ୍ସା ଟେଲିଭିଜନରେ ଅବ୍‌ଦେଲ-ଲତିଫ ଅଲ୍-କନୌଆ ମୃତର ଖବର ପ୍ରସାରିତ କରାଯାଇଛି । ଇଜ୍ରାଇଲ୍ ଏକାସହିତ କେତେକ ଜାଗାରେ ବମ୍‌ବର୍ଷ କରିଛି । ଏହି ଆକ୍ରମଣରେ କନୌଆ ବ୍ୟତୀତ ଗାଜା ସହରରେ ଅତି କମ୍‌ରେ ଛଅ ଅନ୍ୟ ଦକ୍ଷିଣୀ ଗାଜାର ଖାନ୍ ୟୁନିସ୍‌ରେ ଏକ ବ୍ୟକ୍ତିର ମୃତ୍ୟୁ ହୋଇଛି । ଏହା ପୂର୍ବରୁ ସପ୍ତାହର ଆରମ୍ଭରେ ଇଜ୍ରାଇଲ୍ ଆକ୍ରମଣରେ ହମାସର ରାଜନୀତିକ କାର୍ଯ୍ୟାଳୟର ସଦସ୍ୟ ଇସ୍ମାଇଲ୍ ବରହୌମ ଏବଂ ଏକ ଅନ୍ୟ ବରିଷ୍ଠ ନେତା ପରାମର୍ଶ ଅଲ୍-ବର୍ଦାବୀଲ୍‌ର ଜୀବନ ଯାଇସାରିଛି । ବର୍ଦାବୀଲ ଏବଂ ବରହୌମ ହମାସର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ସଂସ୍ଥାର ୨୦ ସଦସ୍ୟୀୟ ଟିମ୍‌ର ଭାଗ ଥିଲେ ।

## ଏଚଆଇଭି ନେଇ ସତର୍କତା :୨୦୩୦ ସୁଦ୍ଧା ମରିବେ ୩୦ ଲକ୍ଷ

**ନୂଆଦିଲ୍ଲୀ, ୨୮।୩:** ଏଚଆଇଭିକୁ ନେଇ ବୈଜ୍ଞାନିକଙ୍କ ସତର୍କବାଣୀ । ଏଚଆଇଭି ନିବାରଣ ଏବଂ ଚିକିତ୍ସା କାର୍ଯ୍ୟକ୍ରମରେ ଆନ୍ତର୍ଜାତୀୟ ପାଣ୍ଠିରେ ହ୍ରାସ ଏକ ଗମ୍ଭୀର ସଙ୍କଟ ସୃଷ୍ଟି କରିବ । ୨୦୩୦ ସୁଦ୍ଧା ଏଚଆଇଭିରେ ୧ କୋଟିରୁ ଅଧିକ ସଂକ୍ରମଣ, ପାଖାପାଖି ୩୦ ଲକ୍ଷ ମୃତ୍ୟୁହୋଇପାରେ । ଏନେଇ ରିପୋର୍ଟ ଜାରି କରିଛି ଲାନସେଟ୍ । ଗୁରୁବାର ଲାନସେଟ୍ ଏଚଆଇଭି ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନରେ ଏହି ତଥ୍ୟ ପ୍ରକାଶ ପାଇଛି । HIV ନିବାରଣ ଏବଂ ଚିକିତ୍ସା କାର୍ଯ୍ୟକ୍ରମ ପାଇଁ ଆନ୍ତର୍ଜାତୀୟ ପାଣ୍ଠିରେ ହ୍ରାସ ୨୦୩୦ ସୁଦ୍ଧା ୧ କୋଟିରୁ ଅଧିକ ସଂକ୍ରମଣ ଏବଂ ପ୍ରାୟ ୩୦ ଲକ୍ଷ ମୃତ୍ୟୁର କାରଣ ହୋଇପାରେ । ଅଷ୍ଟ୍ରେଲିଆର ମେଲବୋର୍ଣ୍ଣର ବର୍ନେଟ୍ ଇନଷ୍ଟିଚ୍ୟୁଟର ଏକ ଦଳ ଦ୍ୱାରା




କରାଯାଇଥିବା ଏହି ଅଧ୍ୟୟନରେ ୨୦୨୬ ସୁଦ୍ଧା ବିଶ୍ୱବ୍ୟାପୀ ଏଚଆଇଭି ପାଣ୍ଠିରେ ପ୍ରାୟ ୨୪ ପ୍ରତିଶତ ହ୍ରାସର ପ୍ରଭାବକୁ ମଡେଲ କରାଯାଇଥିଲା । ଆମେରିକା, ୟୁକେ, ଫ୍ରାନ୍ସ, ଜର୍ମାନୀ ଏବଂ ନେଦରଲ୍ୟାଣ୍ଡ ସମେତ ପ୍ରମୁଖ ଦାତାମାନେ ୮ରୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ସହାୟତା ଘୋଷଣା କରିବା ପରେ ଏହି ତଥ୍ୟ ସାମନାକୁ ଆସିଛି । ଏହି ୫ଟି ଦେଶ ମିଳିତ ଭାବରେ ବିଶ୍ୱର ୯୦ ପ୍ରତିଶତରୁ ଅଧିକ ଏଚଆଇଭି ସହାୟତା ପାଇଁ ପାଣ୍ଠି ଯୋଗାଇଥାନ୍ତି । ଗବେଷକମାନେ କହିଛନ୍ତି ଯେ, ଯଦି ଆମେରିକା ଏବଂ ବ୍ରିଟେନ ସମେତ ୫ଟି ପ୍ରମୁଖ ଦାତା ଦେଶ ଦ୍ୱାରା ପ୍ରସ୍ତାବିତ ପାଣ୍ଠି ହ୍ରାସକୁ ସହଜ ନ କରାଯାଏ, ତେବେ ଆକଳନ ଅନୁଯାୟୀ ୨୦୨୫ରୁ ୨୦୩୦ ମଧ୍ୟରେ ଶିଶୁ ଏବଂ ବୟସ୍କଙ୍କ ମଧ୍ୟରେ ଅତିରିକ୍ତ ୪.୪ ରୁ ୧୦.୮ କୋଟି ନୂତନ ଏଚଆଇଭି ସଂକ୍ରମଣ ଏବଂ ପାଖାପାଖି ୩୦ ଲକ୍ଷ ମୃତ୍ୟୁ ହୋଇପାରେ । ଆମେରିକାର ନୂତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ପରେ ଜାନୁଆରୀ ୨୦ ତାରିଖରେ ଏଚଆଇଭି ପାଣ୍ଠିରେ ବିଶ୍ୱର ସବୁଠାରୁ ବଡ଼ ଯୋଗଦାନକାରୀ ଯୁକ୍ତରାଷ୍ଟ୍ର ସମସ୍ତ ସହାୟତା ବନ୍ଦ କରିଦେଇଥିଲା । ଉପ-ସାହାରା ଆଫ୍ରିକା ଏବଂ ଉପାନ୍ତ ଗୋଷ୍ଠୀଗୁଡ଼ିକ ପୂର୍ବରୁ ଏଚଆଇଭି ସଂକ୍ରମଣର ବିପଦରେ ଅଛନ୍ତି, ଯେପରିକି ନିଶା ଇଞ୍ଜେକ୍ସନ ନେଉଥିବା ଲୋକ, ଯୌନ କର୍ମୀ ଏବଂ ପୁରୁଷମାନଙ୍କ ସହିତ ଯୌନ ସମ୍ପର୍କ ରଖୁଥିବା ପୁରୁଷ ଏବଂ ପିଲାମାନେ ସବୁଠାରୁ ଅଧିକ ପ୍ରଭାବିତ ହେବେ । ଡକ୍ଟର ରୋୱାନ୍ ମାର୍ଟିନ୍-ହ୍ୟୁଜ୍ସ ଦର୍ଶାଇଛନ୍ତି ଯେ, ପରୀକ୍ଷା ଏବଂ ଚିକିତ୍ସା କାର୍ଯ୍ୟକ୍ରମକୁ ସୀମିତ କରିବା ସହିତ, ଉପ-ସାହାରା ଆଫ୍ରିକାରେ କଣ୍ଡୋମ୍ ବଣ୍ଟନ ଏବଂ ପ୍ରି-ଏକ୍ସପୋଜର ପ୍ରୋଫାଇଲାକ୍ସିସ୍ (ଏକ ପ୍ରକାର ଔଷଧ ଯାହା HIV ସଂକ୍ରମଣର ବିପଦକୁ ହ୍ରାସ କରେ) ପ୍ରଦାନ କରିବା ଭଳି ବ୍ୟାପକ ପ୍ରତିରୋଧ ପ୍ରୟାସରେ ହ୍ରାସ ଘଟିବ । ଡକ୍ଟର ବ୍ରିଙ୍କ କହିଛନ୍ତି ଯେ, ସ୍ଥାୟୀ ଆର୍ଥିକ ସହାୟତା ସୁନିଶ୍ଚିତ କରିବା ଏବଂ ଏଚଆଇଭି ମହାମାରୀ ପୁନରଉ□ାନକୁ ଏଡ଼ାଇବା ଅତ୍ୟନ୍ତ ଜରୁରୀ, ନଚେତ ଏହାର ବିନାଶକାରୀ ପରିଣାମ ସାରା ବିଶ୍ୱରେ ଦେଖାଯାଇପାରେ ।

## ଶ୍ରୀଲଙ୍କାର ଜେଲରେ କଏଦୀ ଭାରତୀୟ ମତ୍ସ୍ୟଜୀବୀଙ୍କ ସମସ୍ୟା ଆମ ସରକାରକୁ ଉତରାଧିକାରରେ ମିଳିଛି- ବୈଦେଶିକ ମନ୍ତ୍ରୀ

ନୂଆଦିଲ୍ଲୀ, ୨୮।୩(ମହାଭାରତ): ବୈଦେଶିକ ମନ୍ତ୍ରୀ ଡ.ଏସ ଜୟଶଙ୍କର ଆଜି ରାଜ୍ୟସଭାରେ କହିଛନ୍ତି ଯେ, ଶ୍ରୀଲଙ୍କା ଜେଲରେ କଏଦ ଭାରତୀୟ ମତ୍ସ୍ୟଜୀବୀଙ୍କ ଯାହା ସ୍ଥିତି ଅଛି, ତାହା ୧୯୭୪ ଓ ୧୯୭୬ର ଘଟଣା କାରଣରୁ ଏବେର ଭାରତ ସରକାରଙ୍କୁ ଉତରାଧିକାରରେ ମିଳିଛି ।

ଡ.ଜୟଶଙ୍କର ରାଜ୍ୟସଭାରେ ପ୍ରଶ୍ନକାଳ ସମୟରେ ଶ୍ରୀଲଙ୍କାର ଜେଲରେ କଏଦ ଭାରତୀୟ ମତ୍ସ୍ୟଜୀବୀଙ୍କ ସଂପର୍କରେ ପଚରା ଯାଇଥିବା ପ୍ରଶ୍ନର ଜବାବ ଦେଇଛନ୍ତି । ଶ୍ରୀଲଙ୍କାର ଆଇନ ସଂପର୍କରେ ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ, ସେଠାରେ ଏହି ମାମଲାରେ ଦୁଇଟି ଆଇନ ରହିଛି, ମତ୍ସ୍ୟ ପାଳନ ଓ ଜଳୀୟ ସମ୍ବଳ ଅଧିନିୟକ ୧୯୯୬ ଓ ବିଦେଶୀ ମାଛ ଧରୁଥିବା ଡଙ୍ଗା ଓ ମତ୍ସ୍ୟ ପାଳନ ବିନିୟମ ୧୯୭୯, ଯାହାକୁ ୨୦୧୮ ଓ ୨୦୨୩ରେ ସଂଶୋଧିତ କରି ଅଧିକ କଠୋର ସଜା, ଜରିମାନା ଓ ଜେଲର ପ୍ରାବଧାନ କରାଯାଇଥିଲା । ସଜା କାଟୁଥିବା ଅନେକ ଲୋକ ନୌକାର ମାଲିକ, କ୍ୟାପଟେନ କିମ୍ବା ବାରମ୍ବାର ଅପରାଧ କରୁଥିବା ଲୋକେ, ଯେଉଁ କାରଣରୁ ଏହି ସମସ୍ୟା ଜଟିଳ ହେଉଛି ।

ଡିଏମକେ ସଦସ୍ୟ ତିରୁଚି ଶିବାଙ୍କ ପ୍ରଶ୍ନରେ ଡ.ଜୟଶଙ୍କର କହିଛନ୍ତି ଯେ, ଗୃହକୁ ଜଣା ଅଛି ଯେ, ଆମ ସରକାରକୁ ଏହି ସମସ୍ୟା ଉତରାଧିକାରରେ ମିଳିଛି । ଏହି ସମସ୍ୟା ୧୯୭୬ରେ ଆରମ୍ଭ ହୋଇଛି, ଯେତେବେଳେ ଅନ୍ତର୍ଜାତୀୟ ସାମୁଦ୍ରିକ ସୀମା ରେଖା ନିର୍ଦ୍ଧାରିତ ହୋଇଥିଲା । ଏହାପରେ ୧୯୭୬ରେ ମାଛ ଧରିବା ଅଧିକାର ଅଂଚଳକୁ ପରିଭାଷିତ କରୁଥିବା ପତ୍ରର ଆଦାନ ପ୍ରଦାନ ହୋଇଥିଲା । ଏହି ନିଷ୍ପତି ଏହି ସ୍ଥିତିର ମୂଳ କାରଣ ଅଟେ ।

# ଭାରତୀୟ ଆଲପାଇନ୍ ସ୍କିଅର୍ ଆରିଫ୍ ଖାନ ଶୀତକାଳୀନ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ

ନୂଆଦିଲ୍ଲୀ, ୨୮।୩: ଭାରତୀୟ ଅପଲାଇନ୍ ସ୍କିଅର୍ ଆରିଫ୍ ଖାନ ୨୦୨୬ ଶୀତକାଳୀନ ଅଲିମ୍ପିକ୍ସର ମିଲାନୋ କୋର୍ଟିନା ସ୍ଲାଲମ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଜମ୍ମୁ ଏବଂ କାଶ୍ମୀରର ଏହି ପ୍ରତିଭାଶାଳୀ ଖେଳାଳିଙ୍କ ପାଇଁ ଏହା ଦ୍ୱିତୀୟ ଅଲିମ୍ପିକ୍ ଟିକେଟ। ପୂର୍ବରୁ, ସେ ଭାରତର ଏକମାତ୍ର ପ୍ରତିନିଧି ଭାବରେ ବେଜିଂ ୨୦୨୨ ରେ ଯୋଗ ଦେଇଥିଲେ। ସେ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଉପରୋକ୍ତ ସୂଚନା ଦେଇଥିଲେ।

୩୫ ବର୍ଷୀୟ ଆରିଫ୍ ଫେଡେରେସନ ଇଂଟରନ୍ୟାସନାଲ୍ ଡି ସ୍କି ପଏଂଟ ଆଧାରରେ ସ୍ୱୟଂଚାଳିତ ଭାବରେ ଯୋଗ୍ୟତା ଅର୍ଜନ କରିଛନ୍ତି। ଏବେ ସେ ଆଗାମୀ ପ୍ରତିଯୋଗିତାଗୁଡ଼ିକରେ ଜାଏସ୍ଲାଲମ୍ ଇଭେଂଟ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ମଧ୍ୟ ଚେଷ୍ଟା କରିବେ। ୨୦୨୬ ମିଲାନୋ କୋର୍ଟିନା ଅଲିମ୍ପିକ୍ସର ପୁରୁଷ ସ୍କି ଇଭେଂଟ ଗୁଡ଼ିକ ଇଟାଲୀର ବୋର୍ମିଓର ଷ୍ଟେଲଭିଓ ସ୍କି ସେଂଟରରେ ଅନୁଷ୍ଠିତ ହେବ।

# ଚେନ୍ନାଇକୁ ହରାଇଲା ବେଙ୍ଗାଲୁରୁ




ଚେନ୍ନାଇ: ରଜତ ପାଟିଦାରଙ୍କ କ୍ୟାପ୍ଟେନ ଇନିଂସ ଓ ବୋଲରଙ୍କ ଘାତକ ବୋଲିଂ ବଳରେ ଆରସିବି ଏକ ବଡ଼ ବିଜୟ ହାସଲ କରିଛି। ଚେନ୍ନାଇ ସୁପର କିଙ୍ଗ୍ସକୁ ୫୦ ରନ୍ ପରାସ୍ତ କରି ଆରସିବି ଲଗାତାର ଦୁଇଟି ମ୍ୟାଚ୍ ଜିତିଛି ।ଚେନ୍ନାଇ ପାଇଁ ରଚିନ ରବିନ୍ଦ୍ର ସର୍ବାଧିକ ୪୧ ରନ୍ କରିଥିବା ବେଳେ ଅନ୍ୟ କୌଣସି ଖେଳାଳି ବଡ଼ ସ୍କୋର କରିପାରି ନଥିଲେ।

୧୯୭ ରନ୍ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଚେନ୍ନାଇକୁ ଆରମ୍ଭରୁ ହିଁ ବଡ଼ ଝଟକା ଲାଗିଥିଲା। ଦ୍ୱିତୀୟ ଓଭରରେ ହିଁ ଟିମ୍ ଦୁଇଟି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ହରାଇଥିଲା ରାହୁଲ ତ୍ରିପାଠୀ (୫) ଓ କ୍ୟାପ୍ଟେନ ଋତୁରାଜ ଗାଏକାଡ୍ (୦) ରନ୍ କରି ଜୋଶ ହେଜଲଉଡଙ୍କ ଶିକାର ହୋଇଥିଲେ। ଏହାପରେ ଦୀପକ ହୁଡ୍ଡାଙ୍କୁ ୪ ରନରେ ଆଉଟ୍ କରାଇଥିଲେ। ଭୁବନେଶ୍ୱର କୁମାର ରଚିନ୍ ରବିନ୍ଦ୍ର ୪୧, ସାମ୍ କୁରାନ ୮, ଶିଭମ ଦୁବେ ୧୯, ଅଶ୍ୱିନ ୧୧ ରନ୍ କରି ଆଉଟ୍ ହୋଇଥିଲେ। ଧୋନୀ ୧୬ ବଲରେ ୩୦ ରନ୍ କରି ଅପରାଜିତ ରହିଥିଲେ ବେଙ୍ଗାଲୁରୁ ପାଇଁ ଜୋଶ ହେଜଲଉଡ୍, ଲିଆମ୍ ଲିଭିଙ୍ଗଷ୍ଟନ୍, ଯଶ ଦୟାଲ ଦୁଇଟି ଲେଖାଏ ୱିକେଟ୍ ନେଇଥିଲେ । ଚେନ୍ନାଇ ୨୦ ଓଭରରେ ୮ ୱିକେଟ୍ ହରାଇ ୧୪୮ ରନ୍ କରିବାରେ ସକ୍ଷମ ହେଲା ।

ଅଧିନାୟକ ରଜତ ପାଟିଦାରଙ୍କ ଅର୍ଦ୍ଧଶତକ ଓ ଶେଷ ଓଭରରେ ଟିମ୍ ଡେଭିଡଙ୍କ ଚମତ୍କାର ବୋଲିଂ ବଳରେ ଆରସିବି ସ୍କୋର ବୋର୍ଡରେ ୧୯୬ ରନ୍ ଲଗାଇଥିଲା ଆରସିବି ପାଇଁ ଭଲ ଆରମ୍ଭ ଦେଇଥିଲେ ଦୁଇ ଓପନର ଫିଲିପ୍ସ ସଲ୍ଟ ଓ ବିରାଟ କୋହଲି ଦୁହିଁଙ୍କ ମଧ୍ୟରେ ୪୧ ରନ୍ ଭାଗୀଦାରି ହୋଇଥିଲା ୪୫ ରନ୍‌ରେ ଫିଲିପ୍ସ ସଲ୍ଟ ବ୍ୟକ୍ତିଗତ ୩୨ ରନ୍‌ରେ ଆଉଟ୍ ହୋଇଥିଲେ। ତାଙ୍କ ପରେ ଦେବଦତ୍ତ ପାଡିକଲ୍ ୨୭, ବିରାଟ କୋହଲି ୩୧, ଲିଆମ୍ ଲିଭିଙ୍ଗଷ୍ଟନ୍ ୧୦, ଜିତେଶ ଶର୍ମା ୧୨ କରି ଆଉଟ୍ ହୋଇଥିଲେ। ଆରସିବି ପାଇଁ କ୍ୟାପ୍ଟେନ ରଜତ ପାଟିଦାର ସର୍ବାଧିକ ୫୧ ରନ୍ କରିଥିଲେ। ଶେଷ ଓଭରରେ ଟିମ୍ ଡେଭିଡ୍ ୩ଟି ଛକା ମାରି ବ୍ୟକ୍ତିଗତ ୨୨ ରନ୍ କରି ଅପରାଜିତ ରହିଥିଲେ । ଚେନ୍ନାଇ ପାଇଁ ନୁର ଅହମ୍ମଦ ସବୁଠୁ ସଫଳ ବୋଲର ହୋଇଥିଲେ । ସେ ଚାରି ଓଭରରେ ୩୬ ରନ୍ ଦେଇ ୩ୱିକେଟ୍ ନେବାରେ ସଫଳ ହୋଇଥିଲେ । ସେହିପରି ପଥିରାନା ୨, ଅଶ୍ୱିନ ୧ ଓ ଖଲିଲ୍ ଅହମ୍ମଦ ୧ ୱିକେଟ୍ ନେଇଥିଲେ ।

# ଫ୍ୟାମିଲି ସହ ଫ୍ରାନ୍ସରେ ଛୁଟି କାଟୁଛନ୍ତି ଭାରତୀୟ କୋଚ୍ ଗୌତମ ଗମ୍ଭୀର

ନୂଆଦିଲ୍ଲୀ ୨୮।୩: ଟିମ୍ ଇଣ୍ଡିଆକୁ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ଚାମ୍ପିଅନ୍ କରାଇବା ପରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଫ୍ରାନ୍ସରେ ଛୁଟି କାଟୁଛନ୍ତି ତାହା ପୁଣି ପରିବାର ସଦସ୍ୟଙ୍କ ସହିତ ତାଙ୍କ ସହ ପତ୍ନୀ ନତାଶା ଏବଂ ଦୁଇ ଝିଅ ଆଜିନ୍ ଓ ଅନାଇଜା ମଧ୍ୟ ଅଛନ୍ତି । ସେ ସୋସିଆଲ୍ ମିଡିଆ ଏକ୍ସରେ ଫଟୋ ସେୟାର କରି ସୂଚନା ଦେଇଛନ୍ତି ।



ଆଇପିଏଲ୍ ଜାରି ରହିଥିବାରୁ ଭାରତୀୟ ଦଳର ଏବେ କୌଣସି କ୍ରୀଡ଼ାସୂଚୀ ନାହିଁ । ତେଣୁ ଗମ୍ଭୀର ସପରିବାର ସହ ଗତ ସପ୍ତାହ ଷ୍ଟେର୍ଣ୍ଣ ୟୁରୋପ୍ ଯାତ୍ରା କରିଥିଲେ ପୂର୍ବତନ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ଼ଙ୍କ ନେତୃତ୍ୱରେ ଭାରତ ଗତ ବର୍ଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଚାମ୍ପିଅନ୍ ହୋଇଥିଲା । ବିଶବକପ୍ ସହ ଦ୍ରାବିଡ଼ଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା ଏବଂ ବିସିସିଆଇ ଗମ୍ଭୀରଙ୍କୁ ମୁଖ୍ୟ କୋଚ୍ ନିଯୁକ୍ତ କରିଥିଲା ଗମ୍ଭୀର କୋଚ୍ ଦାୟିତ୍ୱ ଗ୍ରହଣ କରିବା ପରେ ଭାରତ ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଟେଷ୍ଟ ସିରିଜ ଏବଂ ଅଷ୍ଟ୍ରେଲିଆ ଗସ୍ତରେ ବର୍ଡ଼ର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜରେ ପରାଜିତ ହୋଇଥିଲା । ଯାହାକୁ ନେଇ ଗମ୍ଭୀରଙ୍କୁ କଡ଼ା ସମାଲୋଚିତ ହେବାକୁ ପଡ଼ିଥିଲା। ମାତ୍ର ଚାମ୍ପିଅନ୍ସ ଟ୍ରଫିରେ ଭାରତ ଅପରାଜେୟ ରହିବା ସହ ତୃତୀୟ ଥର ଚାମ୍ପିଅନ୍ ହୋଇଥିଲା ଫାଇନାଲ୍‌ରେ ଭାରତ ୪ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା ସୂଚନାଯୋଗ୍ୟ, ଭାରତ ଆଗାମୀ ଜୁନ ମାସରେ ଇଂଲଣ୍ଡ ଗସ୍ତ କରି ୫ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ । ଏହାପରେ ଦଳ ବାଂଲାଦେଶ ଗସ୍ତ କରିବାକୁ ଥିବାବେଳେ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ଖେଳିବ।

# ଚେନ୍ନାଇ, ମଦୁରାଇରେ ଖେଳାଯିବ ଜୁନିୟର ପୁରୁଷ ହକି ବିଶ୍ୱକପ୍

ଚେନ୍ନାଇ, ୨୮।୩: ଚେନ୍ନାଇ ଓ ମଦୁରାଇରେ ଏଫଆଇଏଚ୍ ଜୁନିୟର




ପୁରୁଷ ହକି ବିଶ୍ୱକପ୍ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଖେଳାଯିବ ହକି ଇଣ୍ଡିଆ। ସଭାପତି ଦିଲିପ ତିର୍କୀ ଶୁକ୍ରବାର ଏହି ଘୋଷଣା କରିଛନ୍ତି।

ଟାଇଟଲ ଲଢେଇରେ ପ୍ରଥମ ଥର ୨୪ଟି ଦଳ ଭାଗ ନେଉଛନ୍ତି ଭାରତରେ ତୃତୀୟ ଥର ପାଇଁ ଏହି ଟୁର୍ନାମେଣ୍ଟ ଅୟୋଜନ ହେବାକୁଯାଉଛି ପୂର୍ବରୁ ୨୦୧୬ ଓ ୨୦୨୧ରେ ଭୁବନେଶ୍ର ଓ ଲକ୍ଷ୍ନୌରେ ଆୟୋଜିତ ହୋଇଥିଲା ଭୁବନେଶ୍ୱରରେ ଭାରତ ଚାମ୍ପିୟନ ହୋଇଥିଲା। ୨୦୨୧ରେ ଆର୍ଜେଣ୍ଟିନା ଟାଇଟଲ ବିଜୟୀ ହୋଇଥିଲା ।୨୦୨୩ରେ ଗତ ସଂସ୍କରଣ କୁଆଲାଲମ୍ପୁରରେ ଖେଳାଯାଇଥିଲା ଏଥିରେ ଭାରତ ସେମିଫାଇନାଲ ଓ ବ୍ରୋଞ୍ଜ ପଦକ ପ୍ଲେଅଫ୍ ହାରି ଚତୁର୍ଥ ସ୍ଥାନରେ ରହିଥିଲା।

# ‘ରୋହିତଙ୍କୁ ପ୍ରତିଦିନ ୨୦ କି.ମି. ଦୌଡ଼ାଇଥାନ୍ତି...’

ନୂଆଦିଲ୍ଲୀ, ୨୮।୩: ମହାନ ମହେନ୍ଦ୍ର ସିଂହ ଧୋନିଙ୍କ ବ୍ୟତୀତ ରୋହିତ ଶର୍ମାଙ୍କ ଟିମ୍ ଇଣ୍ଡିଆରେ ଦ୍ୱିତୀୟ ସଫଳ ଅଧିନାୟକ ଧୋନିଙ୍କ ନେତୃତ୍ୱରେ ଭାରତୀୟ ଦଳ ତିନୋଟି ଆଇସିସି ଟ୍ରଫି ଉଠାଇଛି । ସେହିପରି ରୋହିତଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ। ଦୁଇଟି ଆଇସିସି ଇଭେଣ୍ଟରେ ସଫଳତା ପାଇଛି ରୋହି ଟି-ଟ୍ୱେଣ୍ଟି ବିଶ୍ୱକପ ଏବଂ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ଭାରତକୁ ଚାମ୍ପିଅନ୍ କରାଇଛନ୍ତି ଫ ଆଇସିସି ଚାମ୍ପିଅନ୍ସ ୨୦୨୫ ଫାଇନାଲ୍ ପରେ



ଦିନିକିଆରେ ରୋହିତ ଶର୍ମାଙ୍କ ଅବସରକୁ ନେଇ ଚର୍ଚ୍ଚା ହେଉଥିଲା ମାତ୍ର ଏଥିରେ ସେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହେଲେ କ୍ରିକେଟ ବିଶେଷଜ୍ଞ ତାଙ୍କ କ୍ୟାରିୟରକୁ ନେଇ ବିଭିନ୍ନ ପ୍ରକାରର ଅଟକଳ ଲଗାଉଛନ୍ତି ଫ ଏହାର ଭିତରେ ଟିମ୍ ଇଣ୍ଡିଆର ପୂର୍ବତନ ଅଲରାଉଣ୍ଡର ଯୁବରାଜ ସିଂହଙ୍କ ପିତା ଯୋଗରାଜ ସିଂହ ରୋହି ଶର୍ମା ଓ ବିରାଟ୍ କୋହଲିଙ୍କୁ ନେଇ ମଜାଳିଆ। ଟିପ୍ପଣୀ ଦେଇଛନ୍ତି ।

ତରୁଣ କୋହଲିଙ୍କ ପୋଡ୍‌କାଷ୍ଟରେ ଯୋଗରାଜ ସିଂହ କହିଛନ୍ତି, ଯଦି ମୁଁ ଟିମ୍ ଇଣ୍ଡିଆର କୋଚ୍ ହୋଇଥାନ୍ତି, ତେବେ ଦୁଇ ବରିଷ୍ଠ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ସଠିକ୍ ଭାବେ ଉପଯୋଗ କରି ଭାରତୀୟ ଦଳକୁ ଶୀର୍ଷରେ ପହଞ୍ଚାଇଥାନ୍ତି ଇଣ୍ଡିଆ। ସବୁବେଳେ ଅଜେୟ ହୋଇରହିବ ଦୁଇ ବରିଷ୍ଠ ଖେଳାଳିଙ୍କ କ୍ଷମତାକୁ କେହି ପରଖି ନାହାନ୍ତି କାହିଁକି ସେମାନଙ୍କୁ ଟିମରୁ ବାହାର କରିବାକୁ ସବୁବେଳେ ପ୍ରସ୍ତୁତ ରହୁଛନ୍ତି ? ରୋହିତଙ୍କୁ ହଟାଓ, କୋହଲି ହଟାଓ, କିନ୍ତୁ କାହିଁକି ? ସେମାନେ ଏବେ ତାଙ୍କ କ୍ରିକେଟ୍ କ୍ୟାରିୟର ଅନ୍ତିମ ପର୍ଯ୍ୟାୟରେ ରହିଛନ୍ତି ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ମୁଁ ନିଜ ପୁଅ ଭଳି ଭାବୁଛି ଏବଂ ସବୁବେଳେ ସେମାନଙ୍କ ସାଥିରେ ରହିଛି ।

ଯୋଗରାଜ ସିଂହ ମଜାଳିଆ। ଢଙ୍ଗରେ କହିଛନ୍ତି, ଚାଲ ରଣଜୀ ଟ୍ରଫି ମ୍ୟାଚ୍ ଖେଳିବା ମୁଁ ରୋହି ଶର୍ମାଙ୍କୁ ପ୍ରତିଦିନ ୨୦ କିଲୋମିଟର ଦୌଡ଼ିବାକୁ କହିବି ମୁଁ ଟିମ୍ ଇଣ୍ଡିଆର ଦୁଇ ବରିଷ୍ଠ ଖେଳାଳିଙ୍କୁ ପସନ୍ଦ କରୁଛି ଫ ଏମାନେ ହିରୋ, କୌଣସି ବ୍ୟକ୍ତି ତାଙ୍କୁ ବାହାର କରିବାକୁ କହିବେ ନାହିଁ । ମୁଁ ତାଙ୍କୁ ପୁଅ ଭଳି ବନେଇବି ଯୁବରାଜ ସିଂହ ଏବଂ ବାକି ଖେଳାଳିଙ୍କ ମଧ୍ୟରେ କୌଣସି ଅନ୍ତର ନାହିଁ ଏପରିକି ମହେନ୍ଦ୍ର ସିଂହ ଧୋନିଙ୍କ ମଧ୍ୟରେ ମଧ୍ୟ କୌଣସି ପାର୍ଥକ୍ୟ ନାହିଁ । କିନ୍ତୁ ଯାହା ଭୁଲ୍ ତାହା ସବୁବେଳେ ଭୁଲ୍ ବୋଲି କହିଛନ୍ତି ଯୋଗରାଜ ସିଂହ ।

# କ୍ୱାର୍ଟର ଫାଇନାଲ ସୂଚୀ ଚୂଡ଼ାନ୍ତ: ଅସ୍ମିତା ରାଜ୍ୟ ହକି

ରାଉରକେଲା: ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଅସ୍ମିତା ରାଜ୍ୟ ହକି ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ସୂଚୀ ଚୂଡ଼ାନ୍ତ ହୋଇଯାଇଛି ଉପକନିଷ୍ଠ ବାଳିକା ବର୍ଗରେ ସୁନ୍ଦରଗଡ଼, ପାନପୋଷ କ୍ରୀଡ଼ା ଛାତ୍ରାବାସ, ଖୋର୍ଦ୍ଧା ଓ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ କ୍ୱାର୍ଟରଫାଇନାଲ ପ୍ରବେଶ କରିଥିବାବେଳେ କନିଷ୍ଠରେ ସୁନ୍ଦରଗଡ଼, ଦେବଗଡ଼, ଖୋର୍ଦ୍ଧା ଓ ଏସ୍ଏମ୍ଏସ୍ ହକି ଏକାଡେମୀ କ୍ୱାର୍ଟରଫାଇନାଲ ସ୍ଥାନ ସୁରକ୍ଷିତ କରିଛି।

ଶୁକ୍ରବାର ଉଭୟ ବର୍ଗର ୪ଟି ଲେଖାଏ, ମୋଟ୍ ୮ଟି ମ୍ୟାଚ୍ ଖେଳାଯାଇଥିଲା ଉପକନିଷ୍ଠ ବର୍ଗରେ ସମ୍ବଲପୁର ୪-୦ ଗୋଲରେ ଝାରସୁଗୁଡ଼ାକୁ ପରାସ୍ତ କରିଥିବାବେଳେ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ ୯-୨ ଗୋଲରେ ଗାଙ୍ଗପୁର ସ୍ପୋର୍ଟ୍ସ ଆସୋସିଏସନ ଏବଂ ଖୋର୍ଦ୍ଧା ୪-୨



ଗୋଲ୍‌ରେ କିଟ୍/କିସ୍‌କୁ ପରାସ୍ତ କରିଛି ।ତେବେ ପାନପୋଷ କ୍ରୀଡ଼ା ଛାତ୍ରାବାସ ଓ ସୁନ୍ଦରଗଡ଼ ବିପକ୍ଷ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି।

ସେହିଭଳି କନିଷ୍ଠ ବର୍ଗରେ ସୁନ୍ଦରଗଡ଼ ୬-୦ ଗୋଲରେ ଦବଗଡ଼ ଓ ଖୋର୍ଦ୍ଧା ୧୨-୦ ଗୋଲରେ ଏସ୍ଏମ୍ଏସ୍ ହକି ଏକାଡେମୀକୁ ପରାସ୍ତ କରିଛି ଏହି ବର୍ଗର ଅନ୍ୟ ଦୁଇଟି ମ୍ୟାଚ୍ କଳାହାଣ୍ଡି ଓ ଢେଙ୍କାନାଳ ଏବଂ ଯାଜପୁର ଓ ଗଞ୍ଜାମ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା ଉଲ୍ଲେଖଯୋଗ୍ୟ, ଶୁକ୍ରବାର ଖେଳାଳିଙ୍କୁ ବିଶ୍ରା ଦିଆଯାଇଛି ।ଶନିବାର ଉଭୟ ବର୍ଗର ସେମିଫାଇନାଲ ଓ ରବିବାର ଫାଇନାଲ ମ୍ୟାଚ୍ ଖେଳାଯିବ।

# ଜାତୀୟ ରେକର୍ଡ ଭାଙ୍ଗିଲେ ଗୁରିନ୍ଦରବୀର

ବେଙ୍ଗାଲୁରୁ, ୨୮।୩: ଗୁରିନ୍ଦରବୀର ସିଂ ରେକର୍ଡ ବୁକ୍‌ରେ ସ୍ଥାନ ପାଇଛନ୍ତି ବେଙ୍ଗାଲୁରୁରେ ଚାଲିଥିବା ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ସେ ୧୦.୨୦ ସେକେଣ୍ଡ ଟାଇମିଂରେ ପୁରୁଷ ୧୦୦ ମିଟର ନୂଆ। ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି।



ପଞ୍ଜାବର ଏହି ୨୪ ବର୍ଷୀୟ ସ୍ପ୍ରିଣ୍ଟର ମଣିକାନ୍ତ ହୋବ୍‌ଲିଧରଙ୍କ ରେକର୍ଡକୁ ଭାଙ୍ଗି ଦେଇଛନ୍ତି ମଣିକାନ୍ତ ୨୦୨୩ ଅକ୍ଟୋବରରେ ୧୦.୨୩ ଟାଇମିଂରେ ରେକର୍ଡର ଅଧିକାରୀ ହୋଇଥିଲେ ଗୁରିନ୍ଦରବୀରଙ୍କ ପୂର୍ବ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୨୦୨୧ରେ ୧୦.୨୭ ସେକେଣ୍ଡ ରହିଥିଲା। ସେ ୧୦.୨୨ ଟାଇମିଂରେ ସ୍ୱଳ୍ପ ବ୍ୟବଧାନରେ ଦ୍ୱିତୀୟ ସ୍ଥାନରେ ରହିଥିଲେ ଗୁରିନ୍ଦରବୀର ପୂର୍ବରୁ ୨୦୨୧ ଓ ୨୦୨୪ ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପ୍ ସମେତ ୨୦୨୪ ଫେଡେରେଶନ କପ୍‌ରେ ୧୦୦ ମିଟରରେ ସ୍ୱର୍ଣ୍ଣ ଜିତିଛନ୍ତି।

# ଲକ୍ଷ୍ନୌଠୁ ହାରିଲା ହାଇଦ୍ରାବାଦ

ହାଇଦ୍ରାବାଦ, ୨୮।୩: ଚଳିତ ଆଇପିଏଲ୍‌ରେ ଋଷଭ ପନ୍ତଙ୍କ ନେତୃତ୍ୱାଧୀନ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଗୁରୁବାର ୫ ୱିକେଟ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ହରାଇ ପ୍ରଥମ ବିଜୟ ପାଇଛି। ୧୯୧ ରନ୍‌ର ବିଜୟ ଲକ୍ଷ୍ୟକୁ ଏହି ଦଳ ୨୩ ବଲ୍ ପୂର୍ବରୁ ୫ ୱିକେଟ୍ ହରାଇ ହାସଲ କରି ନେଇଥିଲା ନିକୋଲାସ ପୂରନ (୭୦, ୨୬ ବଲ୍, ୬ ଚୌକା, ୬ ଛକା)ଙ୍କ ବିସ୍ଫୋରକ ପାଳି ବଳରେ ଲକ୍ଷ୍ନୌ ଏହି ସହଜ ବିଜୟ ପାଇଥିଲା। ଏପରିକି ପୂରନ ୧୮ ବଲ୍‌ରୁ ଅର୍ଦ୍ଧଶତକ ଅର୍ଜନ କରି ଚଳିତ ଆଇପିଏଲ୍‌ରେ ଦ୍ରୁତତମ ହୋଇଥିଲେ ପୂରନ ଓ ମିଚେଲ ମାର୍ସ ଦ୍ୱିତୀୟ ୱିକେଟ୍‌ରେ ୧୧୬ ରନ୍‌ର ଭାଗୀଦାରି ଗଢ଼ିଥିଲେ। ତାଙ୍କ ପରେ ମାର୍ସ (୫୨, ୩୧ ବଲ୍, ୭ ଚୌକା, ୨ ଛକା) ପ୍ୟାଭିଲିୟନ ଫେରିଥିଲେ




ଶେଷରେ ଅବଦୁଲ୍ ସମଦ (୮ ବଲ୍‌ରୁ ୨୨ଅ) ଓ ଡେଭିଡ ମିଲର (୭ ବଲ୍‌ରୁ ୧୩ଅ) ବିଜୟ ମୁଣ୍ଡି ମାରିଥିଲେ।

ପୂର୍ବରୁ ଗତ ମ୍ୟାଚ୍‌ରେ ୨୮୬/୬ କରିଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ ଗୁରୁବାର ନିଜ ଘରୋଇ ପଡ଼ିଆରେ ଆରମ୍ଭରୁ ଝୁଣ୍ଟିଥିଲା। ଶାର୍ଦ୍ଦୁଳ ଠାକୁର (୪-୦-୩୪-୪)ଙ୍କ ଘାତକ ବୋଲିଂକୁ ସାମ୍ନା କରି ନପାରି ଏହି ଦଳ ୧୯୦/୯ରେ ଅଟିକି ଯାଇଥିଲା ଆରମ୍ଭରୁ ୧୫ ରନ୍‌ରେ ୨ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା ଘରୋଇ ଦଳ ହେଲେ ଟ୍ରାଭିସ୍ ହେଡ୍, ଅନିକେତ ବର୍ମା, ନୀତୀଶ କୁମାର ରେଡ୍ଡୀ, ହେନରିକ୍ କ୍ଲାସେଁ ଓ ପ୍ୟାଟ୍ କମିନ୍ସ ଉପଯୋଗୀ ପାଳି ଖେଳିବାରୁ ଦଳ ୨୦୦ ରନ୍‌ର ନିକଟତର ହୋଇପାରିଥିଲା।

ସଂକ୍ଷିପ୍ତ ସ୍କୋର୍: ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ-୧୯୦/୯ (ଟ୍ରାଭିସ ହେଡ୍ ୪୭, ଅନିକେତ ବର୍ମା ୩୬, ନୀତୀଶ କୁମାର ରେଡ୍ଡୀ ୩୨, ହେନରିକ୍ କ୍ଲାସେଁ ୨୬, ପ୍ୟାଟ୍ କମିନ୍ସ ୧୮, ଶାର୍ଦ୍ଦୁଳ ଠାକୁର ୪/୩୪) ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ୧୬.୧ ଓଭରରେ-୧୯୩/୫ (ନିକୋଲାସ ପୂରନ ୭୦, ମିଚେଲ ମାର୍ସ ୫୨, ଅବ୍‌ଦୁଲ ସମଦ ୨୨ଅ, ପ୍ୟାଟ୍ କମିନ୍ସ ୨/୨୯)।

# ସ୍ପିନ୍ ବୋଲିଂ ପ୍ରଶିକ୍ଷକ ଖୋଜୁଛି ବିସିସିଆଇ

ନୂଆଦିଲ୍ଲୀ: ସ୍ପିନ୍ ବୋଲିଂ ପ୍ରଶିକ୍ଷକ ପାଇଁ ବିସିସିଆଇ ଆବେଦନ ଆମନ୍ତ୍ରଣ କରିଛି ବାସ୍ତବରେ ବିସିସିଆଇର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସେଲେନ୍ସ ପାଇଁ ଜଣେ ସ୍ପିନ୍ ବୋଲିଂ ପ୍ରଶିକ୍ଷକ ଆବଶ୍ୟକ କରୁଛି ଏଥିପାଇଁ ବିସିସିଆଇ ଏକ ଆଡ଼ଭାଇଜାରୀ ଜାରି କରିଛି ଏଥିରେ କୁହାଯାଇଛି ଯେ ଜଣେ ସ୍ପିନ୍ ବୋଲିଂ ପ୍ରଶିକ୍ଷକ ପାଇଁ କ’ଣ ଆବଶ୍ୟକ ? ପ୍ରକୃତରେ, ବାଙ୍ଗାଲୋରସ୍ଥିତ ସେଣ୍ଟରରେ, ଭାରତୀୟ ସିନିୟର ଦଳ ବ୍ୟତୀତ, ଭାରତ-ଏ, ଭାରତ ୧୯ ବର୍ଷରୁ କମ୍, ଭାରତ ୨୩ ବର୍ଷରୁ କମ୍, ଭାରତ ୧୬ ବର୍ଷରୁ କମ୍, ଭାରତ ୧୫ ବର୍ଷରୁ କମ୍, ରାଜ୍ୟ ଦଳ ଏବଂ ଅନ୍ୟାନ୍ୟ ଦଳର ସ୍ପିନରମାନଙ୍କ ଦକ୍ଷତା ଉନ୍ନତ କରିବା ଉପରେ କାର୍ଯ୍ୟ କରାଯାଏ।

ସେଣ୍ଟର ଅଫ୍ ଏକ୍ସଲେନ୍ସରେ କଣ ଦାୟିତ୍ୱ ରହିବ ?

୧- ଖେଳାଳିମାନଙ୍କ ପାଇଁ ତାଲିମ ଅଧିବେଶନର ବ୍ୟବସ୍ଥା। ୨- ଖେଳାଳିମାନଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ବ୍ୟକ୍ତିଗତ ବୈଷୟିକ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ। ୩- ସମସ୍ତ ଖେଳାଳିଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ଉପରେ ନଜର ରଖିବା।୪- ଅନ୍ୟ ବିଶେଷଜ୍ଞ ପ୍ରଶିକ୍ଷକ, ଚୟନକର୍ତ୍ତା ଏବଂ ସହାୟକ କର୍ମଚାରୀଙ୍କ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରିବା ଯାହା ଦ୍ୱାରା ଖେଳାଳିମାନଙ୍କ ପ୍ରତିଭା ବୃଦ୍ଧି ପାଇପାରିବ। ୫- ଆଜିର ଆଧୁନିକ ପ୍ରଯୁକ୍ତିବିଦ୍ୟାର ଉତ୍ତମ ବ୍ୟବହାର

ଏଥିପାଇଁ କେଉଁ ଯୋଗ୍ୟତା ଏବଂ ଅଭିଜ୍ଞତା ଆବଶ୍ୟକ ?

୧- ଏଥିପାଇଁ ଆବେଦନକାରୀ ପୂର୍ବତନ ଭାରତୀୟ ଖେଳାଳି ହୋଇଥିବେ କିମ୍ବା ପ୍ରଥମ ଶ୍ରେଣୀ ସ୍ତରରେ ଅତି କମରେ ୭୫ଟି ମ୍ୟାଚ୍ ଖେଳିଥିବା ଆବଶ୍ୟକ ଏଥିପାଇଁ, ଗତ ୭ ବର୍ଷ ମଧ୍ୟରେ ଅତି କମରେ ୩ ବର୍ଷର ପ୍ରଶିକ୍ଷକ ଅଭିଜ୍ଞତା ଥିବା ଉଚିତ।

# ଗୋଟିଏ ଫୋନକଲରେ ଜିଇଁ ଉଠିଲା କ୍ରିକେଟରଙ୍କ ମଉଳି ଯାଇଥିବା ସବୁସ୍ୱପ୍ନ

ନୂଆଦିଲ୍ଲୀ: ଆଇପିଏଲ ୨୦୨୫ର ସପ୍ତମ ମ୍ୟାଚ୍ ୨୭ ମାର୍ଚ୍ଚରେ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ସନରାଇଜର୍ସ ହାଇଦ୍ରାବାଦ(ଏସଆରଏଚ) ଏବଂ ଲକ୍ଷ୍ନୌ ସୁପରଜାଏଣ୍ଟସ୍(ଏଲଏସଜି) ମଧ୍ୟରେ ଖେଳାଯାଇଥିଲା।

ମ୍ୟାଚ୍‌ରେ ଏଲଏସଜି ଦଳ ପାଞ୍ଚ ୱିକେଟରେ ବିଜୟୀ ହୋଇଥିଲା ଏହି ମ୍ୟାଚ୍ ସମୟରେ ହିରୋ ସାଜିଥିଲେ ଏଲଏସଜିର ସାର୍ଦ୍ଦୁଳ ଠାକୁର ସାର୍ଦ୍ଦୁଳ ଚମତ୍କାର ପ୍ରଦର୍ଶନ କରି ଏବଂ ଚାରି ଓଭରରେ ମାତ୍ର ୩୪ ରନ ଦେଇ ୪ଟି ୱିକେଟ ନେଇଥିଲେ ଯେଉଁଥିପାଇଁ ତାଙ୍କୁ ‘ପ୍ଲେୟାର ଅଫ୍ ଦି ମ୍ୟାଚ୍’ ମନୋନୀତ କରାଯାଇଥିଲା।



ଆଇପିଏଲ-୨୦୨୫ର ମେଗା ନିଲାମରେ କୌଣସି ଫ୍ରାଞ୍ଚାଇଜ୍ ସାର୍ଦ୍ଦୁଳ ଠାକୁରଙ୍କୁ କିଣିବାକୁ ଆଗ୍ରହ ଦେଖାଇ ନଥିଲେ। ଏହାପର ଠାରୁ ସାର୍ଦ୍ଦୁଳଙ୍କ ସବୁ ଆଶ, ସ୍ୱପ୍ନ ପାଣି ଫଟକା ପରି ମେଳାଇ ଯାଇଥିଲା। କେହି ଆଶା କରି ନଥିଲେ ଆଇପିଏଲ ୨୦୨୫ରେ ସାର୍ଦ୍ଦୁଳଙ୍କ ଦମଦାମ ଖେଳ ଦେଖିବାକୁ ମିଳିବ ।କିନ୍ତୁ ଏମିତି ଏକ ସମୟ ଆସିଲା କି ସିଜିନ୍ ଆରମ୍ଭ ହେବା ପୂର୍ବରୁ ଲକ୍ଷ୍ନୌର ଦ୍ରୁତ ବୋଲର ମୋହସିନ ଖାନ ଆହତ ହୋଇ ଯାଇଥିଲେ।

ଆଇପିଏଲ ୨୦୨୫ ପୂର୍ବରୁ ସାର୍ଦ୍ଦୁଳ ରଣଜୀ ଟ୍ରଫିରେ ମୁମ୍ବାଇ ପାଇଁ ଚମତ୍କାର ପ୍ରଦର୍ଶନ କରିଥିଲେ। ଏହା ପରେ ଏଲଏସଜିର ପ୍ରଶିକ୍ଷକ ଜାହିର ଖାନ ସାର୍ଦ୍ଦୁଳଙ୍କୁ ଫୋନ୍ କରି କହିଥିଲେ, ସାର୍ଦ୍ଦୁଳ ତୁମକୁ ବିକଳ୍ପ ଖେଳାଳି ଭାବରେ ଦଳରେ ସାମିଲ କରାଯାଇପାରେ ତେଣୁ ଏଥିପାଇଁ ତୁମେ ପ୍ରସ୍ତୁତ ରହିବା ସହିତ ନିଜର ଫିଟନେସ୍ ପ୍ରତି ସଜାଗ ଥିବ। ସାର୍ଦ୍ଦୁଳଙ୍କୁ ତାଙ୍କ ମୂଳ ମୂଲ୍ୟ ୨ କୋଟି ଟଙ୍କାରେ ଦଳରେ ସାମିଲ କରାଯାଇଛି ଜାହିର ଖାନଙ୍କ ଗୋଟଏ ଫୋନ କଲ ସାର୍ଦ୍ଦୁଳଙ୍କ ଜୀବନକୁ ବଦଳାଇ ଦେଇଥିବା ସହିତ କ୍ରିକେଟରଙ୍କ ମଉଳି ଯାଇଥିବା ସବ ସ୍ୱପ ପଣିଥରେ ଜିଇଁ ଉଠିଛନ୍ତି।

# ଧନଶ୍ରୀଙ୍କ ଜିଦ୍ ପାଇଁ ଭାଙ୍ଗିଗଲା ବିବାହ

ନୂଆଦିଲ୍ଲୀ, ୨୮।୩: କ୍ରିକେଟର ଯୁଜବେନ୍ଦ୍ର ଚହଲ ଓ ଡ୍ୟାନ୍ସର ଧନଶ୍ରୀ ବର୍ମାଙ୍କ ଛାଡପତ୍ରକୁ ନେଇ ସାରା ଦେଶରେ ବେଶ୍ ଚର୍ଚ୍ଚା ହୋଇଥିଲା। ତେବେ କଣ ପାଇଁ ଏହି ଯୋଡ଼ି ଅଲଗା ହୋଇଥିଲେ, ତାହା ଏବେ ବି ଫ୍ୟାନ୍ସଙ୍କ ମଧ୍ୟରେ ପ୍ରଶ୍ନ ହୋଇ ରହିଯାଇଛି। ପରସ୍ପରଙ୍କ ସହମତିରେ ମାର୍ଚ୍ଚ ୨୦ରେ ଦୁହିଁଙ୍କର ଛାଡପତ୍ର ହୋଇଥିଲା । ମାତ୍ର ଏବେ କିନ୍ତୁ କିଛି ଅଲଗା କଥା ସାମ୍ନାକୁ ଆସିଛି । ଦୁହିଙ୍କ ମଧ୍ୟରେ ମତଭେଦ ଥିଲା, ତେଣୁ ସେମାନେ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଏବେ ରିପୋର୍ଟରେ କୁହାଯାଇଛି ।

ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ, ଚହଲ ଓ ଧନଶ୍ରୀଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ନିଜର ରହିବାର ସ୍ଥାନକୁ ନେଇ ଦୁହେଁ ଏକମତ ନଥିଲେ। ସେହି କାରଣରୁ ସେମାନେ ଛାଡପତ୍ର ନେବାକୁ ନିଷ୍ପତ୍ତି ନେଇଥିଲେ। ୨୦୨୦ ଡିସେମ୍ବରରେ ବିବାହ



ପରେ ଧନଶ୍ରୀ ହରିୟାଣାରେ ଚହଲ ଓ ଶାଶୂ-ଶ୍ୱଶୁରଙ୍କ ସହ ରହିବାକୁ ଚାଲି ଯାଇଥିଲେ। କିଛିଦିନ ପରେ ମୁମ୍ବାଇରେ ରହିବାକୁ ଧନଶ୍ରୀ ଇଚ୍ଛା ପ୍ରକାଶ କରିଥିଲେ ହେଲେ ଏହା ଚହଲଙ୍କୁ ପସନ୍ଦ ଆସିନଥିଲା ।ଚହଲଙ୍କୁ ବିବାହ କରିବା ପରେ ଧନଶ୍ରୀ ସ୍ୱାମୀଙ୍କ ପରିବାର ସହ ହରିୟାଣାରେ ରହିଥିଲେ। କାମ ଥିବା ସମୟରେ ଧନଶୀ ମୁମ୍ବାଇ ଯାଉଥିଲେ। ମୁମ୍ବାଇ-ହରିୟାଣାରେ ରହିବାକୁ ନେଇ ସୃଷ୍ଟି ହୋଇଥିବା ଝଗଡ଼ା ସେମାନଙ୍କର ରିଲେସନଶିପକୁ ସମାପ୍ତ କରିଦେଇଥିଲା । ନିଜର ପିତାମାତାଙ୍କ ସହ ଅଲଗା ରହିବାକୁ ଚହଲ ପ୍ରସ୍ତୁତ ନଥିଲେ। ସେ ନିଜ ଘର ପିତାମାତାଙ୍କ ସହ ରହିବାକୁ ଚାହୁଁଥିଲେ । ଆଇପିଏଲ ୨୦୨୫ ଆରମ୍ଭ ହେବାର ଦୁଇଦିନ ପୂର୍ବରୁ ଚହଲ-ଧନଶ୍ରୀଙ୍କ ଛାଡପତ୍ର ହୋଇଥିଲା। କୁହାଯାଇଥିଲା କି ଧନଶ୍ରୀଙ୍କୁ ଭରଣପୋଷଣ ପାଇଁ ୪.୭୫ କୋଟି ଟଙ୍କା ଚହଲ ଦେଇଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ